

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.



ବର୍ଷ- ୧୧ ସଂଖ୍ୟା-୧୬୦ ଭୁବନେଶ୍ୱର ଶନିବାର, ଫେବୃଆରୀ ୨୨.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.160 Bhubaneswar, Saturday, Februarry 22, 2025


## ଆରମ୍ଭ ହେବ 'ସୁଭଦ୍ରା ଶକ୍ତି ମେଳା'



ଭୁବନେଶ୍ୱର, ୨୧/୨ : ବଦଳିପାରେ ମିଶନ ଶକ୍ତି ନାଁ । ମିଶନ ଶକ୍ତି ବିଭାଗ ଆଗାମୀ ଦିନରେ ସୁଭଦ୍ରା ଶକ୍ତି ନାମରେ ନାମିତ ହୋଇପାରେ । ଏନେଇ ପରୋକ୍ଷ ଭାବେ ସୂଚନା ଦେଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ପୂର୍ବରୁ ରାଜ୍ୟ ସରକାର ମିଶନ ଶକ୍ତି ପୁନର୍ଗଠନ ପାଇଁ ଅଣ୍ଟା ଭିଡିଥିବାବେଳେ ଆଜି ଉପମୁଖ୍ୟମନ୍ତ୍ରୀଙ୍କ 'ସୁଭଦ୍ରା ଶକ୍ତି ମେଳା' ସମ୍ପର୍କିତ ସାମ୍ବାଦିକ ସମ୍ମିଳନୀରୁ ମିଶନ ଶକ୍ତି ନାଁ ପରିବର୍ତ୍ତନର ସଙ୍କେତ ମିଳିଛି । ଆସନ୍ତାକାଲିଠୁ ଭୁବନେଶ୍ୱରରେ ଆରମ୍ଭ ହେବ ସୁଭଦ୍ରା ଶକ୍ତି ମେଳା । ଏନେଇ ଉପମୁଖ୍ୟମନ୍ତ୍ରୀ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, SHG ମହିଳାଙ୍କୁ ଲକ୍ଷପତି ଦିଦି ଭାବେ ପ୍ରତିଷ୍ଠିତ କରାଇବା ପାଇଁ ରାଜ୍ୟ ସରକାରଙ୍କ ପ୍ରଥମ ପଦକ୍ଷେପ 'ସୁଭଦ୍ରା ଶକ୍ତି ମେଳା' । ଫେବ୍ରୁଆରୀ ୨୨ (ଆସନ୍ତାକାଲି)ଠାରୁ ଜନତା ମଇଦାନରେ ଲକ୍ଷପତି ଦିଦି 'ସୁଭଦ୍ରା ଶକ୍ତି ମେଳା' ଆରମ୍ଭ ହେବ । ଏହା ମାର୍ଚ୍ଚ ୨ ତାରିଖ ଯାଏଁ ଚାଲିବ । ରାଜ୍ୟ ସରକାରଙ୍କ ଏହା ପ୍ରଥମ 'ସୁଭଦ୍ରା ଶକ୍ତି ମେଳା' । ମାର୍ଚ୍ଚ ୨ ପର୍ଯ୍ୟନ୍ତ ୯ ଦିନି ଧରି ଚାଲିବାକୁ ଥିବା ଏହି ମେଳାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍) ଏବଂ ଉତ୍ପାଦକ ଗୋଷ୍ଠୀ ଅଂଶଗ୍ରହଣ କରିବେ । ୩୦୦ ରୁ ଅଧିକ ଷ୍ଟଲରେ ପ୍ରାୟ ୭୦୦ SHG ମହିଳା ନିଜର ଉତ୍ପାଦ ଓ ଅର୍ଗାନିକ ଜିନିଷ ବିକ୍ରି କରିବେ । ଯାହା ଦର୍ଶକମାନଙ୍କୁ ମିଶନ ଶକ୍ତି ମହିଳାମାନଙ୍କର ସୃଜନଶୀଳତା, ଦକ୍ଷତା ଏବଂ ଉଦ୍ୟୋଗିତା ଦେଖିବାର ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବ । ହସ୍ତଶିଳ୍ପ, ଟେରାକୋଟା, ବାଉଁଶ ଶିଳ୍ପ, ହସ୍ତତନ୍ତ ଏବଂ ଘରୋଇ ଆବଶ୍ୟକୀୟ ସାମଗ୍ରୀଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଏବଂ ୱେଲନେସ୍ ଉତ୍ପାଦ, ଜୈବିକ ଖାଦ୍ୟ ସାମଗ୍ରୀ, ମସଲା, ମିଷ୍ଟାନ୍ନ ଏବଂ ମିଲେଟ୍-ଭିତ୍ତିକ ବ୍ୟଞ୍ଜନ ପର୍ଯ୍ୟନ୍ତ, ଉଚ୍ଚ ଗୁଣବତ୍ତା ଏବଂ ଦୀର୍ଘସ୍ଥାୟୀ ଉତ୍ପାଦଗୁଡ଼ିକ ପ୍ରଦର୍ଶିତ ହେବ । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଦର୍ଶକମାନେ, ମହିଳା ଉଦ୍ୟୋଗୀମାନଙ୍କଠାରୁ ସିଧାସଳଖ ହାତ ତିଆରି ଉତ୍ପାଦ କ୍ରୟ କରିବାର ସୁଯୋଗ ପାଇବେ, ଯାହା ସେମାନଙ୍କର ଆର୍ଥିକ ସଶକ୍ତିକରଣରେ ମଧ୍ୟ ସହାୟକ ହେବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । କହିରଖୁଛୁ କି, ନିକଟରେ ରାଜ୍ୟ ସରକାର ମିଶନ ଶକ୍ତି ବିଭାଗର ପୁନର୍ଗଠନ ପାଇଁ ନିଷ୍ପତ୍ତି ନେଇଥିଲେ । ମିଶନ ଶକ୍ତି ଅଧିନରେ ଥିବା ସମସ୍ତ ପ୍ରଶାସନିକ ସଂଗଠନ, କାର୍ଯ୍ୟକାରୀ କମିଟି ଓ ସବ-କମିଟିର ପର୍ଯ୍ୟାୟକ୍ରମେ ପୁନର୍ଗଠନ ହେବ । ପ୍ରତ୍ୟେକ ପ୍ରଶାସନିକ କମିଟିର କାର୍ଯ୍ୟକାଳ ୩ ବର୍ଷ ରହିବ । ଏପରି ସ୍ଥଳେ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସୁଭଦ୍ରା ଶକ୍ତି ମେଳା ଘୋଷଣା ରାଜ୍ୟରେ ମିଶନ ଶକ୍ତିର ନାମ ପରିବର୍ତ୍ତନ ଆଡକୁ ସୂଚୀତ କରୁଛି ।

# 'ଖୋଲା ବଜାରରୁ ଋଣ ଆଣୁଛନ୍ତି, ଓଡ଼ିଶାକୁ ନିଲାମ କରିଦେବେ'



ଭୁବନେଶ୍ୱର, ୨୧/୨ : ରାଜ୍ୟ ସରକାର ୨ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଛନ୍ତି । ହେଲେ ଏଥିରେ କେବଳ ବିଭିନ୍ନ ଫ୍ଲାଗସିପ୍ ଯୋଜନା ବାବଦକୁ ଅଧିକ ଅର୍ଥ ବରାଦ ହୋଇଛି । କୃଷକଙ୍କ ଉନ୍ନତି, ମହିଳାଙ୍କୁ ସଶକ୍ତ କରିବାକୁ ଅଧିକ ଅର୍ଥ ବରାଦ ହୋଇନି । ଖୋଲା ବଜାରରୁ ଅଧିକ ଋଣ ଆଣୁଛନ୍ତି । ରାଜ୍ୟ ସରକାର ଋଣ ବାବଦକୁ ସୁଧ ଗଣିଗଣି ଦେବାଳିଆ ହୋଇଯିବେ । ଏମିତି ସ୍ଥିତି ଆସିବ ଓଡ଼ିଶାକୁ ନିଲାମ କରି ଦେଇଯିବେ । ବଜେଟ୍‌ରେ ଯେତିକି ଅର୍ଥ ବରାଦ ହେଉଛି ସେତିକି ଖର୍ଚ୍ଚ କରିପାରୁନାହାନ୍ତି । ଅର୍ଥ ଖର୍ଚ୍ଚ ହୋଇପାରୁନି ମାନେ ରାଜ୍ୟର ପ୍ରଗତି ହେଉନି । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଉପସ୍ଥାପନା ହୋଇଥିବା ବଜେଟ୍ ଉପରେ ଆଲୋଚନାବେଳେ ବିରୋଧୀ ଦଳର ବିଧାୟକମାନେ ଏହିପରି ସରକାରକୁ ଘେରିଛନ୍ତି । ଆଲୋଚନା ଆରମ୍ଭ କରି ବିଜେଡି ବିଧାୟକ ତଥା ପୂର୍ବତନ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ, ସରକାର ଗୁଣାତ୍ମକ ବ୍ୟୟ ପ୍ରତି ଧ୍ୟାନ ଦେବା ଦରକାର । ବର୍ତ୍ତମାନର ସରକାର ଆମଠାରୁ ଏକ ଭଲ ଅର୍ଥନୀତିକୁ ଉତ୍ତରାଧିକାରୀ ସୂତ୍ରରେ ପାଇଛନ୍ତି । ଯେଉଁ ସୁସ୍ଥ ଅର୍ଥନୀତି ଆମେ ଦେଇଛୁ, ତାହାକୁ ଠିକ ଭାବେ ପରିଚାଳନା କରିବା ଆବଶ୍ୟକ । ବର୍ତ୍ତମାନର ସରକାର ତାହାକୁ ତଳକୁ ନ ନିଅନ୍ତୁ । କେନ୍ଦ୍ର ସରକାର ଆନ୍ଧ୍ରପ୍ରଦେଶ ଓ ବିହାରକୁ ହାତଖୋଲା ଅର୍ଥ ଦେଇ ଚାଲିଛନ୍ତି । କିନ୍ତୁ ଡବଲ୍ ଇଞ୍ଜିନ ସରକାରରେ ଆମକୁ କେବଳ ଇଭେଣ୍ଟ୍ ମ୍ୟାନେଜମେଣ୍ଟ କରିବା କାର୍ଯ୍ୟ ମିଳୁଛି । ବଜେଟ୍‌ରେ ଅନେକ ଯୋଜନାରେ ନଗଣ୍ୟ ଅର୍ଥ ବରାଦ କରାଯାଇଛି । ବିଜେଡି ବିଧାୟକ କଳିକେଶ ନାରାୟଣ ସିଂହଦେଓ କହିଥିଲେ, ଗୃହରେ ବଜେଟ୍ ଉପରେ ଆଲୋଚନା ହେଉଛି ଅଥଚ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ କି ଅର୍ଥ ବିଭାଗ ସଚିବ ଗୃହରେ ନାହାନ୍ତି । ଆମେ ଯେଉଁ ପ୍ରଶ୍ନ କରୁଛୁ ତା'ର ଉତ୍ତର କେମିତି ପାଇବୁ । ସରକାର ୨୦୩୬ ସୁଦ୍ଧା ଓଡ଼ିଶାର ଅର୍ଥନୀତିକୁ ୫୦୦ ବିଲିଅନ୍ ଡଲାରରେ ପହଞ୍ଚାଇବା ନେଇ କହୁଛନ୍ତି, ଆସନ୍ତା ୧୦ ବର୍ଷରେ ଏହା ସମ୍ଭବ ହେବ ତ ? ଏବେ ରାଜ୍ୟର ୧୧୩ବିଲିଅନ ଡଲାର ଅର୍ଥନୀତି ଥିବାବେଳେ ୧୦ବର୍ଷରେ ୫୦୦ବିଲିଅନ ଡଲାରରେ ପହଞ୍ଚିବାକୁ ହେଲେ ରାଜ୍ୟର ବାର୍ଷିକ ଅଭିବୃଦ୍ଧି ହାର ୧୪% ହେବା ଦରକାର । ହେଲେ ଆମର ରାଜ୍ୟର ଅଭିବୃଦ୍ଧି ୭%ଅଛି । ବିଜେଡି ୨୪ବର୍ଷରେ ୭୮ହଜାରକୋଟି ଟଙ୍କା ଋଣ କରିଥିଲା । ହେଲେ ବିଜେପି ସରକାର ୯ମାସରେ ୯୧ହଜାର କୋଟି ଟଙ୍କା ଋଣ କଲେଣି । କାହିଁକି କେନ୍ଦ୍ରର ଡବଲ୍ ଇଞ୍ଜିନ ସରକାରଙ୍କ ଠାରୁ ଋଣ ଆଣିଲେନି ସ୍ଥିତି ଏପରି ହେବ ବିଜେପି ସରକାର ଓଡ଼ିଶାକୁ ନିଲାମ କରିଦେବ । ଆପଣଙ୍କ ସରକାର ତ ଯିବ ଯିବ, ଓଡ଼ିଶାର ସୁଦୃଢ଼ ଅର୍ଥନୀତି ବି ପଳାଇବ । ବିଧାୟକ ଗୌତମ ବୁଦ୍ଧ ଦାସ କହିଥିଲେ, ବିଜେଡି ସରକାର ଦୁର୍ବଳ ଆର୍ଥିକ ଅନଗ୍ରସର ରାଜ୍ୟକୁ ଆର୍ଥିକ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିଥିଲା । ରାଜ୍ୟ ସରକାର ୧୪% ସୁଧ ହାରରେ ଖୋଲା ବଜାରରୁ ଋଣ ଆଣୁଛନ୍ତି । ଏବେ ଯେଉଁ ହାରରେ ଋଣ ଆଣୁଛନ୍ତି ୫ବର୍ଷରେ ଏହା ୪ଲକ୍ଷ କୋଟି ଟପି ଯାଇଥିବ । ଓଡ଼ିଶାର ବିକାଶ ହେବା ବଦଳରେ ଋଣଗ୍ରସ୍ତ ହୋଇଯିବ । ବିଜେଡି ପକ୍ଷରୁ ସାରଦା ପ୍ରସନ୍ନ ଜେନା ଆଲୋଚନାରେ ଭାଗ ନେଇ ବଜେଟ୍‌କୁ ବିରୋଧ କରିଥିଲେ । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ବଜେଟ୍‌କୁ ବିରୋଧ କରି କହିଥିଲେ, ବଜେଟ୍‌ରେ ଅର୍ଥ ଦିଆଯାଉଛି, କିନ୍ତୁ ଖର୍ଚ୍ଚ ହୋଇପାରୁନି । ଅର୍ଥ ଖର୍ଚ୍ଚ ହୋଇପାରୁନି ମାନେ ଲୋକଙ୍କର ବିକାଶ ହେଉନି କି ରାଜ୍ୟର ପ୍ରଗତି ହୋଇପାରୁନି । ସରକାର କେବଳ ଖଣିକୁ ଫୋକସ୍ କରୁଛନ୍ତି । ଆଦିବାସୀମାନଙ୍କର ବିକାଶ କରାଯାଉନି । ଡବଲ୍ ? ଇଞ୍ଜିନ ସରକାରର ଲୋଲୁପ ଦୃଷ୍ଟି ଏବେ ଓଡ଼ିଶାର ଖଣିଗୁଡ଼ିକ ଉପରେ ପଡ଼ିଛି । ସେହିପରି ବିଜେପି ନିର୍ବାଚନ ପୂର୍ବରୁ କହୁଥିଲା ଆମେ ସରକାରକୁ ଆସିଲେ ପେସା ଆଇନ୍ ଲାଗୁ କରିବୁ । ସରକାର ଆସିବା ପରେ ୩ଥର ବିଧାନସଭା ଅଧିବେଶନ ବସିଲାଣି । କିନ୍ତୁ ପେସା ଆଇନ ଲାଗୁ କରାଯାଇପାରୁନି । ଯଦି ବିଜେପି ପେସା ଆଇନ୍ ଲାଗୁ କରିବନି, ଆଦିବାସୀମାନଙ୍କୁ ସୁରକ୍ଷା ଦେଇନପାରିଲେ ଆମେ ବଡ଼ ଆନ୍ଦୋଳନ କରିବୁ । କଂଗ୍ରେସ ପକ୍ଷରୁ ବିଧାୟିକା ସୋଫିଆ ଫିରଦୋସ୍ ମଧ୍ୟ ଆଲୋଚନାରେ ଭାଗ ନେଇଥିଲେ । ସିପିଆଇ (ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ମଧ୍ୟ ବଜେଟ୍‌କୁ ବିରୋଧ କରି ବକ୍ତବ୍ୟ ରଖିଥିଲେ । ଶାସକ ଦଳ ସଭ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ, ପୂର୍ବ ସରକାରରେ ବିନା ବ୍ୟୟବରାଦରେ ଦଳୀୟ କର୍ମୀଙ୍କୁ ଖୁସି କରିବା ପାଇଁ ଅର୍ଥ ଦିଆଯାଉଥିଲା । ୫-ଟି ନାମରେ ଏକ ବିଭାଗ ହୋଇଥିଲା । କିନ୍ତୁ ତାହାର କାର୍ଯ୍ୟାଳୟ କେଉଁଠି ଥିଲା, କେହି ଜାଣନ୍ତି ନାହିଁ । ସେହି ୫-ଟି ବ୍ୟବସ୍ଥାରେ ଜଣେ ବ୍ୟକ୍ତି ସବୁ ବାଣ୍ଟୁଥିଲା । ବିଧାୟକମାନେ ତାର ଖେଳଣା ଥିଲେ । ଏବେ ତ ସେଥିରୁ ମୁକ୍ତି ମିଳିଛି । ମହିଳା ସଶକ୍ତୀକରଣ ଓ କୃଷକ ସଶକ୍ତୀକରଣ କେବଳ ନାମକୁ ମାତ୍ର ଥିଲା । କିନ୍ତୁ ବର୍ତ୍ତମାନର ବଜେଟରେ ଏ ଦିଗ ପ୍ରତି ଧ୍ୟାନ ଦିଆଯାଇଛି । ଗୋଟିଏ ସରକାରର ସାମାଜିକ ଇଣ୍ଡେକ୍ସ ବହୁତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ପୂର୍ବ ସରକାରର ସାମାଜିକ ଇଣ୍ଡେକ୍ସ ଥିଲା ନଗଡ଼ାରେ ଅପପୁଷ୍ଟି ଜନିତ ମୃତ୍ୟୁ । ସେମିତି ବିଜୁ ଯୁବ ବାହିନୀ ଯୁବକଙ୍କୁ ଭଣ୍ଡାଇବା ପାଇଁ ଉଦ୍ଦିଷ୍ଟ ଥିଲା । ଏବେ ସରକାର ଚାଷୀ ଓ ମହିଳାଙ୍କ ହିତ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି । ଶାସକ ଦଳ ପକ୍ଷରୁ ଇରାଶିଷ ଆଚାର୍ଯ୍ୟ, ଅମର ନାୟକ, ଦୁଷ୍ମନ୍ତ କୁମାର ସ୍ୱାଇଁ, ସନ୍ତୋଷ ଖଟୁଆ, ପ୍ରତାପ ଚନ୍ଦ୍ର ନାୟକ ଓ ରୁପୁ ଭଦ୍ରା ପ୍ରମୁଖ ଆଲୋଚନାରେ ଭାଗ ନେଇ ବଜେଟ୍‌କୁ ସମର୍ଥନ କରିଥିଲେ । ଆଜି ଆଲୋଚନା ଅସମାପ୍ତ ରହିବାରୁ ଆସନ୍ତାକାଲି ଏହା ଉପରେ ଆଲୋଚନା ହେବ ବୋଲି ଉପବାଚସ୍ପତି କହିଛନ୍ତି ।

## ରାଜ୍ୟରେ କମିଲା ଡ୍ରପ୍ ଆଉଟ୍

ଭୁବନେଶ୍ୱର, ୨୧/୨ : ରାଜ୍ୟରେ କମିଲା ସ୍କୁଲ ଡ୍ରପ୍ ଆଉଟ୍ । ବିଧାନସଭାରେ ଏନେଇ ଉତ୍ତର ରଖିଛନ୍ତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ତାଙ୍କ ସୂଚନା ମୁତାବକ, ୨୦୨୦-୨୧ରେ ୨୧ ଲକ୍ଷ ୯ହଜାର ୭୯୬ ଛାତ୍ରଛାତ୍ରୀ ଥିବା ବେଳେ, ୨୦୨୩ -୨୦୨୪ ରେ ୨୧ ଲକ୍ଷ ୧୦ ହଜାର ୪୯୩ ଛାତ୍ର ଛାତ୍ରୀ ରହିଥିଲେ । ପୂର୍ବାପେକ୍ଷା ଛାତ୍ର ଛାତ୍ରୀଙ୍କ ସଂଖ୍ୟା ବଢ଼ିଛି । ଡ୍ରପ ଆଉଟ କମାଇବାକୁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି । ଏହାସହ ସେ ଆହୁରି ମଧ୍ୟ କହିଛନ୍ତି ଯେ, ୨୪ ଜିଲ୍ଲାରେ ୫୫ ସ୍କୁଲ ରୂପାନ୍ତରଣ ପାଇଁ ୩୦୮୮ କୋଟି ଟଙ୍କା ଦିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ୭୮୧, ଦ୍ୱିତୀୟ ପର୍ଯ୍ୟାୟର ୨୨୬୮ ଓ ତୃତୀୟ ପର୍ଯ୍ୟାୟରେ ୨୦୬୫ ସ୍କୁଲ ପାଇଁ ଆର୍ଥିକ ବ୍ୟବସ୍ଥା କରାଯାଇଥିଲା । ବର୍ତ୍ତମାନ୍ ୭୩୬ ସ୍କୁଲର କାମ ଚାଲିଛି ବୋଲି ସୂଚନା ଦେଇଛନ୍ତି ମନ୍ତ୍ରୀ ।

## ସୁନାର ଓଡ଼ିଶାରେ ପୁଳାପୁଳା ସୁନାଖଣି



ଭୁବନେଶ୍ୱର, ୨୧/୨ : ଓଡ଼ିଶାରେ ପୁଳାପୁଳା ସୁନାଖଣି ! ରାଜ୍ୟର ବିଭିନ୍ନ ସ୍ଥାନରେ ମିଳିଲାଣି ସନ୍ଧାନ । ସରିଲାଣି ସର୍ଭେ । ତେବେ ଏବେ ଖାଲି ଅପେକ୍ଷା ବୈଷୟିକ କମିଟିର ସୁପାରିସକୁ । ଓଡ଼ିଶାର ଦେବଗଡ଼ ଓ କେନ୍ଦୁଝର ଜିଲ୍ଲାରେ ସୁନା ଖଣି ଠାବ ହୋଇଛି । ଦେବଗଡ଼ ଜିଲ୍ଲାର ଆଡ଼ାସ-ରମାପଲ୍ଲୀ ଏବଂ କେନ୍ଦୁଝର ଜିଲ୍ଲାର ଗୋପୁର-ଗଜିପୁର ଅଞ୍ଚଳରେ ସୁନା ଖଣିର ସନ୍ଧାନ ମିଳିଛି । ଏନେଇ ବିଧାନସଭାରେ ଉତ୍ତର ରଖିଛନ୍ତି ଖଣି ମନ୍ତ୍ରୀ ସମ୍ପଦ ସ୍ୱାଇଁ । ମନ୍ତ୍ରୀ କହିଛନ୍ତି, ଅନୁସନ୍ଧାନକାରୀ ସଂସ୍ଥାମାନେ ସୁନାଖଣି ସମ୍ପର୍କରେ ଚୂଡାନ୍ତ ରିପୋର୍ଟ ପ୍ରଦାନ କରିବେ । ପରେ କମିଟିର ସୁପାରିସ କ୍ରମେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ସେପଟେ ଗୃହରେ ମନ୍ତ୍ରୀଙ୍କ ଏହି ବିବୃତିକୁ ନେଇ ସ୍ଥାନୀୟ ବାସିନ୍ଦା ଖୁସି ଜାହିର କରିଛନ୍ତି । କେନ୍ଦୁଝରର ସଲେଇକେନା, ମାଙ୍କଡ଼ ଚୁଆ, ଡ଼ିମିରିମୁଣ୍ଡାରେ OMC ଦ୍ୱାରା ଜି-୪ ସ୍ତରର ସର୍ଭେ କାରାଯାଇଛି । ସେହିପରି ବାଂଶପାଳ ବ୍ଲକର ଜଳଡିହା ଗାଁ ନିକଟ ସୁନାଖଣି ଜଙ୍ଗଲରେ ମିଳିଛି ସୁନାର ସନ୍ଧାନ । ୮୦ ଦଶକରେ ଲୋକଙ୍କ ଦ୍ୱାରା ସୁନା ଖଣି ଜଙ୍ଗଲରେ ବଡ଼ ବଡ଼ ଲମ୍ବା ଟ୍ରେଞ୍ଚ ଖୋଳି ନମୁନା ସଂଗ୍ରହ କରାଯାଉଥିଲା । ପରେ ତାକୁ ଗୁଣ୍ଡ କରି ପରୀକ୍ଷାଗାରକୁ ପଠାଯାଉଥିଲା, ଏବେ ଡ୍ରିଲ ମେସିନରେ ଡ୍ରିଲ କରି ମାଟିତଳୁ ବାହାରୁଥିବା କୋରକୁ କଲିକତା ପରୀକ୍ଷାଗାରକୁ ପଠାଯାଉଛି । ମାଟି ତଳେ କେତେ ପରିମାଣର ସୁନା ରହିଛି ତା'ର ତଥ୍ୟ GSI ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ । କିନ୍ତୁ ଏବେ ବି ୨ଟି ମେସିନ ସୁନା ଖଣି ଜଙ୍ଗଲରେ ସୁନାର ସନ୍ଧାନରେ ନିୟୋଜିତ ହୋଇଛି । ଆଉ କିଛି ଦିନ ପରେ ଜି-୨ ସ୍ତରର ସର୍ଭେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସୂଚନା ଦିଆଯାଇଛି

## ବିଧାନସଭାରେ ଉଠିଲା କଟକ ବାଲିଯାତ୍ରାରେ ଅବ୍ୟବସ୍ଥା ପ୍ରସଙ୍ଗ

ଭୁବନେଶ୍ୱର, ୨୧/୨ : ବିଧାନସଭାରେ କଟକ ବାଲିଯାତ୍ରାରେ ଉଠିଲା ଅବ୍ୟବସ୍ଥା ପ୍ରସଙ୍ଗ । ମାହାଙ୍ଗାର ବିଜେପି ନେତା ତଥା ସ୍ୱାଧୀନ ବିଧାୟକ ଶାରଦା ପ୍ରଧାନ ଗତବର୍ଷ ବାଲିଯାତ୍ରାରେ ଜିଲ୍ଲା ପ୍ରଶାସନର ଅବ୍ୟବସ୍ଥା ନେଇ ଅଭିଯୋଗ ଉଠାଇଥିଲେ । ଗଣକବି ବୈଷ୍ଣବ ପାଣି ମଞ୍ଚରେ ରେକର୍ଡ଼ ଡାନ୍ସ ହୋଇଥିବାରୁ ସେ ଆପତ୍ତି ଉଠାଇଥିଲେ । ଏହା ଓଡ଼ିଆ ଅସ୍ମିତା ପ୍ରତି ଅପମାନ । ଏପରିକି କଟକ ଜିଲ୍ଲାର ବିଧାୟକ ହୋଇଥିବା ସତ୍ତ୍ୱେ ତାଙ୍କୁ ଉପେକ୍ଷିତ କରାଯାଇଥିବା ସେ ଅଭିଯୋଗ କରିଛନ୍ତି । ନିଲାମ ପ୍ରକ୍ରିୟା ବି ସ୍ୱଚ୍ଛ ନଥିଲା । ଏହାର ଯାଞ୍ଚ ପାଇଁ ସେ ଦାବି କରିଛନ୍ତି । କଟକ ବାରବାଟୀ ବିଧାୟକ ସୋଫିଆ ଫିର୍ଦୋସ ମଧ୍ୟ ନିଲାମ ପ୍ରକ୍ରିୟାକୁ ନେଇ ଆପତ୍ତି ଉଠାଇଥିଲେ । ଏହାକୁ ଉଚ୍ଛେଦ କରିବାକୁ ସେ ଦାବି ଉଠାଇଲେ । ନିଲାମ ପ୍ରକ୍ରିୟା ବନ୍ଦ ନହେଲେ ବାଲିଯାତ୍ରାର ମାନ ହ୍ରାସ ପାଉଛି । ଅନ୍ୟପଟେ ବାଙ୍କୀ ବିଧାୟକ ଦେବୀରଂଜନ ତ୍ରିପାଠୀ ବାଲିଯାତ୍ରାରେ ତାରକସି ଷ୍ଟଲକୁ ସ୍ଥାନ ଓ ଜାତୀୟ ମାନ୍ୟତା ପାଇଁ ଦାବି କରିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ ବହୁ ଉଦ୍ୟମ କରିଥିଲେ ।

# କାହା ଛତ୍ରଛାୟା ତଳେ କିଟ୍ ସାମ୍ରାଜ୍ୟ

# ଇଡ୍‌କୋ କାନ୍ଧରେ ବନ୍ଧୁକ ରଖି ଏକର ଏକର ହଡ଼ପ



## କୌଶଳରେ ଏକର ଏକର ସରକାରୀ ଜମି ଅକ୍ତିଆର କରିଥିଲା ବିବାଦୀୟ କିଟ୍

ଭୁବନେଶ୍ୱର, ୨୧/୨ : କିଟ୍ ବିରୋଧରେ ଜମି କେଳେଙ୍କାରୀର ପୁଳା ପୁଳା ପ୍ରମାଣ ମିଳିବାରେ ଲାଗିଛି । ପୂର୍ବତନ ବିଜେଡି ସରକାର ସମୟରେ ଆଇନକୁ ଦଳି ମକଚି କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶାଗ ମାଛ ଦରରେ କେମିତି ଏକର ଏକର ଜମି ଅକ୍ତିଆର କରିଥିଲେ । ଏହାର ତଥ୍ୟ ଖୋଳି ବାହାର କରିଛନ୍ତି RTI କର୍ମୀ । ଏମିତିକି ଯେଉଁ ଜମି ଉପରେ କିଟ୍ ଆଖି ପକାଏ ତାକୁ ପ୍ରଥମେ ବଳ ପୂର୍ବକ ଦଖଲକୁ ନିଏ । ପରେ ସରକାରୀ ସଂସ୍ଥା ଇଡକୋ କାନ୍ଧରେ ବନ୍ଧୁକ ରଖି ସେହି ଜମିକୁ ନିଜ ନାଁକୁ ନେଇଯାଏ । ଏହାର ପ୍ରମାଣ ନିଜେ ଦେଇଛି କିଟ୍ । ୨୦୧୪ ରେ ଖୋଦ୍ ସିଏଜି ମଧ୍ୟ କିଟ୍ ଜମି କେଳେଙ୍କାରୀ କଥା ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ । ଏହି ତଥ୍ୟ ବିଧାନସଭାରେ ମଧ୍ୟ ଉପସ୍ଥାପିତ ହୋଇଥିଲା । ଏବେ ପୁଣି ସେ ସବୁ କେଳେଙ୍କାରୀର ଫର୍ଦ୍ଦ ଖୋଲିବା ପରେ ଶିଳ୍ପମନ୍ତ୍ରୀ କହିଛନ୍ତି ସବୁ ଅଭିଯୋଗର ତଦନ୍ତ ହେବ । କିଟ୍ ଯେଉଁ ଜମି ଉପରେ ଆଖି ପକାଏ ତାକୁ ନିଜର କରିନିଏ । ୩୧ ମାର୍ଚ୍ଚ ୨୦୦୮ର ଏକ ଚିଠିରୁ ମିଳିଥିବା ପ୍ରମାଣ ଅନୁଯାଇ ଇଡକୋ କାନ୍ଧରେ ବନ୍ଧୁକ ରଖି ଏକର ଏକର ସରକାରୀ ଜମି ଅକ୍ତିଆର କରିଛି ଏହି ଘରୋଇ ଶିକ୍ଷା ଅନୁଷ୍ଠାନ । ଇଡକୋର ଡିଭିଜନାଲ ମୁଖ୍ୟଙ୍କୁ କିଟ୍ ଇଷ୍ଟେଟ୍ ଆଣ୍ଡ ଏଷ୍ଟାବ୍ଲିସମେଣ୍ଟ ଅଧିକାରୀ ଲେଖିଥିବା ଚିଠିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ, ନିଜେ କିଟ୍ କେମିତି ୫ ଏକର ଇଡକୋ ଜମିକୁ ନିଜେ ଜବରଦଖଲ କରିଛି । ପରେ ଏହି ଜମିକୁ ଚଂଚକତା କରି ନିଜ ଅକ୍ତିଆରକୁ ନେବାକୁ ଇଡକୋକୁ ମୋହରା କରିଛି । କିଟ୍ ପ୍ରତିଷ୍ଠାତା ତଥା ପୂର୍ବତନ ବିଜେଡି ସାଂସଦ ଅଚ୍ୟୁତ ସାମନ୍ତ ଜମି ହାତେଇବା କଳାରେ ପୁରା ମାହିର ବୋଲି ଅଭିଯୋଗ ହୋଇଛି । ୨୦୦୮ରେ ଆରଟିଆଇରୁ ମିଳିଥିବା ତଥ୍ୟ ଅନୁସାରେ କିଟ୍ ନ୍ୟାସନାଲ ଲ-ସ୍କୁଲ ପାଇଁ ୫ ଏକର ଜମି ସହ ଜବର ଦଖଲ କରି ରଖିଥିବା ଆଉ କିଛି ଜମିରେ ଗଛ ଲଗାଇବାକୁ ସଂସ୍ଥା ଆବେଦନ କରିଥିଲା । ଏହାସହ ଉକ୍ତ ଜମିକୁ ଏକକାଳୀନ କ୍ଷମା ସୂତ୍ରରେ ଦେବାକୁ ଅତି ଚାଲାକି କରି ସରକାରଙ୍କୁ ନିବେଦନ ବି କରିଥିଲା । ପୂର୍ବ ସରକାର ବଳରେ ବଳିଆନ ଅଚ୍ୟୁତ ଏଣ୍ଡ କୋ ସବୁ କାମ ଅତି ସହଜରେ ଜମି ହାସଲ କରି ନେଉଥିଲା ବୋଲି ଅଭିଯୋଗ କରିଛନ୍ତି ସୂଚନା ଅଧିକାର କର୍ମୀ ଓ କିଟ୍ ର ପୁରାତନ ଛାତ୍ର । ଜଙ୍ଗଲ ଜମି ସହ ଶିଳ୍ପ ନାଁରେ ରାଜ୍ୟ ସରକାରଙ୍କୁ ଚୂନ ଲଗାଇ ଅଧିଗ୍ରହଣ ହୋଇଛି କୋଟି କୋଟି ଟଙ୍କାର ମୂଲ୍ୟବାନ ଜମି । କେଳେଙ୍କାରୀ ବେଧଡ଼କ୍ ଚାଲିଥିଲେ ମଧ୍ୟ ଆଖି ବନ୍ଦ କରିଦେଇଥିଲେ ପୂର୍ବ ବିଜେଡି ସରକାର । ଅଚ୍ୟୁତ ସାମନ୍ତ ନିଜ ସଂସ୍ଥା ନାଁରେ ଇଡକୋଠୁ ୨୦୧୨ ମସିହାରେ ହାତେଇ ଥିଲେ ୮୯ ଏକର ଜମି । ବଡ଼ କଥା ହେଲା ସରକାରଙ୍କଠୁ ପାଇଥିବା ଜମିରୁ ମାତ୍ର ୭ ଏକର ଜମି କିଟ୍‌କୁ ଆଲଟମେଣ୍ଟ କରାଯାଇଥିଲା । ବାକି ୮୨ ଏକର ଜମିକୁ ବେଆଇନ୍ ଭାବେ ଦଖଲ କରାଯାଇଥିଲା । ଆଉ ପରେ ତାକୁ ରେଗୁଲାରାଇଜ୍ କରାଯାଇଥିଲା । ଯାହାର ବଜାର ମୂଲ୍ୟ ସେତେବେଳେ ଥିଲା ଅଢେଇ ଶହ କୋଟିରୁ ଅଧିକ । କିନ୍ତୁ ଶାଗ ମାଛ ଦରରେ ଏହାକୁ ନିଜ ନାଁକୁ ହାତେଇଥିଲା ନେଇଥିଲା କିଟ୍ । ସେତେବେଳେ ସିଏଜି ଏହି କେଳେଙ୍କାରୀକୁ ଧରିଥିଲେ । ୨୦୧୪ରେ କିଟ୍ ଜମି କେଳେଙ୍କାରୀର ସିଏଜି ରିପୋର୍ଟ ଦସ୍ତାବିଜ୍ ବିଧାନସଭାରେ ଉପସ୍ଥାପନ ବି ହୋଇଥିଲା । ଯେଉଁଥିରେ ଉଲ୍ଲେଖ ଥିଲା ଇଡକୋଠାରୁ ୮୯ ଏକର ଜମି କିଟ୍ ଶିଳ୍ପ ପାଇଁ ନେଇଥିଲା । କିନ୍ତୁ ସେଠି ଶିକ୍ଷାନୁଷ୍ଠାନ ଛିଡ଼ା କରିଥିଲା । ଯେଉଁଥିପାଇଁ ସରକାରୀ ମୂଲ୍ୟରେ ୨୫୨ କୋଟି ୫୪ ଲକ୍ଷ ଟଙ୍କାର କ୍ଷତି ରାଜ୍ୟ ସରକାରଙ୍କୁ ସହିବାକୁ ପଡିଥିଲା ବୋଲି ସିଏଜି ଦର୍ଶାଇଥିଲେ । ଅପରପକ୍ଷେ କିଟ୍ ଜମି ଦଖଲ କେଳେଙ୍କାରୀର ଗୋଟିଏ ପରେ ଗୋଟିଏ ଫର୍ଦ୍ଦ ଖୋଲିବା ପରେ ବଢୁଛି କିଟ୍‌ର ଅଡୁଆ । କିଟ୍ ଜମି କେଳଙ୍କାରୀର ତଦନ୍ତ ହେବ ବୋଲି କହିଛନ୍ତି ଶିଳ୍ପମନ୍ତ୍ରୀ ସଂପଦ ସ୍ୱାଇଁ । ମନ୍ତ୍ରୀ କହିଛନ୍ତି କୌଣସି ପ୍ରକାର ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ । କିଟ୍ ହଷ୍ଟେଲରେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ପଦାକୁ ଆସିବା ପରେ ଏବେ କିଟ୍ ଉପରେ କାର୍ଯ୍ୟାନୁଷ୍ଠାନ ହେବାରେ କାହିଁକି ବିଳମ୍ବ ହେଉଛି ତାର ଏକ କାରଣ ପଦାକୁ ଆସିଛି । ସରକାରୀ ଚାକିରି ସରିବା ପରେ କିଟ୍ ଓ କିସରେ କିଭଳି ମାଳ ମାଳ ଆଇଏଏସ୍, ଆଇପିଏସ ଅଫିସର କାମ କରୁଛନ୍ତି, ଏମିତିକି ପ୍ରଭାବଶାଳୀ ଆଇଏଏସ୍ ଅଫିସରଙ୍କ ପତ୍ନୀ ଓ ସଂପର୍କୀୟ କାମ କରୁଛନ୍ତି ତାର ଗୁମର ପଦାକୁ ଆସିଛି । ଯାହାକୁ ନେଇ ବିଧାନସଭାରେ ବି କଥା ଉଠିଛି । ଶକ୍ତି ଓ ଆଇଟି ସଚିବ ବିଶାଳ ଦେବଙ୍କ ପତ୍ନୀ ଡା. ଶ୍ରୁତି ବିଶାଳ ଦେବ ଏବେ କିଡସରେ ଜଣେ ଦାନ୍ତ ଡାକ୍ତର ଭାବେ କାମ କରୁଛନ୍ତି । ବିଶାଳ ଦେବ ଇଡକୋ ଏମଡି ଥିବାବେଳେ ପ୍ରାୟ ୮୦ ଏକର ସରକାରୀ ଜମିକୁ କିଟକୁ ଯେଉଳି ଲିଜ୍ ଦେଇଥିଲେ, ସେ ନେଇ ଆପତ୍ତି ଉଠାଇଥିଲେ ସିଏଜି । ଆତ୍ମହତ୍ୟା କରିଥିବା ନେପାଳ ଛାତ୍ରୀ ପ୍ରକୃତି ଲାମସାମ୍ ପ୍ରଥମେ କିଟର ଇଣ୍ଟରନେସନାଲ୍ ରିଲେସନ୍ସ ଅଫିସରେ ତାଙ୍କୁ ତାଙ୍କର ବଏଫ୍ରେଣ୍ଡ୍ ହଇରାଣ କରୁଥିବା କଥା ଜଣାଇଥିଲେ । ମାତ୍ର ତାର ସମାଧାନ ହୋଇପାରିନଥିଲା । ଆଉ ସେହି ଇଣ୍ଟରନେସନାଲ୍ ରିଲେସନ୍ସ ଅଫିସର ବର୍ତ୍ତମାନର ଡିଜି ହେଉଛନ୍ତି ଆଇଏଫ୍‌ଏସ୍ ଅଫିସର ଦେବରାଜ ପ୍ରଧାନ । ଦେବରାଜ ପ୍ରଧାନ ପୂର୍ବରୁ ନରୱେ ଆମ୍ବାସଡର ଥିଲେ । କେରଳ କ୍ୟାଡରର ଆଇପିଏସ ଅଫିସର ଥିବା କାହ୍ନୁଚରଣ ମହାଳି ଏବେ କିସର ମହାନିର୍ଦ୍ଦେଶକ ଅଛନ୍ତି । ବର୍ତ୍ତମାନ କିଟ ବିଶ୍ୱବିଦ୍ୟାଳୟର ଚିଫ୍ ପ୍ରୋକଟର ବା ମୁଖ୍ୟ ଶୃଙ୍ଖଳାରକ୍ଷାକାରୀ ଅଫିସର ଥିବା ପ୍ରଦୀପ ପଟ୍ଟନାୟକ ପୂର୍ବରୁ ଭୁବନେଶ୍ୱର କମିଶନରରେଟ ପୁଲିସରେ ଆଡିସନାଲ ଡିସିପି ଥିଲେ । ଅବକାରୀ କମିଶନର ଆଇପିଏସ୍ ଅଫିସର ନରସିଂହ ଭୋଳଙ୍କ ପତ୍ନୀ ଡ. ସୀମା ଗୁପ୍ତା ଭୋଳ ଏବେ କିଟ୍‌ର କଂପ୍ୟୁଟର ସାଇନ୍ସ ବିଭାଗରେ ଆସୋସିଏଟ୍ ପ୍ରଫେସର ଅଛନ୍ତି । ସେହିଭଳି ରାଜ୍ୟ ସରକାରରେ କାର୍ଯ୍ୟ କରୁଥିବା ଜଣେ ଆଇଏଏସ୍ ଅଫିସରଙ୍କ ପତ୍ନୀ କିଟର ଇଣ୍ଟରନେସନାଲ୍ ରିଲେସନ୍ସ ଅଫିସରେ ଡେପୁଟି ଡାଇରେକ୍ଟର ଭାବେ କାମ କରୁଛନ୍ତି । ଅନେକ ବରିଷ୍ଠ ନେତାଙ୍କ ପତ୍ନୀ ଓ ପୁଅ ଝିଅ ମଧ୍ୟ କିଟରେ ଚାକିରି କରୁଛନ୍ତି । ଯେମିତି ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକଙ୍କ ପତ୍ନୀ ଇପସିତା ଶତପଥୀ ଦୀର୍ଘ ବର୍ଷ ହେବ କିଟରେ ମ୍ୟାନେଜମେଣ୍ଟ ପ୍ରଫେସର ଭାବେ କାମ କରୁଛନ୍ତି । ସେହିଭଳି ପୂର୍ବତନ ବିଜେଡି ବିଧାୟକ ଅନୁଭବ ପଟ୍ଟନାୟକ କିଟର ସିଏସ୍ ?ଆର ଡାଇରେକ୍ଟର ଭାବେ କାମ କରୁଛନ୍ତି । ଏ ତାଲିକା ଏମିତି ଖୁବ୍ ଲମ୍ବା । ଏଭଳି ପ୍ରଭାବଶାଳୀ ଲୋକଙ୍କୁ ରଖିଥିବାରୁ କିଟ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା କଷ୍ଟକର ହୋଇପଡୁଛି ବୋଲି କହିଛନ୍ତି ସାମାଜିକ କର୍ମୀ ପ୍ରଦୀପ ପ୍ରଧାନ । ଅନେକ ଆଇଏଏସ୍ ଓ ଆଇପିଏସ୍‌ଙ୍କ ପତ୍ନୀ କିଟରେ କାମ କରୁଛନ୍ତି ବୋଲି କହିଛନ୍ତି କଂଗ୍ରେସ ବିଧାୟକ ତାରାବାହିନୀ ପତି ଓ ବିଜେପି ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ । ରବିବାର ନେପାଳୀ ଛାତ୍ରୀ ପ୍ରକୃତିଙ୍କ ମୃତ୍ୟୁ ପରେ ଯେଭଳି ସେମାନଙ୍କୁ ମାଡ଼ ମାରି ଜବରଦସ୍ତ କଟକର ରେଳ ଷ୍ଟେସନରେ ଛାଡ଼ି ଦିଆଗଲା ତାହା ଏବେ ବିଶ୍ୱବ୍ୟାପୀ ପ୍ରତିକ୍ରିୟା ସୃଷ୍ଟି କରିଛି । ଛାତ୍ର ଅଶାନ୍ତି ବେଳେ କିଟର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କ୍ୟାମ୍ପସରେ ଉପସ୍ଥିତ ଥିଲେ । ତାଙ୍କ ବିନା ନିର୍ଦ୍ଦେଶରେ ଅଫିସରମାନେ ଏଭଳି କରିବେ ନାହିଁ ବୋଲି କୁହାଯାଉଛି । ଅଚ୍ୟୁତ ସାମନ୍ତଙ୍କର ସବୁ ପ୍ରଭାବଶାଳୀ ମହଲରେ ପରିଚୟ ଓ ସଂପର୍କ ରହିଥିବାରୁ ଅଚ୍ୟୁତ ସାମନ୍ତଙ୍କୁ ପୋଲିସ ଏପର୍ଯ୍ୟନ୍ତ ଗିରଫ କରିନାହିଁ ବୋଲି ଚର୍ଚ୍ଚା ହେଉଛି ।

# ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ଅସ୍ଥିଶଲ୍ୟ ବିଭାଗର ସଫଳତା
## ୨୨ ବର୍ଷ ଧରି ଶୋଇ ରହୁଥିବା ଯୁବକ ପୁଣି ଥରେ ଚାଲିଲେ




ଭୁବନେଶ୍ୱର, ୨୧/୨: ଚିକିତ୍ସା କ୍ଷେତ୍ରରେ ଆଉ ଏକ ମାଇଲ ଖୁଣ୍ଟସ୍ଥାପନ କରିଛି ଭୁବନେଶ୍ୱର ସ୍ଥିତ ମଣିପାଲ ହସ୍ପିଟାଲର ଅସ୍ଥିଶଲ୍ୟ ବିଭାଗ । ଏଠାରେ ଏକ ଜଟିଳ ଅପରେସନ୍ ସଫଳତାର ସହିତ ହୋଇଛି । ଯାହା ଫଳରେ ୪୬ ବର୍ଷୀୟ ସୁଶାନ୍ତ କୁମାର ପଣ୍ଡା ପୁର୍ନ ଜୀବନ ପାଇଛନ୍ତି । କଟକ ନିବାସୀ ସୁଶାନ୍ତ ଗତ ୨୨ ବର୍ଷ ଧରି ଆଙ୍କୋଲୋଜିଙ୍ଗ ସ୍ପଣ୍ଡିଲାଇଟିସ୍ ରୋଗରେ ଆକ୍ରାନ୍ତ ଥିଲେ, ତାଙ୍କ ଶରୀରର ଅନେକ ବଡ ବଡ ଗଣ୍ଠିଗୁଡିକ ପ୍ରଭାବିତ ହୋଇଥିଲା । ଯାହା ଫଳରେ ୨୨ ବର୍ଷ ଧରି ଗୋଟିଏ ବାଡି ଉପରେ ନିର୍ଭର କରି ଚାଲୁଥିଲେ, ବିନା ଲାଠିରେ ସେ ଠିଆ ହେବାର ଦୂରର କଥା ବସି ମଧ ପାରୁନଥିଲେ । ସେଥିପାଇଁ ସୁଶାନ୍ତ ସବୁବେଳେ ଶୋଇ କରି ରହୁଥିଲେ । ଦୀର୍ଘ ବର୍ଷ ଧରି ଏଭଳି ଯନ୍ତ୍ରଣା ଯୁକ୍ତ ଜୀବନ ଅତିବାହିତ କରୁଥିବା ସୁଶାନ୍ତ ଶେଷରେ ୨୦୨୨ ମସିହାରେ ମଣିପାଲ ହସ୍ପିଟାଲର ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର କିଶୋର କୁମାର ପଣ୍ଡାଙ୍କ ସହ ପରାମର୍ଶ କଲେ । ସମସ୍ତ ପ୍ରକାର ଡାକ୍ତର ପରୀକ୍ଷା ପରେ ଡାକ୍ତର କିଶୋର ପଣ୍ଡା , ତାଙ୍କ ଦୁଇଟି ଯାକ ହିପ୍ ଓ ଆଣ୍ଠୁ ପ୍ରତିରୋପଣ କରିଥିଲେ । ଯାହା ଫଳରେ ସୁଶାନ୍ତ ବର୍ତ୍ତମାନ ନିଜ ଗୋଡରେ ନିଜେ ଛିଡା ହେବା ସହିତ ଚଲାବୁଲା କରିବା ଏବଂ ଏକ ଯନ୍ତ୍ରଣା ମୁକ୍ତ ଜୀବନ ଅତିବାହିତ କରୁଛନ୍ତି । ଏହି ସମ୍ପର୍କରେ ମଣିପାଲ ହସ୍ପିଟାଲର ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର କିଶୋର କୁମାର ପଣ୍ଡା କହିଛନ୍ତି , " ଦୀର୍ଘ ବର୍ଷ ଧରି ଏଭଳି ଜଟିଳ ରୋଗରେ ଆକ୍ରାନ୍ତ ହୋଇଥିବା ରୋଗୀଙ୍କ ସର୍ଜରୀ କରିବା ନିଶ୍ଚିତ ଭାବରେ ଏକ ଚ୍ୟାଲେଞ୍ଜ ଥିଲା । ତେବେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଅତ୍ୟାଧୁନିକ ଅପରେସନ୍ ଥିଏଟର, ଆନେସ୍ଥେସିଆ ଡାକ୍ତର ସ୍ୱର୍ଣ୍ଣମୟୀ ଶତପଥୀ ଓ ତାଙ୍କ ଟିମ୍, ଫିଜିଓଥେରାପି ଡାକ୍ତର ଶିବାନୀ ଶଙ୍କର ତ୍ରିପାଠୀ ଓ ତାଙ୍କ ଟିମ୍ ଏବଂ ଅନ୍ୟ ଡାକ୍ତର ଓ ନର୍ସ ସହଯୋଗରେ ଏଭଳି ଜଟିଳ ରୋଗର ସଫଳତାର ସହିତ ସର୍ଜରୀ ହୋଇପାରିଛି । ଏହି ସଫଳତା ପାଇଁ ମଣିପାଲ ହସ୍ପିଟାଲର ହସ୍ପିଟାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର ଡାକ୍ତର କିଶୋର ପଣ୍ଡା ଓ ତାଙ୍କ ଟିମ୍କୁ ଶୁଭେଚ୍ଛା ଜଣାଇବା ସହିତ ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ସମସ୍ତ ପ୍ରକାର ଅସ୍ଥିଶଲ୍ୟ ରୋଗର ସଫଳ ଚିକିତ୍ସା ପାଇଁ ଅଭିଜ୍ଞ ଡାକ୍ତର, ଅତ୍ୟାଧୁନିକ ଚିକିତ୍ସା ଉପଲବ୍ଧ ଅଛି ବୋଲି ସୂଚନା ଦେଇଛନ୍ତି । ଭାରତରେ ବାର୍ଷିକ ୭ ନିୟୁତରୁ ଅଧିକ ରୋଗୀଙ୍କୁ ସେବା ଯୋଗାଉଥିବା ଲୋକଙ୍କ ମଧ୍ୟରେ ଆସ୍ୱିଓନିରିନ୍ ହେଲ୍ଥ କେୟାର, ମଣିପାଲ ହସ୍ପିଟାଲରେ ଚିକିତ୍ସା କରାଯାଉଛି । ଏହାର ମଲ୍ଟିସ୍ପେଶାଲିଟି ଏବଂ ତୃତୀୟ ସ୍ତରୀୟ ଯତ୍ନ ବିତରଣ ସ୍ପେକ୍ଟ୍ରମ ମାଧ୍ୟମରେ ଏକ ସୁଲଭ, ଉଚ୍ଚ ଗୁଣବତା ବିଶିଷ୍ଟ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବିକଶିତ କରିବା ଏବଂ ଏହାକୁ ଡାକ୍ତରଖାନା ବାହାରେ ସେବା ରେ ବିସ୍ତାର କରିବା ଏହାର ଲକ୍ଷ୍ୟ । ମେଡିକା ସିନର୍ଜି ହସ୍ପିଟାଲ ଏବଂ ଏଏମଆରଆଇ ହସ୍ପିଟାଲଲିମିଟେଡ୍ (ସେପ୍ଟମ୍ବର ୨୦୨୩ରେ ଅଧିଗ୍ରହଣ) ଅଧିଗ୍ରହଣ ଶେଷ ହେବା ସହିତ ସମନ୍ୱିତ ନେଟୱାର୍କରେ ଆଜି ୧୦,୫୦୦ରୁ ଅଧିକ ଶଯ୍ୟା ବିଶିଷ୍ଟ ୧୯ଟି ସହରର ୩୭ଟି ଡାକ୍ତରଖାନାର ସର୍ବଭାରତୀୟ ପାଦଚିହ୍ନ ରହିଛି ଏବଂ ୫,୬୦୦ରୁ ଅଧିକ ଡାକ୍ତର ଏବଂ ୧୮,୬୦୦ରୁ ଅଧିକ କର୍ମଚାରୀଙ୍କ ଦକ୍ଷ ପୁଲ୍ ରହିଛି । ମଣିପାଲ ହସପିଟାଲ ସମଗ୍ର ବିଶ୍ୱର ଅନେକ ରୋଗୀଙ୍କ ପାଇଁ ବ୍ୟାପକ ରୋଗ ନିରାକରଣ ଏବଂ ପ୍ରତିଷେଧକ ଯତ୍ନ ପ୍ରଦାନ କରିଥାଏ । ମଣିପାଲ ହସ୍ପିଟାଲ ଏନଏବିଏଚ, ଏବଂ ଏଏଏଚଆରପିପି ସ୍ୱୀକୃତିପ୍ରାପ୍ତ ଏବଂ ଏହାର ନେଟୱାର୍କର ଅଧିକାଂଶ ଡାକ୍ତରଖାନା ହେଉଛି ଏନଏବିଏଲ୍, ଇଆର ଏବଂ ବ୍ଲଡ ବ୍ୟାଙ୍କ ସ୍ୱୀକୃତିପ୍ରାପ୍ତ ଏବଂ ନର୍ସିଂ ଉତ୍କର୍ଷତା ପାଇଁ ସ୍ୱୀକୃତିପ୍ରାପ୍ତ । ମଣିପାଲ ହସ୍ପିଟାଲମଧ୍ୟ ବିଭିନ୍ନ ଉପଭୋକ୍ତା ସର୍ବେକ୍ଷଣ ମାଧ୍ୟମରେ ଭାରତର ସବୁଠାରୁ ସମ୍ମାନଜନକ ଏବଂ ରୋଗୀ ସୁପାରିଶ କରାଯାଇଥିବା ଡାକ୍ତରଖାନା ଭାବରେ ସ୍ୱୀକୃତି ପାଇଛି ।

# ତିନି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



ପାତ୍ରପୁର, ୨୧/୨(ନି.ପ୍ର): ପାତ୍ରପୁର ବ୍ଲକ ଆଙ୍କୁଲି ପଞ୍ଚାୟତ ରେ ତିନି ରାସ୍ତା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଚିକିଟୀ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା । ଶ୍ରୀ ସାମନ୍ତରା ପ୍ରଥମେ ପାହାଡ଼ ଶିଖର ଗାଁ ଆଙ୍କୁଲି ରେ ପହଂଚିବା ପରେ ସ୍ଥାନୀୟ ଆଦିବାସୀଙ୍କ ସହ ଦଳୀୟ କର୍ମୀ ବିଧାୟକଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ପ୍ରଥମେ ବିଧାୟକ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଅନ୍ତର୍ଭୁକ୍ତ ଆଙ୍କୁଲି ଠାରୁ ଧୁବାଲିଙ୍ଗି ପର୍ଯ୍ୟନ୍ତ ହେବାକୁ ଥିବା ରାସ୍ତାର ଶୁଭ ଦେଇଥିଲେ । ସେହିପରି ତାଡ଼କାସାହି ଠାରୁ ମାଡୁଆଗୁମା ପର୍ଯ୍ୟନ୍ତ ହେବାକୁ ଥିବା ରାସ୍ତାର ଏବଂ ତାଡ଼କାସାହି ଠାରୁ କରଡ଼ାବାଡ଼ି ଯାଏଁ ହେବାକୁ ଥିବା ରାସ୍ତାର ଶୁଭ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପାତ୍ରପୁର ବ୍ଲକ ଅଧକ୍ଷା ଓ୍ୱାଇ ସଂଯୁକ୍ତା,ନାରୀନେତ୍ରୀ ମୀନା ଦ୍ୟାନ ସାମନ୍ତରା, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସମ୍ବିତ କୁମାର ଜେନା,କନିଷ୍ଠ ଯନ୍ତ୍ରୀ ପୀତବାସ ନାୟକ, ଜ୍ୟୋତି ରଞ୍ଜନ ସାମଲ, ଠିକାଦାର ବୃନ୍ଦାବନ ସାହୁ,ଶ୍ରୀକାନ୍ତ ସାହୁ,ସତ୍ୟବାନ ସାହୁ, ବଳରାମ ପ୍ରଧାନ ପ୍ରମୂଖ ଉପସ୍ଥିତ ଥିଲେ । ବିଧାୟକ ନିଜ ଗସ୍ତ ସମୟରେ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ ଏବଂ ଆଗାମୀ ଦିନରେ ପ୍ରତ୍ୟେକ ଗାଁକୁ ରାସ୍ତା ସଂଯୋଗୀକରଣ କରାଯିବ ବୋଲି କହିଥିଲେ। ତାଙ୍କ ଗସ୍ତ ବେଳେ ଆଙ୍କୁଲି ସରପଞ୍ଚ ନମିତା ନାଇକ, ସନ୍ତୋଷ ପାତ୍ର ,ବାଲାଜି ପାଢ଼ୀ, ବାଳକୃଷ୍ଣ ରେଡ୍ଡୀ,ଅଜିତ ପ୍ରଧାନ,ଲଳିତା ପ୍ରଧାନ,ରଞ୍ଜନ ପ୍ରଧାନ ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ଲୋକକଳା ମହୋତ୍ସବରେ ଗୁରୁ ସୁବାସ ମଲ୍ଲିକ ସମ୍ବର୍ଦ୍ଧିତ



ଧାମନଗର,୨୧/୨(ନି.ପ୍ର): ଆମ ରାଜ୍ୟର ସମୃଦ୍ଧ ଲୋକକଳା, ଓଡ଼ିଆ ଜାତିର ଅସ୍ମିତାକୁ ଦେଶ ବିଦେଶରେ ବୃଦ୍ଧି କରିବାରେ ସହାୟକ ଭୂମିକା ଗ୍ରହଣ କରି ଆସିଛି ।ସରକାରୀ ଅବା ବେସରକାରୀ ସ୍ତରରେ ବିଭିନ୍ନ ସମୟରେ ମହୋତ୍ସବର ଆୟୋଜନ ହେବା ଦ୍ୱାରା ଲୋକକଳା ସମୃଦ୍ଧ ସହ ଏହାର ପ୍ରଚାର ପ୍ରସାର ଘଟେ। ଏହି କ୍ରମରେ ଫେବୃଆରୀ ୮ ରୁ ୧୦ ତାରିଖ ଯାଏ ସୁନ୍ଦରଗଡ଼ର ରାଜା ଧରଣୀଧର ବହୁମୂଖୀ ଖେଳପଡିଆ ବଣେଇ ଗଡ ଠାରେ ଶ୍ରୀଶ୍ରୀ କଦମ୍ବ କେଶରୀ ସାଂସ୍କୃତିକ ପରିଷଦ ଆୟୋଜନରେ ତ୍ରି ଦିବସୀୟ ରାଜ୍ୟସ୍ତରୀୟ ଲୋକକଳା ମହୋତ୍ସବ ଓ ଆଲୋଚନା ଚକ୍ର-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୩୦ ଟି ଜିଲ୍ଲାରୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ବିଭିନ୍ନ ଲୋକକଳାର ଗୁରୁ ତଥା ବିଶେଷଜ୍ଞ ମାନେ ଯୋଗଦାନ କରିଥିଲେ। ବଣାଇଗଡ ରାଜାସାହେବ ବୀର କେଶରୀ ଇନ୍ଦ୍ରଦେବ ଓ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ। ଉଦଯାପନୀ ଉତ୍ସବରେ ସୁନ୍ଦରଗଡ଼ ଜିଲା ସ୍ୱତନ୍ତ୍ର ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ,ବଣାଇଗଡ ଉପଖଣ୍ଡ ବିଡ଼ିଓ ଦିବ୍ୟଶଙ୍କର ଜୟପୁରିଆ, ଆନ୍ତର୍ଜାତୀୟ କ୍ରୀଡାବିତ୍ ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ଯୋଗଦାନ କରି ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।ଏହି ଅବସରରେ ଭଦ୍ରକ ଜିଲ୍ଲାରୁ ଧାମନଗର ମାଟିର ପ୍ରତିଭା, ତଥା ଲୋକକଳା ଗବେଷକ,ଓଡିଶା ସଂଗୀତ ନାଟକ ଏକାଡ଼େମୀ ସମ୍ମାନ ପ୍ରାପ୍ତ ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକ ଯୋଗଦେଇ ଓଡିଶାର ଲୋକକଳା ତଥା ଭଦ୍ରକର ଐତିହ୍ୟ ମୋଗଲ ତାମସା ଉପରେ ଦୀକ୍ଷାନ୍ତ ବକ୍ତବ୍ୟ ରଖିଥିଲେ। ମହୋତ୍ସବ ତରଫରୁ ଶ୍ରୀ ମଲ୍ଲିକଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପଦ୍ମଚରଣ ଆଚାର୍ଯ୍ୟ ଓ ବିଶିଷ୍ଟ ଲୋକଗୀତ କଣ୍ଠଶିଳ୍ପୀ ଶ୍ରୀଯୁକ୍ତ ରମେଶ ସୁନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଏହି ଅବସରରେ ୩ ଦିନଧରି ବିଭିନ୍ନ ପ୍ରକାରର ଲୋକକଳା ସମ୍ପଦା, ସଂକୀର୍ତ୍ତନ,ବଜାସାଲ, ସମ୍ବଲପୁରୀ ନୃତ୍ୟ, ଘୁମୁରା,କିଶାନ ନାଚ,ଓରାମ ନାଚ,ଢେମସା ନୃତ୍ୟ ଓ ଓଡିଶୀ ନୃତ୍ୟ ଇତ୍ୟାଦି ପରିବେଶିତ ହୋଇଥିଲା।

# ଓଡ଼ିଶାର ସର୍ବପ୍ରଥମ ନିଆରା ବାର୍ଷିକ ଉତ୍ସବ

- ଛାତ୍ରୀ ମନ୍ତ୍ରୀମଣ୍ଡଳ ତୁଲାଇଲା ପ୍ରମୁଖ ଦାୟିତ୍ୱ
- ଉଦାହରଣ ସୃଷ୍ଟି କଲା ମଧୁପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ



ଭବାନୀପାଟଣା,୨୧/୨(ନି.ପ୍ର):କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ମଧୁପୁରସ୍ଥିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ତେବେ ଶିକ୍ଷାଦାନ ସହିତ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସର୍ବଦା ସର୍ବୋତ୍କୃଷ୍ଟ ସ୍ଥାନ ହାସଲ କରୁଥିବା ଏହି ବିଦ୍ୟାଳୟର ବାର୍ଷିକ ଉତ୍ସବ ଥିଲା ସଂପୂର୍ଣ୍ଣ ନୂଆ ଓ ନିଆରା। କାରଣ ପାରମ୍ପରିକ ଭାବେ ଉଚ୍ଚପଦସ୍ଥ ଅଧିକାରୀ ଓ ବିଦ୍ୟାଳୟ କର୍ତୃପକ୍ଷଙ୍କ ବଦଳରେ ବିଦ୍ୟାଳୟର ଅନ୍ତେବାସୀ ଛାତ୍ରୀ ଥିଲେ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି। ସମସ୍ତେ ସୁସଜ୍ଜିତ ମଞ୍ଚରେ ବସିଥିଲେ। ଉପସ୍ଥିତ ଛାତ୍ରୀ ଓ ଅଭିଭାବକଙ୍କୁ ସମ୍ବୋଧନ କରିଥିଲେ। ବକ୍ତବ୍ୟ ରଖିଥିଲେ।

ଛାତ୍ରୀ ବି ପଢ଼ିଥିଲେ ବାର୍ଷିକ ବିବରଣୀ। ନିଜ ସ୍କୁଲର ପ୍ରତିଟି ବିଷୟ ଉପରେ ସେମାନଙ୍କ ଚମତ୍କାର ଉପସ୍ଥାପନା ସମସ୍ତଙ୍କୁ ଅଭିଭୂତ କରିଥିଲା। ବିଦ୍ୟାଳୟର ଛାତ୍ରୀ ମନ୍ତ୍ରୀମଣ୍ଡଳ ଦ୍ୱାରା ପ୍ରସ୍ତୁତ ଏହି କାର୍ଯ୍ୟକ୍ରମ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ଛାତ୍ର ସଂସଦ ପାଇଁ ଉପଯୁକ୍ତ ପ୍ରତିନିଧିତ୍ୱର ବାର୍ତ୍ତା ଦେଇଛି। ଆଜିର ଏହି ନିଆରା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛାତ୍ରୀ ମନ୍ତ୍ରୀ ମଣ୍ଡଳର ମୁଖ୍ୟମନ୍ତ୍ରୀ ଜାନକୀ ବିଭାର, ମୁଖ୍ୟବକ୍ତା ଭାବେ ଉପମୁଖ୍ୟ ମନ୍ତ୍ରୀ ତୁଳାବତୀ ପୁଟା, ସମ୍ମାନିତ ଅତିଥି ଭାବେ ଶିକ୍ଷା ମନ୍ତ୍ରୀ ଶ୍ରୁତି ହରିଜନ, ସ୍ୱାସ୍ଥ୍ୟ ଓ ପରିମଳ ମନ୍ତ୍ରୀ ଅମୃତ ମିର୍ଦ୍ଧା, କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ଅନ୍ନ ପାତ୍ର, ପରିବେଶ ମନ୍ତ୍ରୀ କୁମୁଦିନୀ ହରିଜନ, ଖାଦ୍ୟ ମନ୍ତ୍ରୀ ମାଧବୀ ପାତ୍ର, ସୂଚନା ଓ ଶିଶୁ ସାମ୍ବାଦିକ ମନ୍ତ୍ରୀ କବିତା ହରିଜନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଛାତ୍ରୀ ମନ୍ତ୍ରୀ ମଣ୍ଡଳର ନିହାରୀକା ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ତୁଳାବତୀ ପୁଟା ବାର୍ଷିକ ବିବରଣୀ ପାଠ କରିଥିଲେ। ସେହିପରି ମନୀଷା ଦୁର୍ଗା ସଭା ପରିଚାଳନା ସହିତ ସାମୁହିକ ଧନ୍ୟବାଦ ଅର୍ପଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପ୍ରଦ୍ୟୁମ୍ନ କୁମାର ଦାସ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ମହାପ୍ରସାଦ ଦାସ, ମଣ୍ଡଳ ଶିକ୍ଷା ନିରୀକ୍ଷକ କୈଳାସ ଚନ୍ଦ୍ର ମହାରଣା , ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ପରେ ପରେ ଅନୁଷ୍ଠିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀ ମନୀଷା ଦୁର୍ଗା ଓ ନିହାରୀକା ବିଶ୍ୱାଳ ମଞ୍ଚ ସଂଯୋଜନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଦବ୍ୟାସ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ନିଆରା କାର୍ଯ୍ୟକ୍ରମକୁ ଶିକ୍ଷକ ସତ୍ୟବାଦୀ ନାଏକ, ମାମିନା ସାହୁ, ସସ୍ମିତା ସାହୁ, ନମିତା ମାଝୀ, ପାର୍ଥ ଶବର, ଦିଲ୍ଲୀପ ସାହୁ, କାମସେନ ଭୋଇ, ସାରିକା ପଣ୍ଡା, ସୁଧାଂଶୁ ଶେଖର ସାସମଲ, ବସନ୍ତ ପାଣ୍ଡେ, ସୋନାଲିକା ପାଢୀ, ନୂରବତୀ ମାଝୀ ପରିଚାଳନା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ମାଳତୀ ଛତ୍ରିଆ, ରୁକ୍ମିଣୀ ସାହୁ, କୁସୁମ ପ୍ରଧାନ, ପ୍ରଶାନ୍ତ ନାଏକ, ମକରଧ୍ୱଜ ପୁଟେଲ, ଟଙ୍କଧର ପୁଟେଲ, ମଞ୍ଜୁ ମାଝୀ, ରଜନୀ ମାଝୀ, ବୃନ୍ଦାବତୀ ମାଝୀ ଓ ସଜନା ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ପାଲକୁଡ଼ିଆରେ ନିଆଁ ଲାଗି ୨ ଶିଶୁ ଜୀବନ୍ତ ଦଗ୍ଧ ଘଟଣା, ତଦନ୍ତ କଲା ପୋଲିସ



ଲାଞ୍ଜିଗଡ଼,୨୧/୨(ନି.ପ୍ର):ମଙ୍ଗଳବାର ଦିନ କାନ୍ଦୁଲ ଗୁଡ଼ିଆ ଚାଷ କରିଥିବା ଉଚ୍ଚାଭୂମିରେ ତିଆରି କରିଥିବା ଅସ୍ଥାୟୀ ପାଲକୁଡ଼ିଆରେ ନିଆଁ ଲାଗି ଦୁଇ ଶିଶୁ ଜୀବନ ନଷ୍ଟ ହୋଇଥିଲେ। ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଥିଲା କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବିଜେପୁର ଥାନା ଲାଖବାହାଲି ପଞ୍ଚାୟତ ତାଳବୋରା ଗାଁରେ ।ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା ଷ ଆଜି ବିଜେପୁର ଓ ଲାଞ୍ଜିଗଡ ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରୁଥିବା ଦେଖିବାକୁ ମିଳିଥିଲା ଷ ପୋଲିସ ସୂତ୍ରରୁ ପ୍ରକାଶ ଯେ, ତାଳବୋରା ଗାଁର କତାନା ମାଝୀ ଓ ସଂସାରୀ ମାଝୀଙ୍କ ୫ ବର୍ଷର ଝିଅ ଦୀପ୍ତି ମାଝୀ ଓ ୪ ବର୍ଷର ପୁଅ କାର୍ତ୍ତିକ ମାଝୀ ମଙ୍ଗଳବାର ସକାଳେ ନିଜ ଆଇ ସମ୍ବାରୀ ମାଝୀଙ୍କ ସହିତ ଗାଁ ନିକଟରେ ଥିବା କାନ୍ଦୁଲ ଗୁଡ଼ିଆକୁ ଯାଇଥିଲେ ।ସେଠାରେ ଥିବା ଏକ ଅସ୍ଥାୟୀ ପାଲକୁଡ଼ିଆରେ ବସି ଖେଳୁଥିଲେ। ଏହି ଦୁଇ ଶିଶୁଙ୍କୁ ଛାଡ଼ି କିଛି ଦୂରରେ ତାଙ୍କ ଆଇ ସମ୍ବାରୀ କାଠ ସଂଗ୍ରହ କରୁଥିଲେ। ଏହି ସମୟରେ ପାଲକୁଡ଼ିଆର ସାମ୍ନାରେ ପୂର୍ବରୁ ଲାଗିଥିବା ନିଆଁ ପବନ ଦ୍ୱାରା ହଠାତ୍ କୁଡିଆରେ ନିଆଁ ଲାଗିଯାଇଥିଲା। ପିଲାଙ୍କ ଚିତ୍କାର ଶୁଣି ଆଇ ସମ୍ବାରୀ ଆସିଲା ବେଳକୁ ଦୁଇଶିଶୁ ଜୀବନ୍ତ ଦଗ୍ଧ ହୋଇ ସାରିଥିଲେ ।ଖବର ପାଇ ଗାଁ ଲୋକେ ସମେତ ବାପା-ମାଆ ପହଞ୍ଚି ଥିଲେ ହେଲେ ଦୁଇ ଶିଶୁଙ୍କୁ ହରାଇବା ପରେ ବାପା-ମାଆଙ୍କ ଆଖିରୁ ଲୁହ ଶୁଖିନଥିଲା ।ତେବେ ସରକାରୀ ନିୟମ କାନୁନ ସମ୍ପର୍କରେ ଜାଣିନଥିବାରୁ ସେମାନେ ପୋଲିସ କୁ ସୂଚନା ନଦେଇ ଗାଁ ମଶାଣିରେ ମଙ୍ଗଳବାର ଦିନ ୧ ଘଣ୍ଟା ସମୟରେ ଭାଇ ଭଉଣୀଙ୍କ ଶବ ସତ୍କାର କରି ଦେଇଥିଲେ। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା । ଆଜି ଲାଞ୍ଜିଗଡ ଥାନା ଅଧିକାରୀ ଜିତେନ୍ଦ୍ର ବିଶ୍ୱାଳ ଓ ବିଜେପୁର ଥାନା ଅଧିକାରୀ ବିଶମ୍ବର କହଁର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ବେଳେ ଶିଶୁ ଦୁହିଁଙ୍କ ମୃତ୍ୟୁକୁ ନେଇ କୌଣସି ସନ୍ଦେହ ଅଛିକି ବୋଲି ବାପା ମାଆଙ୍କୁ ପଚାରି ବୁଝିଥିଲେ ।ଆମେ କାହାରିକୁ ସନ୍ଦେହ କରୁନାହୁଁ ପାଲ କୁଟିଆ ସାମ୍ନାରେ ନିଆଁ ଲାଗିଥିବା ଯୋଗୁଁ ଏହା ପବନରେ ହିଁ ଉଡ଼ିକି ଲାଗିଛି। ଏହା ଏକ ଦୈବୀଙ୍କ ଦୁର୍ଘଟଣା ବୋଲି ପୋଲିସ ନିକଟରେ ମୃତ ଶିଶୁଙ୍କ ବାପା ମାଆ ଓ ଗାଁ ଲୋକେ ପ୍ରକାଶ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଲାଖବାହାଲି ସ୍କୁଲ ଠାରେ ନିପୁଣ ଓଡିଶା ମେଳା କାର୍ଯ୍ୟକ୍ରମ



ଲାଞ୍ଜିଗଡ, ୨୧/ ୨(ନି.ପ୍ର):କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଅଧିନସ୍ଥ ଲାଖବାହାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧକ୍ଷତାରେ ଲାଞ୍ଜିଗଡ ଶିକ୍ଷା ବିଭାଗ ଓ ସିନିଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ମୌଳିକ ସାକ୍ଷାରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଜାତୀୟ ଶିକ୍ଷାନୀତି ୨୦୨୦ମୌଳିକ ସାକ୍ଷରତା ସଂଖ୍ୟାଜ୍ଞାନ ଓ ନିପୁଣ ଓଡିଶା ଶିକ୍ଷାର ଏକ ଜରୁରୀ ତଥା ଆବଶ୍ୟକିୟ ସର୍ତ୍ତ ଭାବେ ସ୍ୱୀକୃତି ଦେଇଛି । ଏଣୁ କାର୍ଯ୍ୟକ୍ରମକୁ ଲୋକାଭିମୁଖୀ ତଥା ଲୋକଙ୍କ ଭିତରେ ଆଗ୍ରହ ସୃଷ୍ଟି କରିବା ନିମନ୍ତେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା, ଅଭିଭାବକ ମାନଙ୍କୁ ବହୁଳ ଭାବରେ କାର୍ଯ୍ୟକ୍ରମରେ ସାମିଲ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୮ ଟି ସ୍କୁଲରୁ ୧୭୦ ଜଣ ଛାତ୍ର ଛାତ୍ରୀ ଭାଗନେଇଁ ଥିବାବେଳେ ଭାଷା, ଗଣିତ, ଲାଇବ୍ରେରୀ, ବିଜ୍ଞାନ ଆଦି ପ୍ରଦର୍ଶନ କରାଯାଇଥିଲା ଓ କୃତିତ୍ୱ ଛାତ୍ର ଛାତ୍ରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ଜୋନ ୨ ଜିଲ୍ଲାପରିଷ ସଦସ୍ୟ ପରୀକ୍ଷିତ ନାଏକ ଯୋଗ ଦେଇ ଥିବା ବେଳେ ସନ୍ନମାନିତ ଅତିଥି ଭାବେ ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବିଇଓ ଭରତ ଭୂଷଣ ସାହୁ ଯୋଗ ଦେଇଥିଲେ ସେହିପରି ବେନଗାଁ ସରପଞ୍ଚ ପୁରାଣା ମାଝୀ, ବେନଗାଁ ସ୍କୁଲ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ନାଗ, ରମାକାନ୍ତ ସାହୁ ଶଙ୍କର କିରାମ, ସିନିଟ୍ରଷ୍ଟ ଫିଲଡ଼ କୋଡିନେଟର ଦୟା ନାଗ ସମେତ ଶାକରାମ ନାଏକ ମଞ୍ଚରେ ମଞ୍ଚାସିନ ଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରସନକୁମାର ତ୍ରିପାଠୀ, ବୃନ୍ଦାବନ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ୧୮ଟି ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

# କୋରେଇ ବ୍ଲକ ଅଚଳ, ସଚଳ ହେବ କେବେ ?
## ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବିଧାୟକଙ୍କୁ ଦାବି




କୋରେଇ,୨୧/୨(ନି.ପ୍ର): କୋରେଇ ବ୍ଲକ କାର୍ଯ୍ୟାଳୟ ଗୋଟେ ପ୍ରକାର ଅଚଳ ହୋଇଯାଇଥିବା ମନେ ହେଉଛି। ଆଜକୁ ନୂତନ ସରକାରକୁ ଆଠମାସ ହେବାକୁ ବସିଥିଲେ କୋରେଇ ବ୍ଲକ ର ସମସ୍ତ ବିଭାଗରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ନଥିବା ଦେଖିବାକୁ ମିଳୁଛି। ମହିଳା ଶିଶୁ ବିକାଶ ବିଭାଗ ରୁ ଦୁଇ ମାସ ହେବ ସିଡ଼ିପିଓ ଅନ୍ୟତ୍ର ବଦଳି ହେବା ପରେ ଆଜି ଯାଏ ତାଙ୍କ ସ୍ଥାନକୁ ଯେଉଁ ସିଡିପିଓ ଆସିବା କଥା ସେ ଆସିନଥିବା ଜଣାପଡିଛି ।ଅନ୍ୟପଟେ ବ୍ଲକ ର ଜିପିଓ ପଦବୀ ମଧ ଖାଲି ପଡ଼ିଛି ଓ ପ୍ରତ୍ୟେକ ପଞ୍ଚାୟତ ପାଇଁ ଆବଶ୍ୟକ ଜେଇ ନାହାନ୍ତି ଜଣ ଜଣକୁ ଏକାଧିକ ପଞ୍ଚାୟତ ଦାୟିତ୍ୱ ନେଇ କାର୍ଯ୍ୟ କାଜ୍ୟକଚନ୍ତି ଏବଂ ସମସ୍ତ ପଞ୍ଚାୟତ ପାଇଁ ଆବଶ୍ୟକ ଥିବା ଗ୍ରାମ ସେବକ ମଧ ନାହାନ୍ତି ଯାହା ଫଳରେ ଜଣକୁ ଏକାଧିକ ପଞ୍ଚାୟତ ଦାୟିତ୍ୱ ନେଇ କାର୍ଯ୍ୟ କରୁଛନ୍ତି ଯାହା ଫଳରେ ସମସ୍ତ ପଞ୍ଚାୟତ ବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି ।ବ୍ଲକ କାର୍ଯ୍ୟାଳୟ ରେ ଥିବା ମତ୍ସ୍ୟ ବିଭାଗ ଅଧିକାରୀ ଦୀର୍ଘ ଦିନ ହେବ ଛୁଟିରେ ଥିଲେ ହେଁ ବିଭାଗୀୟ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି ଯାହା ପାଇଁ କୋରେଇ ବ୍ଲକର ଅନେକ ମତ୍ସ୍ୟ ଚାଷୀ ବ୍ଲକ କୁ ଆସି ଫେରୁଥିବା ବେଳେ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି ।ଏହି ବ୍ଲକରେ ପ୍ରତିଦିନ ଅନେକ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଠିକ୍ ସମୟରେ କାର୍ଯ୍ୟାଳୟ କୁ ଆସୁନଥିବା ଦେଖିବାକୁ ମିଳୁଛି ।ପ୍ରତ୍ୟେକ ସୋମବାର ପଞ୍ଚାୟତ ସ୍ତରୀୟ ଜଣ ଶୁଣାଣି ହେଉଥିବାବେଳେ ବିଡ଼ିଓ ଙ୍କ ସମେତ କିଛି ବିଭାଗ ର ଅଧିକାରୀ ଓ କର୍ମଚାରୀ ଜନ ଶୁଣାଣି ରେ ଉପସ୍ଥିତ ରହୁଥିଲେ ହେଁ ବ୍ଲକ କାର୍ଯ୍ୟାଳୟରେ ସମସ୍ତ ବିଭାଗ ବନ୍ଦ କରି ଗୋଟେ ପ୍ରକାର ଛୁଟି ନେଇ ନେଇ ଘରେ ରହୁଥିବା ଦେଖିବାକୁ ମିଳୁଛି ।ଅନେକ ସାଧାରଣ ଜନତା ସୋମବାର ଦିନ ବ୍ଲକ କୁ ଆସି ଫେରୁଥିବା ମଧ ଦୃଷ୍ଟିଗୋଚର ହେଉଛି ।ନୂତନ ସରକାର ଆସିବ ପରେ କୋରେଇ ବ୍ଲକ ରେ ସବୁ ବିଭାଗରେ ଅଧିକାରୀଙ୍କ ଠାରୁ ଗ୍ରାମସେବକ ଯାଏ ବଦଳି କରାଯାଇଛି କିନ୍ତୁ ଦୁଃଖର ବିଷୟ ପୂର୍ବରୁ ହେଇଥିବା ଅନେକ ଉନ୍ନୟନ କାର୍ଯ୍ୟର ବକେୟା କାର୍ଯ୍ୟ ଗୁଡ଼ିକ ତରବାରୀ ଭାବେ ଅନ୍ୟତ୍ର ବଦଳି ହୋଇଥିବା ଜେଇ ମାନେ ବର୍ତ୍ତମାନ ପିଛିଲା ତାରିଖ ପକାଇ ଭେଣ୍ଡର ଙ୍କ ମିଶି ରାଧେ ରାଧେ ଅଧେ ଅଧେ କରି ବିଲ୍ କରୁଥିବା ଶୁଣିବାକୁ ମିଳୁଛି ।ଗୋଟେ ପଟେ ନୂତନ ମୁଖ୍ୟମନ୍ତ୍ରୀ ଓ କୋରେଇ ବିଧାୟକ ପୂର୍ବ କାର୍ଯ୍ୟ ଗୁଡ଼ିକର ସଠିକ୍ ତଦନ୍ତ କରି ବିଲ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ କୌଣସି ନିର୍ଦ୍ଦେଶକୁ ନ ମାନି ବିଲ୍ ପୈଠ ହେଉଥିବା ଜଣାପଡୁଛି। ଯାହାର ଉଦାହରଣ ବରୁଣ୍ଡେଇ ପ୍ରାଣକୃଷ୍ଣ ମହାବିଦ୍ୟାଳୟ ୫ ଟି କାର୍ଯ୍ୟ ରେ ଅଧେ କୋଟି ରୁ ଅଧିକ ଟଙ୍କାର ହୋଇଥିବା ବିଲ୍ ରୁ ଜଣାପଡ଼େ ।ଅନ୍ୟ ପକ୍ଷରେ ଅନେକ କାର୍ଯ୍ୟ ବ୍ୟକ୍ତିଗତ ଜାଗା ଓ ଗୋଚର ଜାଗାରେ ସରକାରୀ ଟଙ୍କା ବର୍ତ୍ତମାନ କିଭଳି ବିଲ୍ ହେଉଛି ତାହା ଆଶ୍ଚର୍ଯ୍ୟର ବିଷୟ ସରକାରୀ ନିୟମ ଅନୁସାରେ କୌଣସି ବ୍ୟକ୍ତିଗତ ଜାଗା ରେ ସରକାରୀ ଅର୍ଥ ଖର୍ଚ୍ଚ ହୋଇପାରିବ ନାହିଁ କି କୌଣସି ଗୋଚର ଜମି ରେ ମଧ ଖର୍ଚ୍ଚ ହୋଇପାରିବ ନାହିଁ ବୋଲି ନିୟମ ରହିଛି ।ଯଦି କୌଣସି ସାଧର ଲୋକ ଗୋଚର ଜମି ଦଖଲ କରି ତେବେ ତାଙ୍କ ନାଁ ରେ ଫୌଜଦାରୀ ମାମଲା ହେବାର ନିୟମ ରହିଛି କିନ୍ତୁ ବ୍ଲକ୍ କାର୍ଯ୍ୟ ଗୁଡ଼ିକ ଜେଇ ମାନଙ୍କ ନାମରେ ଥିବା ବେଳେ କିଭଳି ବିନା ପଲ୍ଲୀ ସଭା ଓ ଗ୍ରାମବାସୀ ମାନଙ୍କ ଅଗୋଚରରେ ଦଖଲ କରି ସରକାରୀ ଟଙ୍କା ଖର୍ଚ୍ଚ କରି ବିଲ୍ କରୁଛନ୍ତି ନାମ କୁ ମାତ୍ର ଧର୍ମକୁ ଆଖିଠାର ମାରି ଆର୍ ଆଇ ମାନଙ୍କୁ ହାତଗୁଞ୍ଜା ଦେଇ ଗୁଣ୍ଡି କାଗଜ ଚିଠାରେ ଗୋଚର ଓ ଜଙ୍ଗଲ ଜମିକୁ ଦଖଲକୁ ନେଇ ବିଲ୍ କରୁଥିବା ଅଭିଯୋଗ ହେଉଛି ।ଏହି ବ୍ଲକ ର ସମସ୍ତ ବିଭାଗରେ ଖାଲି ଥିବା ପଦବୀ ଗୁଡ଼ିକୁ ପୂରଣ ଓ ହେଉଥିବା କାର୍ଯ୍ୟ ଗୁଡ଼ିକର ଦୁର୍ନୀତିକୁ ସ୍ଥାନୀୟ ବିଧାୟକ ସ୍ୱତନ୍ତ୍ର ଧ୍ୟାନ ଦେବା ସହ ତଦନ୍ତ ପରିସର ଭୁକ୍ତ କରିବାପାଇଁ ନିର୍ଦ୍ଦେଶ ଦେଲେ କୋରେଇ ବ୍ଲକ କାର୍ଯ୍ୟାଳୟ ସଚଳ ହେବା ସହ ଦୁର୍ନୀତି ଖୋର ଅଧିକାରୀ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି ।

# ସହରାଞ୍ଚଳ ଭୂମି ସର୍ବେକ୍ଷଣ ନକ୍ସା କାର୍ଯ୍ୟକ୍ରମର ଶୁଭାରମ୍ଭ

## ମଧ୍ୟପ୍ରଦେଶରୁ କେନ୍ଦ୍ର କୃଷି ମନ୍ତ୍ରୀ ଆଭାସୀ ମାଧ୍ୟମରେ କଲେ ଶୁଭରମ୍ଭ

## ଓଡିଶାର ୪ଟି ପୌରପାଳିକା ମଧ୍ୟରେ ବାରିପଦା ସହର ଯୋଜନାରେ ଅନ୍ତର୍ଭୁକ୍ତ



ବାରିପଦା,୨୧/୨(ନି.ପ୍ର): ଆଜି ମଧ୍ୟପ୍ରଦେଶର ରାଇସେନ ଠାରେ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ର ଭୂ-ସମ୍ବଳ ବିଭାଗ ଆନୁକୂଲ୍ୟରେ ଡିଜିଟାଲ ଇଣ୍ଡିଆ ଜମି ରେକର୍ଡ ଆଧୁନିକିକରଣ ବ୍ୟବସ୍ଥା ଅନ୍ତର୍ଗତ ପାଇଲଟ ଯୋଜନା ନକ୍ସା କୁ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ମଧ୍ୟପ୍ରଦେଶର ମାନ୍ୟବର ମୁଖ୍ୟମନ୍ତ୍ରୀ ଡ଼. ମୋହନ ଯାଦବଙ୍କ ଉପସ୍ଥିତିରେ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଆଜି ବାରିପଦା ପୌରପାଳିକା କାର୍ଯ୍ୟାଳୟ ତରଫରୁ ସ୍ଥାନୀୟ ଶହୀଦ ସ୍ମୃତି ଭବନ ଠାରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କ ତତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି. କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୟୁରଭଞ୍ଜ ଲୋକସଭା ସାଂସଦ ନବ ଚରଣ ମାଝୀ ଯୋଗ ଦେଇ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ମାନଙ୍କ ସହିତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲା ପରିଷଦର ଅଧକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦାର ଅତିରିକ୍ତ ତହସିଲଦାର ଭରତ ଚନ୍ଦ୍ର ପାତ୍ର, ପୌରପାଳିକାର ଉପାଧକ୍ଷା ସୀମା ଦାସ ପ୍ରମୁଖ ଯୋଗ ଦେଇଥିଲେ । ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ନଗରପାଳ ଶ୍ରୀ ମହାନ୍ତି କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।ପ୍ରକାଶ ଥାଉକି ପ୍ରଥମ ପର୍ଯ୍ୟାୟରେ ଦେଶର ୧୫୦ ଟି ସହରରେ ଏହି ଯୋଜନା କାଯ୍ୟକାରୀ ହେବ ଏବଂ ଓଡିଶାର ୪ଟି ପୌରପାଳିକା ମଧ୍ୟରୁ ବାରିପଦା ପୌରପାଳିକା ଏହି ଯୋଜନା ରେ ଅନ୍ତର୍ଭୁକ୍ତ ହୋଇଛି. ଶେଷରେ ଉପାଧକ୍ଷା ସୀମା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ରକ୍ଷଣାବେକ୍ଷଣ ଅଭାବରୁ ଅଲୋଡ଼ା ହୋଇପଡିଛି ସହରର ବିଭିନ୍ନ ସେଲ୍ଫି ପଏଣ୍ଟ ଏବଂ ଟୁଇନ ରିଭର ପଏଣ୍ଟ




ଆସିକା, ୨୧/୨(ନି.ପ୍ର): ଆସିକା ସହରର ପ୍ରମୁଖ ଛକ ଗୁଡ଼ିକୁ ସୁନ୍ଦର ଏବଂ ଆକର୍ଷଣୀୟ କରିବା ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୩୦ଲକ୍ଷରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚରେ ସେଲ୍ ?ଫି ପଏଣ୍ଟ ନିର୍ମାଣ କରାଯାଇଛି । କିନ୍ତୁ ରକ୍ଷଣାବେକ୍ଷଣର ଅଭାବ ଯୋଗୁ ସେଗୁଡ଼ିକ ଅଳ୍ପ କିଛି ଦିନ ଭିତରେ ନଷ୍ଟ ହୋଇଗଲାଣି । କେଉଁଠି ସେଲଫି ପଏଣ୍ଟ ଭାଙ୍ଗିରୁଜି ଗଲାଣି ତ ଆଉ କେଉଁଠି ପାଣି କାଦୁଅରେ ଭର୍ତି ହେଲାଣି। ସହରର ଅନେକ ସ୍ଥାନରେ ଏବେ ସେଲ୍ ?ଫି ପଏଣ୍ଟ ଗୁଡ଼ିକ ଅବହେଳିତ ଅବସ୍ଥାରେ ପଡ଼ିଛି। ଯେଉଁ ଉଦ୍ଦେଶ୍ୟରେ ଲକ୍ଷ ଲକ୍ଷ ଟଙ୍କାରେ ସେଗୁଡ଼ିକ କରାଯାଇଛି ସେହି ଉଦ୍ଦେଶ୍ୟ ପୂରଣ ହୋଇ ହୋଇପାରୁନି। କେବଳ ଟଙ୍କା ଖର୍ଚ୍ଚ ହୋଇଛି ଏବଂ କିଛି ଦିନ ପରେ ପ୍ରକଳ୍ପ କଦର୍ଯ୍ୟ ଅବସ୍ଥାକୁ ଚାଲି ଯାଇଛି। ଆସିକା ବସଷ୍ଟାଣ୍ଡ, ଟେଲିଫୋନ ଭବନ, କଳିଙ୍ଗ ରୋଡ଼ ପାର୍ଶ୍ୱ, ସୁନାମ୍ଭ ସାହି, ବାଣୀବିହାର ଛକ, ପୁରୁଣା ବସଷ୍ଟାଣ୍ଡ ଆଦି ସ୍ଥାନରେ ଖୋଲା ସ୍ଥାନ ସୌନ୍ଦର୍ଯ୍ୟ କରଣ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ରେ ନିର୍ମିତ ହୋଇଥିଲା । ଏଠାରେ କୋଣାର୍କ ଚକ ଆକର୍ଷଣୀୟ ମୂର୍ତ୍ତି, ଘାସରେ ର ତିଆରି ମୟୂର ମୂର୍ତ୍ତି, ଆଇ ଲଭ ଆସ୍କା, ଏହି ପରି ବହୁତ ଗୁଡିଏ ପ୍ରତିମୂର୍ତ୍ତି ନିର୍ମାଣ ହୋଇଥିଲା କିନ୍ତୁ ତାହା ରକ୍ଷଣା ବେକ୍ଷଣ ଅଭାବ ରୁ ମାଟି ଧୂଳି ଘାସ ବଣ ଓ ଲଟା ବୁଦାରେ ପରିପୂର୍ଣ। ସେହିପରି ବଡ଼ନଦୀ ହୁଡ଼ାକୁ ଲାଗି ନିର୍ମିତ ଟୁଇନ ରିଭର ପାର୍କ ଟି ନିର୍ମାଣ ହେବା ପରଠୁ ହିଁ ଅନାବଶ୍ୟକ ଭବେ ପଡି ରହିଛି ଯେଉଁଠାରେ ଯେତେ ରାତି ବଢୁଛି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏବ ପାଚେରି ଭାଙ୍ଗି ଯିବା ସହ ଅନ୍ୟାନ୍ୟ ଆକର୍ଷଣୀୟ ଜିନିଷଗୁଡ଼ିକ ନଷ୍ଟ ହୋଇ ଗଲାଣି। ଏପରିକି ପରିସରକୁ ସଫା ମଧ୍ୟ କ କରାଯାଉ ନାହିଁ । ଅଳିଆ ଆବର୍ଜନାରେ ପରିସର ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଯେଉଁ ସେଲ୍ ?ଫି ପଏଣ୍ଟ ଏକଦା ଆକର୍ଷଣୀୟ ଥିଲା, ବର୍ତ୍ତମାନ ତାହା କଦର୍ଯ୍ୟ ଅବସ୍ଥାକୁ ଚାଲି ଗଲାଣି। ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ହୋଇଥିବା ଏହି ପ୍ରକଳ୍ପ ଏବେ ଏକ ପ୍ରକାର ବରବାଦ ଲାଗିଛି।

# ପୁଅର ଲୁହା ଶାବଳ ପ୍ରହାରରେ ବାପ ମୃତ

ବାସୁଦେବପୁର, ୨୧/୨(ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ କସିଆ ସାମୁଦ୍ରିକ ଥାନା ଅଧିନସ୍ଥ ବୁଢୀ ଛକଠାରେ ମଙ୍ଗଳବାର ଦିନ ପୁଅର ଶାବଳ ମାଡ଼ରେ ବାପ ମୃତ। ସୂଚନା ଅନୁଯାୟୀ ମୃତକ ଗୋପବନ୍ଧୁ ନଗର ପଞ୍ଚାୟତ ଅଧିନସ୍ଥ ଶାସମଲ ଘେରି ଗ୍ରାମ ର ୭୦ ବର୍ଷୀୟ ଦୁଃଖିରାମ ମଣ୍ଡଳ। କୌଣସି କାରଣ ରୁ ଘରୋଇ କଳିକୁ କେନ୍ଦ୍ର କରି ୩୪ ବର୍ଷୀୟ ପୁଅ ବାଇଧର ମଣ୍ଡଳ ବାପାଙ୍କ ମୁଣ୍ଡ କୁ ଏକ ଲୁହା ଶାବଳ ରେ ଆଘାତ କରିଥିଲେ। ବାପା ଙ୍କ ମୁଣ୍ଡରେ ଗଭୀର ଆଘାତ କାରଣରୁ ବ୍ଲଡ଼ ବାନ୍ତି କରିବା ସହିତ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ପରିବାରର ଅନ୍ୟ ପୁଅ ଗାଁ ଲୋକମାନଙ୍କ ସହାୟତାରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇ ଆସିଥିଲେ । ସେଠାରେ ଡାକ୍ତର ଦୁଃଖିରାମଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ପରିବାର ଲୋକେ ନିକଟସ୍ଥ କସିଆ ସାମୁଦ୍ରିକ ଥାନା ରେ ବାଇଧର ମଣ୍ଡଳ ଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। କସିଆ ସାମୁଦ୍ରିକ ଥାନା ର ଭାରା ପ୍ରାପ୍ତ ଅଧିକାରିଣୀ ସାବିତ୍ରୀ ପଣ୍ଡା ଏବଂ ତାଙ୍କ ସହକର୍ମୀ ମାନଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚି ହତ୍ୟା କାରୀ ବାଇଧର କୁ ଗିରଫ କରିବା ସହିତ କେଶ୍ ନମ୍ବର ୨୫/୨୦୨୫ ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀଣୀ ସୂଚନା ଦେଇଛନ୍ତି।

# ଆସିକା ଏସ୍‌ଡିପିଓ ଭାବେ ଦାୟିତ୍ୱ ନେଲେ ସନ୍ତୋଷ ଜେନା

ଆସିକା, ୨୧/୨(ନି.ପ୍ର): ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ଭବେ ନୂତନ ଏସ୍‌ଡିପିଓ ସନ୍ତୋଷ କୁମାର ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି। ଉପଖଣ୍ଡ ଅଧୀନରେ ଥିବା ସମସ୍ତ ଥାନା ଇଲାକାରେ ଶାନ୍ତିଶୃଙ୍ଖଳା ରକ୍ଷା, ଅପରାଧୀଙ୍କ ଦୃଢ଼ ହସ୍ତରେ ଦମନ ଓ ସେମାନଙ୍କ ଗତିବିଧି ଉପରେ ନଜର, ବେଆଇନ ମଦ ଧରପଗଡ଼, ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣକୁ ରୋକିବା ଏବଂ ଜନସାଧାରଣଙ୍କ ସହ ଉତ୍ତମ ସଂପର୍କ ରକ୍ଷାକୁ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀ ଜେନା



କହିଛନ୍ତି। ସେ ଏଥି ପୂର୍ବରୁ ଆସିକା ଥାନା ଅଧିକାରୀ ଭାବେ ନିଜ କାର୍ଯ୍ୟ ସୁଚାରୁରୂପେ ତୁଲାଇଥିଲେ। ବର୍ତମାନ ସେ ଡ଼ିଏସପି ପିସିଆର ସେଲ ଜଗତସିଂହପୁର ପୁର ରେ କାର୍ଯ୍ୟରତ ଥିଲେ ।

# କଂକ୍ରିଟ କାମକୁ ଲେବ୍ରେଟାରୀ ଟେଷ୍ଟ କରିବାକୁ ସାମ୍ଭୁଲ ମାଗିଲେ ଅଞ୍ଚଳବାସୀ



କୋରାପୁଟ, ୨୧/୨(ନି.ପ୍ର): ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବିସିଂହପୁର ଠାରୁ ରାଣୀଗଡ଼ ରାସ୍ତା ମେର୍ଦ୍ଧାମାଳ ନିକଟରେ ନିର୍ମାଣ ହଇଥିବା ବକ୍ସ ବ୍ରିଜ ଓ ଗାର୍ଡୱାଲ ନିର୍ମିତ କଂକ୍ରିଟ ଙ୍କୁ ଲେବ୍ରେଟାରୀ ଟେଷ୍ଟ କରିବା ନେହିଁ ଦାବି କଲେ ଅଞ୍ଚଳ ବାସି। ବକ୍ସ ବ୍ରିଜ ଓ ଗାର୍ଡୱାଲ ରେ ବ୍ୟବହାର କରଯାଉଥିବା କଂକ୍ରିଟ କୁ ଲେବ୍ରେଟାରୀ ଟେଷ୍ଟ କରିବା ବଦଳରେ ନିଜେ ମିକ୍ସ କରି କଂକ୍ରିଟ କୁ ଟେଷ୍ଟ କରିବା ପାଇଁ ପଠାଉଥିବା ଅବିଯୋଗ କରିଛନ୍ତି ଅଞ୍ଚଳ ବାସି । ଯାହା ପୋଲରେ କାର୍ଯ୍ୟ ନ ସରୁନୁ ବକ୍ସ ବ୍ରିଜ ହେଉ ବା ଗାର୍ଡୱାଲ ଫାଟି ଆଁ କଲାଣି ଏ ସମ୍ପର୍କରେ ଜୟପୁର ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରିୟରଞ୍ଜନ ବେହେରାଙ୍କୁ ପଚାରିବାରୁ କୋଣସି ଉତ୍ତର ଦେଲେ ନାହିଁ। କୋରାପୁଟ ବୋରିଗୁମା ରାସ୍ତାର ରାଣୀଗଡ଼ ଛକଠାରୁ ବିସିଂହପୂରକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ସମେତ ମେର୍ଦ୍ଧାମାଳଗ୍ରାମ ନିକଟରେ ନିର୍ମିତ ବକ୍ସ ବ୍ରିଜ ଏବଂ ଗାର୍ଡୱାଲ କାର୍ଯ୍ୟ ଅତ୍ୟନ୍ତ ନିମ୍ନ ମାନର ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ରାସ୍ତାରୁ କେତେକ ସ୍ଥାନରୁ ପିଚୁ ଉଠି ଗଲାଣି ଏବଂ ବ୍ରିଜ ଓ ଗାର୍ଡୱାଲ କାମ ଶେଷ ହେବା ପୂର୍ବରୁ ଭାଙ୍ଗିବାକୁ ବସିଲାଣି । ସୂଚନା ଅନୁଯାୟୀ କୋରାପୁଟ ଠାରୁ ରାଣୀଗଡ଼ ଦେଇ ବୋରିଗୁମ୍ମା କୁ ସଂଯୋଗ କରୁଥିବା ରାସ୍ତାର ରାଣୀଗଡ଼ ଛକ ଠାରୁ ବିସିଂହପୁର ଯିବା ନିମନ୍ତେ ପୂର୍ଣ ବିଭାଗ ଦ୍ୱାରା ଏକ ରାସ୍ତା ନିର୍ମାଣ ହୋଇଛି ଓ ରାସ୍ତା କାମ କିଛି ମାସ ପୂର୍ବରୁ ଶେଷ ହୋଇ ଥିବାବେଳେ ମାତ୍ର ଅଳ୍ପ ଦିନ ମଧ୍ୟରେ ଅନେକ ସ୍ଥାନରୁ ରାସ୍ତାରୁ ପିଚୁ ଉଠି ଗଲାଣି । ସେହିପରି ଉକ୍ତ ରାସ୍ତାର ମେର୍ଦ୍ଧାମାଲ ଗ୍ରାମ ଛକ ନିକଟ ଦେଇ ଯାଇଥିବା ତେଲେଙ୍ଗିରି ଡ୍ୟାମର ମୁଖ୍ୟ କେନାଲ ଉପରେ ପୂର୍ବ ବିଭାଗ ପକ୍ଷରୁ ଏକ ବକ୍ସ ବ୍ରିଜ ଏବଂ ରାସ୍ତାର ସୁରକ୍ଷା ପାଇଁ ଉଭୟ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ କରାଯାଉଛି। କିନ୍ତୁ ବିଡ଼ମ୍ବନାର ବିଷୟ ଗାର୍ଡୱାଲ ଏବଂ ବକ୍ସ ବ୍ରିଜ କାର୍ଯ୍ୟ ଅତି ନିମ୍ନମାନର ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ ବକ୍ସ ବ୍ରିଜ ଏବଂ ଗାର୍ଡୱାଲ ନିର୍ମାଣରେ ବ୍ୟବହୃତ ବାଲି ନିମ୍ନ ମାନର, ଯେଉଁଥି ?ରେ କାଦୁଆ ଅଂଶ ଅଧିକ ରହିଥିବା ବେଳେ ସିମେଣ୍ଟ ଭାଗ କମ୍ ରହିଛି । ପୂର୍ବରୁ ସୂଚନା ଫଳକ କରିବାକୁ ପୂର୍ବ ସରକାର ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ, ତାହା କାର୍ଯ୍ୟକାରି ହୋଇଥିଲା, କିନ୍ତୁ ବର୍ତ୍ତମାନ ସେଥିରେ ବ୍ୟତିକ୍ରମ ଦେଖାଦେଇଛି। ଏହି କାର୍ଯ୍ୟରେ କୌଣସି ସୂଚନା ଫଳକ ଲଗା ଯାଇନାହିଁ । ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ଅଞ୍ଚଳବାସୀ ନିର୍ମାଣାଧୀନ ଗାର୍ଡୱାଲର ଅନେକ ସ୍ଥାନରେ ବର୍ତ୍ତମାନ ଠାରୁ ଫାଟ ଦେଖା ଗଲାଣି । ଏପରିକି କାମ ଚାଲୁଥିବା ସମୟରେ ତଦାରଖ ନିମନ୍ତେ ସେଠାରେ ବିଭାଗୀୟ ଯନ୍ତ୍ରୀ କିମ୍ବା ସୁପରଭାଇଜର ତ ଦୂର କଥା ଠିକାଦାର କିମ୍ବା ତାଙ୍କ ତତ୍ତ୍ୱାବଧାରକ ମଧ୍ୟ କେହି ରହୁ ନ ଥିବାରୁ କୁଲି ମଜୁରିଆ ନିଜ ମନ ଇଚ୍ଛା କାମ କରୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କଲେ ତୁମର ଏ କାମ ଉପରେ କଣ ଜ୍ଞାନ ଅଛି ବୋଲି ଜବାବ ଦିଆ ଯାଉଛି। ସମ୍ପୃକ୍ତ ଠିକାଦାରଙ୍କ ପ୍ରତି ପୂର୍ବ ବିଭାଗର ଅହେତୁକ ଅନୁକମ୍ପାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ସେହିପରି ଯେ କୌଣସି ସରକାରୀ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ଏହି କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ରଣସପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଲୋକନାଥ ନାୟକ, ମେରଦାମାଲ ଗ୍ରାମର ପବିତ୍ର ମହାନନ୍ଦିଆ, ଡମ୍ବରୁ ହରିଜନ, ବୈକୁଣ୍ଠ ନାୟକ, ବଳି ମାଛୁ, ପ୍ରଧାନୀଗୁଡ଼ା ଗ୍ରାମର ଟୁକୁ ପ୍ରଧାନି, ଡମ୍ବୁ ପେଣ୍ଡିଆ ଦାବୀ କରିଛନ୍ତି । ଅନ୍ୟ ପକ୍ଷରେ ନିମ୍ନମାନର କାର୍ଯ୍ୟକୁ ନେଇ ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ଜୟପୁର ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରିୟ ରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ ଏସ୍‌ଡିଓଙ୍କୁ ପଠାଇ ତଦନ୍ତ କରିବେ ବୋଲି ପ୍ରତିକ୍ରିୟା ଦେବା ସହ ପୂର୍ତ୍ତ ବିଭାଗ କାର୍ଯ୍ୟରେ ସୂଚନା ଫଳକ ଲଗାଯାଉନି ବୋଲି ପ୍ରକାଶ କରିଛନ୍ତି ।

# ଗ୍ୟାଙ୍ଗ ଲିଡର ଆରେଷ୍ଟ ପରେ ଧାମନଗରରେ ହେଉନି ମୋବାଇଲ ଲୁଟ




ଧାମନଗର, ୨୧/୨(ନି.ପ୍ର): ଗତ ବର୍ଷ ଧାମନଗରରେ ମୋବାଇଲ ଲୁଟ ବ୍ୟବହାରକାରୀ ଙ୍କ ମନରେ କୋକୁଆ ଭୟ ସୃଷ୍ଟି କରିଥିଲା। ୨୦୨୪ ଜୁଲାଇରୁ ଅଗଷ୍ଟ ମାସ ମଧ୍ୟରେ ବାରିକପୁର ବଜାର ଠାରୁ କାଳୀତ୍ରା ଏବଂ ଧାମନଗର ଛକ ପର୍ଯ୍ୟନ୍ତ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ମୋବାଇଲ ଲୁଟ ହୋଇଥିଲା। ବ୍ୟବସାୟୀ, ଶିକ୍ଷକ, ସାମ୍ବାଦିକ, ଛାତ୍ର ଛାତ୍ରୀଙ୍କ ସମେତ ବହୁ ବର୍ଗର ଲୋକେ ଏହି ଲୁଟର ଶିକାର ହୋଇଥିଲେ। ବାରମ୍ବାର ଲିଖିତ ଅଭିଯୋଗ ସହ ଦୈନିକ ସମ୍ବାଦପତ୍ର 'ପ୍ରଜାତନ୍ତ୍ର'ରେ ଖବର ପ୍ରସାରଣ ପରେ ମଧ ତତ୍ପର ହୋଇନଥିଲା ଧାମନଗର ପୋଲିସ। ଏପରିକି ଏହି ଚୋରିର ମୁଖ୍ୟ ନାୟକ ଏହି ଥାନା ଅଧିନସ୍ଥ ନୂଆପଡ଼ା ଗ୍ରାମର ଚିଣ୍ଟୁ ବୋଲି ଲୁଟର ଶିକାର ହୋଇଥିବା ଲୋକମାନେ ଅଭିଯୋଗ କରିଥିଲେ ମଧ ଧାମନଗର ଥାନାର ତତ୍କାଳୀନ ଅଧିକାରୀ ଫଣୀନ୍ଦ୍ର ଭୂଷଣ ନାଏକ କୌଣସି ଆଖିଦୃଶିଆ ପଦକ୍ଷେପ ନେଇ ନଥିଲେ। ଏ ସମ୍ପର୍କରେ ଏସଡିପିଓ ତ୍ରିଲୋଚନ ସେଠୀ ଲୋକ ଦେଖାଣିଆ ପଚରା ଉଚୁରା କରି ଚୁପ ବସିଥିଲେ। ଏପଟେ ପ୍ରତ୍ୟେକ ଦିନ ମୋବାଇଲ ଲୁଟ ଜାରି ରଖିଥିଲେ ଚିଣ୍ଟୁ ଓ ତାର ଗ୍ୟାଙ୍ଗ। ଶୁଣାଯାଏ ଧାମନଗର ଥାନାର କିଛି କର୍ମଚାରୀଙ୍କ ପ୍ରଚ୍ଛଦ ପଟ ସମର୍ଥନରେ ଏହି ଲୁଟେରା ଗ୍ୟାଙ୍ଗର ଛିନତାଇ ଅବ୍ୟାହତ ଥିଲା। ଗତ ନଭେମ୍ବର ମାସ ୧୯ ତାରିଖରେ ପାଣିକୋଇଲି ଅଞ୍ଚଳର ଏକ ଟେଲିକମ କର୍ମଚାରୀଙ୍କର ମୋବାଇଲ ଲୁଟ ହେଲା। ସେଠାକାର ପୋଲିସ ଲୁଟେରାକୁ ଫଲୋ କରି ଧାମନଗର କଲେଜ ନିକଟସ୍ଥ ଏକ ନିଛାଟିଆ ବିଲ ପାଖରେ ପହଞ୍ଚି ଚିଣ୍ଟୁ ଜିତେନ ଓ ତାର ସାଥିଙ୍କୁ ମାଡ଼ି ବସିଲା। ସେତେବେଳେ ସେମାନେ ଗୁଡ଼ାଏ ମୋବାଇଲ ରଖି ଭାଗବଣ୍ଟା କରୁଥିଲେ। ସାଧା ପୋଷାକଧାରୀ ପୋଲିସକୁ ଦେଖି ଦୁଇ ଜଣ ଦୌଡ଼ି ପଳାଇଥିଲେ। ମାତ୍ର ଏହି ଅପରେସନରେ ଲୁଟେରା ଗ୍ୟାଙ୍ଗର ମୁଖ୍ୟ ନାୟକ ଚିଣ୍ଟୁ ସହ ଅନ୍ୟ ଦୁଇଜଣ ଲୁଟେରା ଗିରଫ ହୋଇଥିବା ବେଳେ ଦୁଇଟି ବାଇକ ଓ ଗୁଡ଼ାଏ ମୋବାଇଲ ଜବତ ହେଲା। ପାଣିକୋଇଲି ପୋଲିସ ସେମାନଙ୍କୁ ଆରେଷ୍ଟ କରି ନିଜ ଥାନାକୁ ନେଇ ସେଠାରୁ କୋର୍ଟ ଫରୱାର୍ଡ କରିବା ପର ଠାରୁ ଧାମନଗର ଅଞ୍ଚଳରେ ମୋବାଇଲ ଲୁଟ ବନ୍ଦ। ଲୋକେ କହୁଛନ୍ତି ଧନ୍ୟବାଦ ପାଣିକୋଇଲି ପୋଲିସ।

# ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ତଦନ୍ତ ନିର୍ଦ୍ଦେଶକୁ ଫୁ-କଲେ ଯାଜପୁର ଅଧିକାରୀ !

## ଜଟିଆ ଷ୍ଟିଲକୁ ସୁରକ୍ଷା ଦେଉଛି କିଏ




କଳିଙ୍ଗନଗର ୨୧/୨(ନି.ପ୍ର): ଜଟିଆ ଷ୍ଟିଲ ବେଆଇନ ନଳକୂପ ବ୍ୟବହାରକୁ ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ତଦନ୍ତ କରିବା ପାଇଁ ଯାଜପୁର ଜିଲ୍ଲା ପାନୀୟ ଜଳ ବିଭାଗ କୁ ଆଦେଶ ଦେଇଥିବା ଦେଖିବାକୁ ମିଳିଥିଲା । ମାତ୍ର ଯାଜପୁର ଜିଲ୍ଲା ରେ ଥିବା ଗ୍ରାମିଣ ପାନୀୟ ଜଳ ଯୋଗାଣ ବିଭାଗର ଅଧିକାରୀ ମାନେ ଏହି ଆଦେଶ କୁ ଜାଣିନଥିବାରୁ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ।କି ଆଗକୁ କିଛି ପଦକ୍ଷେପ ଗ୍ରହଣ କରିବାକୁ ଯୋଜନା ନଥିବା ପରି ପରିଲକ୍ଷିତ ହୋଇଛି। ଏଥି ରୁ ଜଣାଉଛି କି ରାଜ୍ୟ ର ମୁଖ୍ୟ ବିଭାଗ ପକ୍ଷରୁ କହିବା ପରେ ମଧ ଜିଲ୍ଲା ରେ ଥିବା ଅଧିକାରୀ କିପରି ଶିଳ୍ପ ସଂସ୍ଥା ମାନଙ୍କ ସହିତ ଭିତିରିଆ ବୁଝାମଣା କରିବା ଯୋଗୁଁ ସାଧାରଣ ଲୋକ ହଇରାଣ ହେଉଛନ୍ତି। ତେଣୁ ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି। ଠିକ୍ ସେହିପରି ଜଟିଆ ଷ୍ଟିଲ ଭିତରେ ଥିବା ସ୍ଥାନକୁ ସମତଳ କରିବା ପରେ ଯେଉଁ ସବୁ ମରୋମ ବାହାରିଲା ତାହା ଗଲା କୁଆଡେ ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏବେ ଆଲୋଚନା ହେଉଛି। ଏଥି ସହିତ ମରୋମ ଖୋଳା ସ୍ଥାନକୁ ଭରିବା କୁ ଯାଇ ଜଟିଆ ଷ୍ଟିଲ ନିକଟରେ ଥିବା କାରଖାନା ବର୍ଯ୍ୟ ବସ୍ତୁ ଆଣି ବଡ଼ ବଡ଼ ଗାଡ଼ିକୁ କରୁଥିବା ଦେଖିବାକୁ ମିଳିଛି। କିଛି ଦିନ ପୂର୍ବରୁ ଜଟିଆ ଷ୍ଟିଲ କୁ ଲାଗି ରହିଥିବା ଭିସିଆଇ କେମିକାଲ ପରିସରରୁ ମରୋମ ଚୋରି ହୋଇଥିବା ଯୋଗୁଁ ଲଘୁ ଖଣିଜ ବିଭାଗ ପକ୍ଷରୁ ମୋଟା ଅଙ୍କର ଫାଇନ କରୁଥିବା ବେଳେ ଜଟିଆ ଷ୍ଟିଲ କୁ କାହିଁକି ଲଘୁ ଖଣିଜ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଯାହା କୁ ନେଇ ଲଘୁ ଖଣିଜ ବିଭାଗ ର ଅଧିକାରୀ ଙ୍କ କାର୍ଯ୍ୟ କୁ ନେଇ ସ୍ଥାନୀୟ ଅଞ୍ଚଳରେ ସଂନ୍ଧେହ କରିବା ଆରମ୍ଭ କଲେଣି। ଯଦି ରକ୍ଷକ ଏଠି ଭକ୍ଷକ ସାଜିବ ତେବେ ସାଧାରଣ ଲୋକ କାହାକୁ ଗୁହାରି କରିବେ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଯେଉଁ ସଂସ୍ଥା କାରଖାନା ସ୍ଥାପନ କରିବା ସମୟରେ ଦେଇଥିବା ପ୍ରତିଶୃତି କୁ ପାଚେରୀ ନିର୍ମାଣ ପରେ ଭୂଲି ଯାଉଛନ୍ତି। ସ୍ଥାନୀୟ ସମସ୍ୟା କୁ ଅଣଦେଖା କରିବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଧିରେ ଧିରେ ବଢିବାରେ ଲାଗିଛି। ଯାହା କୁ ନେଇ ବହୁ ଗଣମାଧ୍ୟମ ଓ ପତ୍ର ପତ୍ରିକାରେ ବାରମ୍ବାର ପ୍ରକାଶିତ ହେବା ପରେ ମଧ କାରଖାନା କର୍ତୃପକ୍ଷ କିଛି ଅସାଧୁ ମାଫିଆ ଙ୍କ ସହିତ ମିଶି ନିକଟରେ ଥିବା କାରଖାନା ରୁ ନିର୍ଗତ ବିଷାକ୍ତ ବର୍ଯ୍ୟ ପାଉଁଶ ପକାଇ ସମତଳ କରିବା ପାଇଁ ଚେଷ୍ଟା କରୁଥିବା ସୂଚନା ମିଳିଛି। ଜଟିଆ ଷ୍ଟିଲ କୁ ଜଦି ସରକାର ଉଚିତ୍ ଭାବରେ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରନ୍ତି। ତେବେ ବହୁ ଅନିୟମିତତା ହୋଇଥିବା ର ତଥ୍ୟ ପଦାକୁ ଆସିପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ଏକାଧିକ ବାଟରେ ବହୁ କିଛି ତଥ୍ୟ ଓ ଏକାଧିକ ବେଆଇନ କାର୍ଯ୍ୟ କରୁଥିବା ଯାହା କି ଆଗାମୀ ଦିନରେ ଗୋଟି ଗୋଟି କରି ସାମ୍ନାକୁ ଆଣିବା ପାଇଁ ଚେଷ୍ଟା କରିବା କୁ ସାଧାରଣ ଲୋକଙ୍କ ମତକୁ ସମ୍ମାନ ଦେଇ ସମସ୍ତ ତଥ୍ୟ ପଦାକୁ ଆଣିବା ପାଇଁ ଚେଷ୍ଟା କରିବୁ କିନ୍ତୁ ଦୁର୍ଭାଗ୍ୟର ବିଷୟ କି ପୂର୍ବରୁ ଥିବା ସରକାର ସମୟରେ ଯାହା ହେଉନଥିଲା ନୂତନ ସରକାର ଙ୍କ ସମୟରେ ତାହା ହୋଇଛି। ଯାହା କୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିବା ପାଇଁ ନୂତନ ସରକାର ଙ୍କ ଯନ୍ତ୍ରୀ ଓ ଜିଲ୍ଲା ପ୍ରଶାସନ ପଛଘୁଞ୍ଚା ଦେଉଛନ୍ତି। ଯାହା କୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଧିରେ ଧିରେ ବଢିବାରେ ଲାଗିଛି ।କାରଣ ଆଗକୁ ଖରାଦିନ ହୋଇଥିବା ବେଳେ ଧୀରେ ଧୀରେ ଜଳସଂକଟର ଆଭାସ ମିଳିବା ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ଏହି ଜଳ କଷ୍ଟ ଭୋଗିବା ପାଇଁ କିଛି ନିର୍ଦ୍ଦିଷ୍ଟ ଶିଳ୍ପ ସଂସ୍ଥା ମାନଙ୍କୁ ସ୍ଥାନୀୟ ଅଞ୍ଚଳରେ ଲୋକ ଦୋଷାରୋପ କରୁଥିବା ଦେଖିବାକୁ ମିଳିଛି। ତେଣୁ ଆଗକୁ ଦେଖିବାକୁ ବାକି ରହିଲା କି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି।

# ବ୍ଲକ ଦାବି ନେଇ ମୁଖ୍ୟ ମନ୍ତ୍ରୀଙ୍କୁ ଭେଟିଲା କ୍ରିୟାନୁଷ୍ଠାନ କମିଟି



ଧର୍ମଗଡ,ବେହେରା,୨୧/୨(ନି.ପ୍ର): କଳାହାଣ୍ଡି ଜିଲ୍ଲାର ଐତିହାସିକ ଦଣ୍ଡପାଟ ଅଞ୍ଚଳର ୧୧ ଗୋଟି ପଂଚାୟତକୁ ନେଇ ବେହେରା ଠାରେ ନୂତନ ଦଣ୍ଡପାଟ ବ୍ଲକ ଘୋଷଣା ପାଇଁ ଦଣ୍ଡପାଟ ବ୍ଲକ କ୍ରିୟାନୁଷ୍ଠାନ କେମିତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କୁ ସାକ୍ଷାତ କରିଛନ୍ତି। ବେହେରା ଗ୍ରାମ ହେଉଛି ଦଣ୍ଡପାଟ ଅଂଚଳର ମୁଖ୍ୟ ବ୍ୟବସାୟିକ କେନ୍ଦ୍ର । ବେହେରା ଗ୍ରାମ ଉପରେ ଏହି ଅଞ୍ଚଳ ବ୍ୟତୀତ ପଡୋଶୀ ନବରଙ୍ଗପୁର ଜିଲ୍ଲା ଓ ଛତିଶଗଡ଼ ରାଜ୍ୟର ଶହ ଶହ ବ୍ୟକ୍ତି ପ୍ରତ୍ୟେକ ଦିନ ନିଜର ଜୀବନ ଜୀବିକା ପାଇଁ ନିର୍ଭର କରି ଥାଆନ୍ତି। ଠିକ ସେହିଭଳି ବେହେରା ଠାରେ +୨ଓ +୩ କଲେଜ, ପ୍ରାଥମିକ ଚିକିତ୍ସାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଭଳି ଅନେକ ସରକାରୀ କାର୍ଯ୍ୟାଳୟ ଥିବା ସହ ନୂତନ ବ୍ଲକ ଗଠନ ର ସବୁ ପ୍ରକାର ଭୌଗଳିକ ସ୍ଥିତି ରହିଅଛି। ତେଣୁ ନୂଆ ସରକାର ଦଣ୍ଡପାଟରେ ଏକ ନୂତନ ବ୍ଲକ ଗଠନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କ୍ରିୟାନୁଷ୍ଠାନଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ବର୍ତ୍ତମାନ ଓଡିଶାରେ ଡବଲ ଇଂଜିନର ସରକାର ତେଣୁ ବ୍ଲକ ପୁନର୍ଗଠନ କରି ଇତିହାସ ସୃଷ୍ଟି କରିବାକୁ କମିଟି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।ମୁଖ୍ୟ ମନ୍ତ୍ରୀ ଙ୍କ ବ୍ୟତୀତ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ପଞ୍ଚାୟତ ରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଙ୍କୁ ମଧ କ୍ରିୟାନୁଷ୍ଠାନ କମିଟି ସାକ୍ଷାତ କରି ଦାବି ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଦଣ୍ଡପାଟ କ୍ରିୟାନୁଷ୍ଠାନ କମିଟି ସଭାପତି ଘନଶ୍ୟାମ ପଟେଲ, କାର୍ଯ୍ୟକାରୀ ସଭାପତି ଦିଗାମ୍ବର ଦୁରିଆ,ସମ୍ପାଦକ ପ୍ରଶାନ୍ତ ତିୱାରୀ, ତୁଳସିରାମ ବାରିକ,ଆବାହକ ଭବେଶ ଗଇନ୍ତା,ଉପଦେଷ୍ଟା କମିଟି ମୁଖ୍ୟ ଧର୍ମାନନ୍ଦ ସେଠୀଆ,ସମିତିସଭ୍ୟ କିଶୋର ନାଗ,ତେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳ, ଟିକମନ୍ ବାରିକ,ପୂର୍ବତନ ବ୍ଲକ ଅଧକ୍ଷ ବଳରାମ ପୁଝାରୀ,ସରପଞ୍ଚ ଗୌରୀ ସେଠୀଆ,ପୂର୍ଣ୍ଣ ନାଏକ,ବଳରାମ ମାଝୀ, ସିଦ୍ଧେଶ୍ୱର ଭଇଁସାଳ, ସ୍ୱୟମ୍ବର ବାଗ, ଚନ୍ଦନ ବାଣୁଆ, ଟଙ୍କ ଅଣ୍ଡି, ସରପଞ୍ଚ ଡାଲଗୁମା, ଖଗପତି ନାଏକ, ହରେକୃଷ୍ଣ ନାଏକ ଙ୍କ ସହିତ ଦଣ୍ଡପାଟ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ ।

## ସଂ ପା ଦ କୀ ୟ

# ପର୍ଫେକ୍ଟ 'ଫିଟ୍'

ଭାରତୀୟ ଅର୍ଥନୀତି ତଥାପି ସମ୍ମୁଖୀନ ହୋଇଚାଲିଥିବା ମୁଦ୍ରାସ୍ଫୀତି ଠାରୁ ଆରମ୍ଭ କରି ଉଚ୍ଚା ରାଜକୋଷୀୟ ନିଅଣ୍ଟ, ହ୍ରାସମାନ ପରିବାରିକ କ୍ଷେତ୍ର ସଞ୍ଚୟ ଆଦି ଭଳି ସଂରଚନାତ୍ମକ ଆହ୍ୱାନମାନଙ୍କର ମୁକାବିଲା କରିବା ପାଇଁ 'ଏମ୍ ?ପିସି' ଭାରତୀୟ ଅର୍ଥନୀତି ତଥାପି ସମ୍ମୁଖୀନ ହୋଇଚାଲିଥିବା ମୁଦ୍ରାସ୍ଫୀତି ଠାରୁ ଆରମ୍ଭ କରି ଉଚ୍ଚା ରାଜକୋଷୀୟ ନିଅଣ୍ଟ, ହ୍ରାସମାନ ପରିବାରିକ କ୍ଷେତ୍ର ସଞ୍ଚୟ ଆଦି ଭଳି ସଂରଚନାତ୍ମକ ଆହ୍ୱାନମାନଙ୍କର ମୁକାବିଲା କରିବା ପାଇଁ 'ଏମ୍ ?ପିସି' 'ରେପୋ ରେଟ୍'କୁ ଅପରିବର୍ତ୍ତିତ ରଖିବା ସହିତ ରିଜର୍ଭ ବ୍ୟାଙ୍କ୍ ?ର 'ଷ୍ଟାନ୍ ?ସ' ବା ଆଭିମୁଖ୍ୟକୁ ମଧ୍ୟ ପୂର୍ବଭଳି ନିରପେକ୍ଷ ରଖିଛି। ଧୀର ପାଣି ପଥର କାଟିବା ପରି ରିଜର୍ଭ ବ୍ୟାଙ୍କ୍ ?ର ଏହି ଧୀରସ୍ଥିର ନୀତି ମୁଦ୍ରାସ୍ଫୀତିକୁ ସଂଯତ କରିବା ସହିତ ଅଭିବୃଦ୍ଧିକୁ ମଧ୍ୟ ଆଗେଇ ନେବ ବୋଲି ଆଶା କରାଯାଏ। ଶକ୍ତିକାନ୍ତଙ୍କ ଶେଷ ନିଷ୍ପତ୍ତି ବର୍ତ୍ତମାନର ଭାରତୀୟ ଅର୍ଥନୀତି ପାଇଁ 'ପର୍ଫେକ୍ଟ ଫିଟ୍' ବୋଲି କୁହାଯାଇପାରେ।ଆଜି ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଗଭର୍ନର ଶକ୍ତିକାନ୍ତ ଦାସଙ୍କର ଦ୍ୱିତୀୟ ପାଳି ସଂପୂର୍ଣ୍ଣ ହେଉଛି। ଏହାର ଅବ୍ୟବହିତ ପୂର୍ବରୁ ଚଳିତ ବିତ୍ତ ବର୍ଷର ଦ୍ୱିତୀୟ ଚଉଠରେ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ସମ୍ବନ୍ଧରେ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ଅନ୍ୟ ସମସ୍ତଙ୍କ ଭଳି ତାଙ୍କ ପାଇଁ ମଧ୍ୟ ବେଶ୍ ନେ ?ରାଶ୍ୟଜନକ ହୋଇଛି: ଏହି ଅଭିବୃଦ୍ଧି ହାର ୭ ଶତାଂଶ ହେବ ବୋଲି ସେ ଆଶା କରି ବସିଥିବାବେଳେ ତାହା ମାତ୍ର ୫.୪ ଶତାଂଶ ଛୁଇଁ ପାରିଛି। ଏଥିପୂର୍ବରୁ ନିର୍ଣ୍ଣାୟକ ସୁଧ ହାର 'ରେପୋ ରେଟ୍'ରେ ହ୍ରାସ ଘଟାଇ ଦେଶରେ ଶିଳ୍ପ ବ୍ୟବସାୟ ଓ ନିବେଶକୁ ସହାୟକ ହେବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ତାଙ୍କ ଉପରେ ପ୍ରବଳ ଚାପ ପଡ଼ି ଆସିଛି। ଏବେ ଅଭିବୃଦ୍ଧିରେ ଏପରି ଶିଥିଳତା ଦେଖାଦେବା ପରେ ସ୍ୱାଭାବିକ ଭାବରେ ସେହି ଚାପ ସମ୍ଭାଳିବା ଆଉ ସମ୍ଭବ ହେବ ନାହିଁ ବୋଲି ସମସ୍ତେ ଅନୁମାନ କରୁଥିଲେ।ଇତିମଧ୍ୟରେ ୪-୬ ଡିସେମ୍ବରରେ ଶକ୍ତିକାନ୍ତଙ୍କର ଦ୍ୱିତୀୟ ପାଳିର ସର୍ବଶେଷ ମୁଦ୍ରା ନୀତି ନିର୍ଦ୍ଧାରଣକାରୀ କମିଟି ('ଏମ୍ ?ପିସି')ର ବେ ?ଠକ ଅନୁଷ୍ଠିତ ହେଲା, ଯେଉଁ ସମୟରେ ସରକାର ତାଙ୍କର କାର୍ଯ୍ୟକାଳ ତୃତୀୟ ପାଳି ପାଇଁ ସଂପ୍ରସାରିତ କରିବାର ସମ୍ଭାବନାକୁ ନେଇ କଳ୍ପନାଜଳ୍ପନା ଜୋର୍ ଧରିଥାଏ। ସାଧାରଣତଃ ଆଶା କରିବା କଥା ଯେ ତୃତୀୟ ପାଳି ହାସଲ ଲୋଭରେ ଶକ୍ତିକାନ୍ତ ସରକାରଙ୍କୁ ସନ୍ତୁଷ୍ଟ କରିବା ପାଇଁ ?ଏହି ବେ ?ଠକରେ 'ରେପୋ ରେଟ୍'ରେ ହ୍ରାସ ଘଟାଇବା ପାଇଁ ନିଷ୍ପତ୍ତି ନିଆଯିବା ନିଶ୍ଚିତ କରିବେ। ଏହା ସତ୍ତ୍ୱେ କିନ୍ତୁ ଶକ୍ତିକାନ୍ତ ସମସ୍ତଙ୍କୁ ଚକିତ କରି ନିଜର ସ୍ୱାଧୀନ ଶକ୍ତି ପ୍ରଦର୍ଶନ କରି ଲଗାତାର ଏକାଦଶ ଥର ପାଇଁ ଅର୍ଥାତ୍ ପାଖାପାଖି ଦୁଇ ବର୍ଷ ଧରି 'ରେପୋ ରେଟ୍ ?'କୁ ସେଇ ୬.୫ ଶତାଂଶ ହାରରେ ଅପରିବର୍ତ୍ତିତ ରଖିଛନ୍ତି। ଏଠାରେ ଯାହା ବିଶେଷ ଭାବରେ ଉଲ୍ଲେଖନୀୟ, ତାହା ହେଲା, ସରକାରଙ୍କ ଦ୍ୱାରା ସଦ୍ୟ ନିଯୁକ୍ତ 'ଏମ୍ ?ପିସି'ର ଦୁଇ ଜଣ ବାହ୍ୟ ସଦସ୍ୟ- ନଗେଶ କୁମାର ଓ ରାମ ସିଂହଙ୍କ ବିରୋଧ ସତ୍ତ୍ୱେ ଶକ୍ତିକାନ୍ତଙ୍କ ନେତୃତ୍ୱରେ ଛ'ଜଣିଆ 'ଏମ୍ ?ପିସି' ଏହି ନିଷ୍ପତ୍ତି ଗ୍ରହଣ କରିଛି। ଶକ୍ତିକାନ୍ତ ଏଭଳି ଏକ କଠୋର ଆଭିମୁଖ୍ୟ ଗ୍ରହଣ କରିବାର କାରଣ ହେଉଛି ନିଜର ପ୍ରାଥମିକ ଦାୟିତ୍ୱ ସମ୍ବନ୍ଧରେ ସେ ପୋଷଣ କରୁଥିବା ସ୍ପଷ୍ଟ ଧାରଣା: ମୁଦ୍ରାସ୍ଫୀତି ନିୟନ୍ତ୍ରଣ। ଆଇନ ଦ୍ୱାରା ତା ?ଙ୍କ ଉପରେ ନ୍ୟସ୍ତ କରାଯାଇଥିବା ଏହି ଦାୟିତ୍ୱର ଭିତ୍ତି ହେଉଛି ୨୦୧୬ରେ ସଂଶୋଧନ କରାଯାଇଥିବା ରିଜର୍ଭ ବ୍ୟାଙ୍କ୍ ଆକ୍ଟ, ୧୯୩୪। ଏହା ବଳରେ ରିଜର୍ଭ ବ୍ୟାଙ୍କ ସମ୍ମୁଖରେ ସ୍ଥାପନ କରାଯାଇଥିବା 'ଫ୍ଲେକ୍ସିବ୍ ?ଲ ଇନ୍ ?ଫ୍ଲେସନ୍ ? ଟାର୍ଗେଟିଙ୍ଗ୍' ('ନମନୀୟ ମୁଦ୍ରାସ୍ଫୀତି ନିଶାଣ ଅନୁସରଣ') ବା ସଂକ୍ଷେପରେ 'ଫିଟ୍' ଅନୁସାରେ ଦେଶରେ ଖାଉଟି ମୁଦ୍ରାସ୍ଫୀତି ହାରକୁ ୪ ଶତାଂଶରେ ସ୍ଥିର ରଖିବା ପାଇଁ ରିଜର୍ଭ ବ୍ୟାଙ୍କ୍ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି, ଯେଉଁଥିରେ ସାମୟିକ ଭାବରେ ୨ ଶତାଂଶ ହ୍ରାସ ବୃଦ୍ଧି ସହ୍ୟ କରାଯାଇପାରେ। ତେଣୁ 'ଫିଟ୍' ଅନୁସାରେ ଦେଶରେ ଖାଉଟି ମୁଦ୍ରାସ୍ଫୀତିର ସର୍ବୋଚ୍ଚ ସହନ ସୀମା ହେଉଛି ୬ ଶତାଂଶ ଓ ସର୍ବନିମ୍ନ ହେଉଛି ୨ ଶତାଂଶ। ଏହାକୁ ପାଞ୍ଚ ବର୍ଷ ପାଇଁ ପାଳନ କରିବା ନିମିତ୍ତ ରିଜର୍ଭ ବ୍ୟାଙ୍କ୍ ?କୁ ପ୍ରଥମେ ୨୦୧୬ରେ ଓ ତାହା ସଂପୂର୍ଣ୍ଣ ହେବା ପରେ ପୁଣି ୨୦୨୧ରେ ନିର୍ଦ୍ଦେଶ ଦିଆଯାଇଛି। ଅର୍ଥାତ୍ ଏବେ ଅନ୍ତତଃ ୨୦୨୬ ପର୍ଯ୍ୟନ୍ତ ରିଜର୍ଭ ବ୍ୟାଙ୍କ୍ ?କୁ ଏହି 'ଫିଟ୍' ନିଶାଣ ଅନୁସରଣ କରିବାକୁ ପଡ଼ିବ। ଅବଶ୍ୟ ଏହି ନୀତିନିର୍ଦ୍ଧାରଣ ସମୟରେ ଦରଦାମରେ ସ୍ଥିରତାକୁ ପ୍ରାଥମିକତା ପ୍ରଦାନ କରିବା ସହିତ ଅଭିବୃଦ୍ଧି ଲକ୍ଷ୍ୟ ଉପରେ ମଧ୍ୟ ଧ୍ୟାନ ଦେବା ପାଇଁ ରିଜର୍ଭ ବ୍ୟାଙ୍କ୍ ?କୁ ନିର୍ଦ୍ଦେଶ ଦିଆଯାଇଛି।ଏହି ପୃଷ୍ଠଭୂମିରେ ବର୍ତ୍ତମାନ ରିଜର୍ଭ ବ୍ୟାଙ୍କ୍ ସମ୍ମୁଖୀନ ହୋଇଥିବା ପରିସ୍ଥିତି ଉପରେ ଏକ କ୍ଷିପ୍ର ଦୃଷ୍ଟି ନିକ୍ଷେପ କରିବା ପ୍ରାସଙ୍ଗିକ ହେବ। ଦୀର୍ଘ ୧୫ ମାସ ପରେ ଅକ୍ ?ଟୋବରରେ ଖାଉଟି ମୁଦ୍ରାସ୍ଫୀତି ହାର ସର୍ବୋଚ୍ଚ ସହନ ସୀମା ୬ ଶତାଂଶ ଅତିକ୍ରମ କରିଛି। ପରିବାପତ୍ର ଦରଦାମରେ ମାତ୍ରାଧିକ ବୃଦ୍ଧି ଓ ଏକ ଦୀର୍ଘ ବିରତି ପରେ 'ମଞ୍ଜି ମୁଦ୍ରାସ୍ଫୀତି' ('କୋର୍ ଇନ୍ ?ଫ୍ଲେସନ୍')ରେ ମଧ୍ୟ ଦେଖାଯାଇଥିବା ଉର୍ଦ୍ଧ୍ୱ ଗତି ଯୋଗୁଁ ଏହା ଘଟିଛି। ମୁଦ୍ରାସ୍ଫୀତିରେ ଏଭଳି ଅସ୍ଥିରତା ଉପଭୋକ୍ତାମାନଙ୍କୁ ପ୍ରଭାବିତ କରିବା ସହିତ ନିବେଶକମାନଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ବିଗତ ମାସମାନଙ୍କରେ ଆମେରିକୀୟ ଡଲା ?ର ବିନିମୟ ମୂଲ୍ୟରେ ଘଟିଥିବା ବୃଦ୍ଧି ପୃଥିବୀ ସାରା ନିବେଶକମାନଙ୍କୁ ପ୍ରଭାବିତ କରିଛି। ରିଜର୍ଭ ବ୍ୟାଙ୍କ୍ ?ର ଦାୟିତ୍ୱପୂର୍ଣ୍ଣ କୁଶଳୀ ପରିଚାଳନା ଯୋଗୁଁ ସେପ୍ ?ଟେମ୍ବର ଶେଷ ବେଳକୁ ଆମର ବେ ?ଦେଶିକ ମୁଦ୍ରା ପାଣ୍ଠିରେ ଏକ ରେକର୍ଡ ୭୦୫ ବିଲିଅନ୍ ଡଲାର୍ ରାଶି ଗଚ୍ଛିତ ହୋଇଥିଲେ ହେଁ ନଭେମ୍ବର ଶେଷ ସପ୍ତାହ ସୁଦ୍ଧା ସେଥିରେ ୪୮ ବିଲିଅନ୍ ଡଲାର୍ ହ୍ରାସ ଘଟିଥିଲା, ଯାହାର ଏକ ବିଶେଷ ଅଂଶ ଟଙ୍କାର ବିନିମୟ ମୂଲ୍ୟରେ ହ୍ରାସ ଅଟକାଇବା ଉଦ୍ୟମରେ ନିୟୋଜିତ ହୋଇଥିଲା। ଏହା ସତ୍ତ୍ୱେ ଏହି ସମୟରେ ଟଙ୍କାର ବିନିମୟ ମୂଲ୍ୟରେ ପ୍ରାୟ ୧ ଶତାଂଶ ହ୍ରାସ ଘଟିଛି।ଏହିଭଳି ଏକ ପରିସ୍ଥିତି ସହିତ ଖାପ ଖାଇବା ପାଇଁ ଶକ୍ତିକାନ୍ତଙ୍କ ନେତୃତ୍ୱାଧୀନ 'ଏମ୍ ?ପିସି' ଏବେ ଯେଉଁ ମୁଦ୍ରା ନୀତି ନିର୍ଦ୍ଧାରଣ କରିଛି, ତାହା ବେଶ୍ ବିଚାରବନ୍ତ ବୋଲି କହିଲେ ଯଥାର୍ଥ ହେବ। ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ନିଜର ମୁଖ୍ୟ ଦାୟିତ୍ୱ ରୂପେ ଗ୍ରହଣ କରି ରିଜର୍ଭ ବ୍ୟାଙ୍କ୍ 'ରେପୋ ରେଟ୍'ରେ ହ୍ରାସ ଘଟାଇ ନାହିଁ, କିନ୍ତୁ ନିବେଶକ ତଥା ଶିଳ୍ପବାଣିଜ୍ୟ ପାଇଁ ଅଧିକ ଋଣ ଉପଲବ୍ ?ଧ ହେବା ଉଦ୍ଦେଶ୍ୟରେ ବ୍ୟାଙ୍କ୍ ?ମାନଙ୍କ ପ୍ରତି ଲାଗୁ ହେଉଥିବା ବାଧ୍ୟତାମୂଳକ 'ନଗଦ ମହଜୁଦ ଅନୁପାତ' ବା 'କ୍ୟାସ୍ ?ରିଜର୍ଭ ରେସିଓ' ('ସିଆର୍ଆର୍')ରେ ଦୁଇଟି ସମାନ କିସ୍ତିରେ ୫୦ ବେସିସ୍ ପଏଣ୍ଟ (୦.୫ ଶତାଂଶ) ହ୍ରାସ ଘଟାଇବାକୁ ନିଷ୍ପତ୍ତି ନେଇଛି। ଏହି 'ସିଆର୍ଆର୍' ହ୍ରାସ ଯୋଗୁଁ ବ୍ୟାଙ୍କ୍ ?ମାନଙ୍କ ପାଖରେ ଋଣ ପ୍ରଦାନ କରିବା ପାଇଁ ବର୍ତ୍ତମାନ ୧.୧୬ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ରାଶି ଉପଲବ୍ ?ଧ ହେବ। ବେ ?ଦେଶିକ ମୁଦ୍ରା ବଜାରରେ ଟଙ୍କାର ବିନିମୟ ମୂଲ୍ୟରେ ସ୍ଖଳନ ପ୍ରତିହତ କରିବା ପାଇଁ ରିଜର୍ଭ ବ୍ୟାଙ୍କ୍ ଡଲାର୍ ବିକ୍ରୟ କରି ଯେଉଁ ବିପୁଳ ପରିମାଣର ଟଙ୍କା ବ୍ୟାଙ୍କ୍ ?ମାନଙ୍କ ଠାରୁ ଅପସାରିତ କରିଥିଲା ଏହା ତାହାକୁ ଆଂଶିକ ଭରଣା କରିବାରେ ସହାୟକ ହେବ।ସର୍ବଦା ଦେଖାଯାଇଥାଏ ଯେ ଏକ ବିତ୍ତ ବର୍ଷ ?ର ଦ୍ୱିତୀୟାର୍ଦ୍ଧରେ ଋଣ ପାଇଁ ଚାହିଦାରେ ବୃଦ୍ଧି ଘଟିଥାଏ। ବର୍ତ୍ତମାନ ବ୍ୟାଙ୍କ୍ ?ମାନଙ୍କ ପାଖରେ ଉପଲବ୍ ?ଧ ହେବାକୁ ଯାଉଥିବା ଏହି ବିଶାଳ ରାଶି ସେଇ ଋଣ ଚାହିଦା ପୂରଣ କରିବା ପାଇଁ ବେଶ୍ ଉପଯୋଗୀ ହେବ। ରିଜର୍ଭ ବ୍ୟାଙ୍କ୍ ବର୍ତ୍ତମାନ 'ସିଆର୍ଆର୍'ରେ ହ୍ରାସ ଘଟାଇବା ପରେ ତାହା ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ସେଠାରେ ଘଟାଯାଇଥିବା ବୃଦ୍ଧି ପୂର୍ବର ସ୍ତରକୁ ଫେରିଆସିଛି। ରିଜର୍ଭ ବ୍ୟାଙ୍କ୍ ?ର ଏହି ପଦକ୍ଷେପ ସ୍ୱଳ୍ପ କାଳରେ ମୁଦ୍ରା ବଜାରରେ ସୁଧ ହାରକୁ ପ୍ରଭାବିତ କରିବ। ଏହା ନିବେଶକ ଓ ଉଦ୍ୟୋଗୀମାନଙ୍କ ପାଇଁ ଅନୁକୂଳ ହୋଇ ଅର୍ଥନେ ?ତିକ ଅଭିବୃଦ୍ଧିକୁ ସହାୟକ ହେବ। କିନ୍ତୁ ଭାରତୀୟ ଅର୍ଥନୀତି ତଥାପି ସମ୍ମୁଖୀନ ହୋଇଚାଲିଥିବା ମୁଦ୍ରାସ୍ଫୀତି ଠାରୁ ଆରମ୍ଭ କରି ଉଚ୍ଚା ରାଜକୋଷୀୟ ନିଅଣ୍ଟ, ହ୍ରାସମାନ ପରିବାରିକ କ୍ଷେତ୍ର ସଞ୍ଚୟ ଆଦି ଭଳି ସଂରଚନାତ୍ମକ ଆହ୍ୱାନମାନଙ୍କର ମୁକାବିଲା କରିବା ପାଇଁ 'ଏମ୍ ?ପିସି' 'ରେପୋ ରେଟ୍'କୁ ଅପରିବର୍ତ୍ତିତ ରଖିବା ସହିତ ରିଜର୍ଭ ବ୍ୟାଙ୍କ୍ ?ର 'ଷ୍ଟାନ୍ ?ସ' ବା ଆଭିମୁଖ୍ୟକୁ ମଧ୍ୟ ପୂର୍ବଭଳି ନିରପେକ୍ଷ ରଖିଛି। ଧୀର ପାଣି ପଥର କାଟିବା ପରି ରିଜର୍ଭ ବ୍ୟାଙ୍କ୍ ?ର ଏହି ଧୀରସ୍ଥିର ନୀତି ମୁଦ୍ରାସ୍ଫୀତିକୁ ସଂଯତ କରିବା ସହିତ ଅଭିବୃଦ୍ଧିକୁ ମଧ୍ୟ ଆଗେଇ ନେବ ବୋଲି ଆଶା କରାଯାଏ। ଶକ୍ତିକାନ୍ତଙ୍କ ଶେଷ ନିଷ୍ପତ୍ତି ବର୍ତ୍ତମାନର ଭାରତୀୟ ଅର୍ଥନୀତି ପାଇଁ 'ପର୍ଫେକ୍ଟ ଫିଟ୍' ବୋଲି କୁହାଯାଇପାରେ।

# ବରଷକେ ଥରେ ଓଡ଼ିଶା ପର୍ବ

**ତପନ କୁମାର**

'ଜମ୍ବୁଦ୍ୱୀପେ ଭ୍ରଥଖଣ୍ଡେ ଓଡ଼ରାଷ୍ଟ୍ରମଣ୍ଡଳେ'- ଆଦିକବି ସାରଳା ଦାସଙ୍କ ମହାଭାରତର ଏ ପଙ୍ ?କ୍ତି ସୂଚାଇ ଦିଏ, ଅତୀତରେ ଓଡ଼ିଶା ଭୂଖଣ୍ଡ କେତେ ବିଶାଳ ଓ ବ୍ୟାପକ ଥିଲା। ଅବଲୀଳା କ୍ରମେ ଓଡ଼ିଶାର ପରିସୀମା ଆଜି ସଂକୁଚିତ... 'ଜମ୍ବୁଦ୍ୱୀପେ ଭ୍ରଥଖଣ୍ଡେ ଓଡ଼ରାଷ୍ଟ୍ରମଣ୍ଡଳେ'- ଆଦିକବି ସାରଳା ଦାସଙ୍କ ମହାଭାରତର ଏ ପଙ୍ ?କ୍ତି ସୂଚାଇ ଦିଏ, ଅତୀତରେ ଓଡ଼ିଶା ଭୂଖଣ୍ଡ କେତେ ବିଶାଳ ଓ ବ୍ୟାପକ ଥିଲା। ଅବଲୀଳା କ୍ରମେ ଓଡ଼ିଶାର ପରିସୀମା ଆଜି ସଂକୁଚିତ, ଅଥଚ ଓଡ଼ିଶାର ମାଟି-ପାଣି-ପବନ, ଜନ-ଜୀବନ, ସବୁ କିଛି ଅସୀମ ସମ୍ଭାବନାରେ ପରିପୂର୍ଣ୍ଣ। ବିଶ୍ୱ ନିୟନ୍ତା ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ କେଉଁ ଆବହମାନ କାଳରୁ ଗୌରବମଣ୍ଡିତ ହୋଇ ଆସିଛି ଓଡ଼ିଶା ଭୂଇଁ। ପାଖାପାଖି ନଅ ଦଶନ୍ଧି ତଳେ ଓଡ଼ିଆ ଭାଷାକୁ ପୁଞ୍ଜି କରି ଓଡ଼ିଶା ପାଇ ଥିଲା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଏବଂ ଏକ ଦଶନ୍ଧି ତଳେ ଏହି ଭାଷାକୁ ମିଳିଲା ଶାସ୍ତ୍ରୀୟ ଭାଷାର ମାନ୍ୟତା। ଅନେକ ଜ୍ଞାନୀ, ଗୁଣୀ, ବିଦ୍ୱାନ ତଥା ସଂଗ୍ରାମୀ ବରପୁତ୍ର ଓ ଜନନାୟକ ଉତ୍କଳ ଜନନୀଙ୍କ କୋଳ ମଣ୍ଡନ କରିଛନ୍ତି ଏବଂ ଓଡ଼ିଆ ଜାତିର ମହିମା ମଣ୍ଡନ ମଧ୍ୟ କରିଛନ୍ତି। ଓଡ଼ିଶାର କଳା-କୌଶଳ, ପ୍ରକୃତି-ସଂସ୍କୃତି, ଶ୍ରୁତି-ପୋଥି, ବ୍ୟଞ୍ଜନ-ବୟନ, ସବୁଥିରେ ବିବିଧତା ପୂରିରହିଛି। ସେ ବିବିଧତା ଭିତରେ କିନ୍ତୁ ନିଜସ୍ୱ ଶୈଳୀର ଛାପଟିଏ ଆଜି ବି ଜୀବନ୍ତ। ଏସବୁକୁ ଅନୁଭବ କରି ଓଡ଼ିଆ ଜାତିର ହୃତଗୌରବକୁ ଫେରାଇ ଆଣିବା ପାଇଁ ଅନେକ ଓଡ଼ିଆପ୍ରାଣ ବ୍ୟକ୍ତି ଓ ସଂଗଠନ ରାଜ୍ୟ, ଦେଶ ଓ ବିଦେଶରେ ଧାରାବାହିକ ଭାବେ ଉଦ୍ୟମ ଚଳାଇ ଆସୁଛନ୍ତି। ଓଡ଼ିଶାର ହୃତଗୌରବକୁ କୃତଗୌରବରେ ରୂପାନ୍ତରିତ କରିବା ହିଁ ହେଉଛି ଆମ ସମୟର ସବୁଠାରୁ ବଡ଼ ଆହ୍ୱାନ।ଏ ଆହ୍ୱାନକୁ ସହର୍ଷ ସ୍ୱୀକାର କରି ଓଡ଼ିଶା ଓ ଓଡ଼ିଆର ବୃହତ୍ତର ସ୍ୱାର୍ଥ ପାଇଁ ଯେଉଁ କିଛି ଅନୁଷ୍ଠାନ ନିରନ୍ତର କାର୍ଯ୍ୟ କରିଚାଲିଛନ୍ତି, ତନ୍ମଧ୍ୟେ ନୂଆଦିଲ୍ଲୀର ଓଡ଼ିଆ-ସମାଜ ଅନ୍ୟତମ। ଓଡ଼ିଆ-ସମାଜ ପକ୍ଷରୁ ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା 'ଓଡ଼ିଶା ପର୍ବ- ୨୦୨୪'। ଭାରତର ରାଜଧାନୀ ଦିଲ୍ଲୀ ନଗରୀର ପ୍ରବାସୀ ଓଡ଼ିଆ ଭାଇଭଉଣୀଙ୍କ ପାଇଁ ଏହି ଉତ୍ସବ ଆଣିଦେଇଥିଲା ଭେଟଘାଟର ଏକ ସ୍ୱତନ୍ତ୍ର ଅବସର।ମହାନଗରୀ ଦିଲ୍ଲୀରେ ପାରମ୍ପରିକ ଓଡ଼ିଆ ଖାଦ୍ୟପେୟର ସ୍ୱାଦ ଚାଖିବାର ସୁଯୋଗ ଆଣି ଦେଇଥିଲା ଓଡ଼ିଶା ପର୍ବ। ଓଡ଼ିଶାର ପିଠାପଣା ସାଙ୍ଗକୁ ସୂକ୍ଷ୍ମ ହସ୍ତତନ୍ତର ଆକର୍ଷଣ ଦିଲ୍ଲୀର ଅନ୍ୟ ଭାଷାଭାଷୀ ଅଧିବାସୀଙ୍କୁ ମଧ୍ୟ ଏଠାକୁ ଟାଣି ଆଣିଥିଲା। ତିନି ଦିନବ୍ୟାପୀ ଓଡ଼ିଶା ପର୍ବରେ ନୂଆ-ପୁରୁଣା ଶୈଳୀରେ ଅନେକଗୁଡ଼ିଏ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏ ଅବସରରେ ଓଡ଼ିଶାର ପ୍ରସିଦ୍ଧ ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର୍ ଓ ଇନଫ୍ଲୁଏନ୍ ?ସ ?ମାନେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଓଡ଼ିଆ ପୁସ୍ତକ ଓ ଓଡ଼ିଆ ଅନୁବାଦ ବହିକୁ ଅଭୂତପୂର୍ବ ପାଠକୀୟ ଶ୍ରଦ୍ଧା ମିଳିଥିଲା। ଏଠାରେ ଆୟୋଜିତ ଓଡ଼ିଶା କନ୍ ?କ୍ଲେଭ୍ ?ର ଦ୍ୱିତୀୟ ସଂସ୍କରଣରେ ଓଡ଼ିଆ ଅସ୍ମିତା ଓ ଓଡ଼ିଆ ସଂସ୍କୃତିର ସଂରକ୍ଷଣ ପାଇଁ ଦୀର୍ଘକାଳୀନ ବାତାବରଣ ଉପରେ ଆଲୋଚନା ହୋଇଥିଲା। ଓଡ଼ିଶାର କୋଣଅନୁକୋଣରୁ ଆସିଥିବା ପ୍ରତିଭାବାନ ଓ ପ୍ରତିଷ୍ଠିତ ନୃତ୍ୟଶିଳ୍ପୀ, କଣ୍ଠଶିଳ୍ପୀ, ସାହିତ୍ୟ-ସାଧକ, ଗବେଷକ, ସମାଜସେବୀ, ରାଜନେତା- ସଭିଏଁ ଏହି ଉତ୍ସବରେ ଯୋଗ ଦେଇ ଆତ୍ମସନ୍ତୋଷ ଲାଭ କରିଥିଲେ। ସର୍ବୋପରି, ଏହି ମହୋତ୍ସବରେ ପ୍ରବଳ ଉତ୍ସାହର ସହ ଯୋଗ ଦେଇଥିବା ଅସଂଖ୍ୟ ପ୍ରବାସୀ ଓଡ଼ିଆ ନିଜ ଭିତରେ ପୁଣି ଥରେ ଓଡ଼ିଆ ଅସ୍ମିତାକୁ ଆବିଷ୍କାର କରି ଆହ୍ଲାଦିତ ହୋଇଥିଲେ। ଓଡ଼ିଶା ପର୍ବର ପ୍ରଥମ ଆ ?ବିର୍ଭାବ ଘଟିଥିଲା ୨୦୧୭ ମସିହାରେ। ଓଡ଼ିଶା ବାହାରେ ଓଡ଼ିଆ ସଂସ୍କୃତିର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଓଡ଼ିଆ-ସମାଜ, ନୂଆଦିଲ୍ଲୀ, ପକ୍ଷରୁ ପ୍ରତି ବର୍ଷ ଦେଶର ରାଜଧାନୀରେ ଅର୍ଥାତ୍ ସର୍ବଭାରତୀୟ ମଞ୍ଚରେ ଏହି ପର୍ବ ଆୟୋଜନ କରିବା ଥିଲା ମୁଖ୍ୟ ଉଦ୍ଦେଶ୍ୟ। ଓଡ଼ିଆ-ସମାଜ ହେଉଛି ଓଡ଼ିଶା ବାହାରେ ବସବାସ କରୁଥିବା ଅଗଣିତ ପ୍ରବାସୀ ଓଡ଼ିଆଙ୍କୁ ଏକାଠି କରିବାର ଏକ ଖୋଲା ମଞ୍ଚ। ଓଡ଼ିଶାର ପ୍ରତିଟି ଅନନ୍ୟ ଉପାଦାନକୁ ଜାତୀୟ ତଥା ଅନ୍ତର୍ଜାତୀୟ ଦରବାରରେ ନିଆରା ଢଙ୍ଗରେ ଉପସ୍ଥାପନ କରିବା ଏହାର ଲକ୍ଷ୍ୟ। ଏହି କ୍ରମରେ ଓଡ଼ିଶା ପର୍ବର ପ୍ରଥମ ସଂସ୍କରଣ ୨୦୧୭ ମସିହାରେ ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍ ପରିସରରେ ଅନୁଷ୍ଠିତ ହୋଇଥିଲା। ୨୦୧୮ରେ ଗୁଜରାଟର ସୁରଟରେ ପାଳିତ ହୋଇଥିଲା ଓଡ଼ିଶା ପର୍ବ। ତେବେ କୋଭିଡ୍ ମହାମାରୀ କାରଣରୁ ୨୦୨୦ ମସିହାରେ ଓଡ଼ିଶା ପର୍ବ ବାତିଲ କରିବାକୁ ପଡ଼ିଥିଲା। ୨୦୨୧ ଓ ୨୦୨୨ରେ 'ଭର୍ଚୁଆଲ୍ ସେଲିବ୍ରେସନ୍' ମାଧ୍ୟମରେ ଏହି ସମାରୋହ ବିଶ୍ୱବ୍ୟାପୀ ପ୍ରସାରିତ ହୋଇଥିଲା। 'ଅନ୍ ?ଲାଇନ୍ ପ୍ଲାଟ୍ ?ଫର୍ମ'ରେ ଆୟୋଜିତ ଓଡ଼ିଶା ପର୍ବରେ ଓମାନ, ୟୁଏଇ, ବ୍ରିଟେନ୍, ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଅଷ୍ଟ୍ରେଲିଆ, ତାଞ୍ଜାନିଆ ସମେତ ଭାରତର ବିଭିନ୍ନ ରାଜ୍ୟରେ ରହୁଥିବା ଲକ୍ଷ ଲକ୍ଷ ଓଡ଼ିଆ ତଥା ଅଣଓଡ଼ିଆ ସାମିଲ ହୋଇଥିଲେ। କରୋନା ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୨୩ ମସିହା ମାର୍ଚ୍ଚ ମାସରେ ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିଅମ୍ ? ପଡ଼ିଆରେ ଓଡ଼ିଶା ପର୍ବର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସଂସ୍କୃତି, ଐତିହ୍ୟ, ବୌଦ୍ଧିକ ପରମ୍ପରା ସାଙ୍ଗକୁ '୨୦୩୬ରେ ଓଡ଼ିଶା' (ସ୍ୱତନ୍ତ୍ର ରାଜ୍ୟ ଗଠନର ଶତବାର୍ଷିକୀ)ର ସୁନ୍ଦର ପରିକଳ୍ପନାମାନ ସଫଳତାର ସହ ପ୍ରଦର୍ଶିତ ହୋଇ ସବୁ ବର୍ଗର ଲୋକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଓଡ଼ିଶା ପର୍ବ- ୨୦୨୩ରେ ଅନ୍ୟତମ ପ୍ରମୁଖ ଆକର୍ଷଣ ଥିଲା ଓଡ଼ିଶା କନ୍ ?କ୍ଲେଭ୍। ଏହି ତିନିଦିନିଆ ଜାତୀୟ ସମ୍ମିଳନୀରେ ଓଡ଼ିଶାର ଅସ୍ମିତା ଓ ସ୍ୱାଭିମାନ ଏବଂ ଆତ୍ମନିର୍ଭର ଓଡ଼ିଶା ଉପରେ ବିଚାର-ଆଲୋଚନା କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ୨୦୧୭ରୁ ୨୦୨୩ ମଧ୍ୟରେ ଆୟୋଜିତ ଓଡ଼ିଶା ପର୍ବର ବିଭିନ୍ନ ସଂସ୍କରଣରେ ସ୍ୱର୍ଗତ ଅରୁଣ ଜେଟଲି, ସ୍ୱର୍ଗତ ପ୍ରଣବ ମୁଖାର୍ଜୀ, ଶ୍ରୀ ଭେଙ୍କୟା ନାଇଡୁ, ଶ୍ରୀ ରାଜନାଥ ସିଂହ, ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ପ୍ରମୁଖଙ୍କ ପରି ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଓ ନେତାମାନେ ଯୋଗ ଦେଇଛନ୍ତି।

ଓଡ଼ିଶା ପର୍ବର ଅତିଥି ଭାବେ ଯୋଗ ଦେଇଥିବା ମହାନୁଭବଗଣଙ୍କ ତାଲିକାରେ ଏ ବର୍ଷ ଯୋଡ଼ି ହୋଇଛନ୍ତି ଆଉ ଦୁଇ ଜଣ ବରେଣ୍ୟ, ବରିଷ୍ଠ- ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ। ଜଣଙ୍କର ମନପ୍ରାଣ ଓଡ଼ିଆ ଭାବାବେଗରେ ପୂର୍ଣ୍ଣ ତ ଆର ଜଣଙ୍କର ଓଡ଼ିଆ-ପ୍ରୀତିର ପଟାନ୍ତର ନାହିଁ। ଉତ୍ସବ ଅବଧିରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ବହୁ ଶିଷ୍ଟ-ବିଶିଷ୍ଟଙ୍କ ଉପସ୍ଥିତି ଯୋଗୁଁ ଓଡ଼ିଶା ଜାତୀୟ ପରିଚିତି ଆହୁରି ସୁଦୃଶ୍ୟ ହୋଇପାରିଛି।ଓଡ଼ିଶାର ଆଦିବାସୀ ଚିତ୍ରକଳା, ଉତ୍କୃଷ୍ଟ ବାନ୍ଧ କଳା, ମନ୍ଦିର ଓ ବିହାର ଆଦିର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ, ଏ ସବୁରେ ସାଇତା ହୋଇ ରହିଛି କାହିଁ କେତେ ପିଢ଼ିର ଓଡ଼ିଆ କାରିଗର କୁଳର ଅଲିଭା ସ୍ୱାକ୍ଷର। ଓଡ଼ିଆ କଳାକାରିଗରି ଆଜି ବି ଅସୀମ ସମ୍ଭାବନାରେ ପୂର୍ଣ୍ଣ। ଏ ସମ୍ଭାବନା ଆମକୁ ପାଦେ ପାଦେ ଆଗକୁ ବଢ଼ିବାରେ ପ୍ରେରଣା ଯୋଗାଉଛି।ଓଡ଼ିଶା ପର୍ବର ଉଦ୍ ?ଘାଟନୀ ଉତ୍ସବରେ ଯୋଗ ଦେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କଳିଙ୍ଗ ଯୁଦ୍ଧ କଥା ଉଲ୍ଲେଖ କରୁକରୁ ଓଡ଼ିଶାର ଚିର-ଶାନ୍ତିପ୍ରିୟ ଚରିତ୍ରକୁ ରେଖାଙ୍କିତ କରିବାକୁ ଭୁଲି ନାହାନ୍ତି। ଅପର ପକ୍ଷେ ଉଦ୍ ?ଯାପନୀ ଉତ୍ସବରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ମୋଦୀ ଓଡ଼ିଶା ପର୍ବକୁ ଓଡ଼ିଆ ସଂସ୍କୃତିର ମହାକୁମ୍ଭ ଭାବେ ଅଭିହିତ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିବା ଓଡ଼ିଆ ସାହିତ୍ୟ ପରମ୍ପରା କଥା ସେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଜଗନ୍ନାଥଙ୍କ ପରମ ଭକ୍ତ ମାଣିକ ଗଉଡୁଣୀ କଥା, ବଖାଣିଛନ୍ତି ଓଡ଼ିଆ ଜାତିର ସ୍ୱାଭିମାନ ରକ୍ଷା ଲାଗି ନିଜେ ମହାପ୍ରଭୁ ଯୁଦ୍ଧଭୂମିକୁ ଓହ୍ଲାଇ ଆସିବା ଘଟଣା। ସାରଳା ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଭୀମଭୋଇ ଆଦି ଓଡ଼ିଆ ସିଦ୍ଧଗଣଙ୍କ କାଳଜୟୀ କୃତି ଓ ଉକ୍ତି ଇତ୍ୟାଦି ତାଙ୍କର ମନେପଡ଼ିଛି। ପାଇକ ବିଦ୍ରୋହ ଠାରୁ ପ୍ରଜାମଣ୍ଡଳ ଆନ୍ଦୋଳନ ଯାଏ- ଓଡ଼ିଶା ଇତିହାସର ଭିନ୍ନ ଭିନ୍ନ କାଳଖଣ୍ଡରେ ଓଡ଼ିଆଙ୍କ ବୀରତ୍ୱ ଓ ପରାକ୍ରମର ଦୃଷ୍ଟାନ୍ତସବୁକୁ ସେ ମନେ ପକାଇଛନ୍ତି। ମହତାବଙ୍କ ଠାରୁ ମୁର୍ମୁଙ୍କ ପର୍ଯ୍ୟନ୍ତ, ଓଡ଼ିଆ ନେତୃତ୍ୱ କିପରି ସବୁବେଳେ ଭାରତକୁ ଦିଗଦର୍ଶନ ଦେଇଆସିଛି, ତାହା ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ତାଙ୍କର ମନେ ପଡ଼ିଛି, ଓଡ଼ିଶାର ଅତୀତ ଗୌରବ କଥା, ନୌବାଣିଜ୍ୟ ଓ ସାଧବ ପରମ୍ପରାର ଗୌରବ ଗାଥା, ବାଲିଯାତ୍ରା ସାଙ୍ଗକୁ ବୋଇତରେ ଓଡ଼ିଆଙ୍କ ଜଳଯାତ୍ରା କଥା। ଦରିଆ ପାରି ବଣିଜ ଓ ବିଦେଶରେ ବସତି ସ୍ଥାପନରେ ଓଡ଼ିଆଙ୍କ ସଫଳତାର କାହାଣୀକୁ ମନେ ପକାଇ ସେ କହିଛନ୍ତି, ଓଡ଼ିଆ ଜାତି କିପରି ଥିଲା ଏକ ବଣିକ ଜାତି, ଓଡ଼ିଶା କିପରି ଥିଲା ଏକ ନୌବାଣିଜ୍ୟିକ ଶକ୍ତି। ପ୍ରଧାନମନ୍ତ୍ରୀଙ୍କ ତୁଣ୍ଡରେ ଓଡ଼ିଶା ଓ ଓଡ଼ିଆର ଭୂୟସୀ ପ୍ରଶଂସା ଶୁଣିବା ବେଳେ ମୁଁ ଭାବବିହ୍ୱଳ ହୋଇ ଉଠୁଥିଲି। ଓଡ଼ିଶା ପ୍ରତି ମୋଦୀଙ୍କର ଅହେତୁକ ଆକର୍ଷଣ ମୋତେ ଅନେକବାର ଉତ୍ ?ଫୁଲ୍ଲିତ କରିଛି। ପୂର୍ବ-ଭାରତକୁ ଦେଶ ବିକାଶର ଇଞ୍ଜିନରେ ପରିଣତ କରିବାର ସଂକଳ୍ପରୁ ଜାତ ତାଙ୍କର 'ପୂର୍ବୋଦୟ' ପରିକଳ୍ପନା ବାସ୍ତବରେ ଯୁଗାନ୍ତକାରୀ। ଶହେ ବର୍ଷରେ ଯାହା କେହି କରି ନଥିଲେ, ତାହା କରି ଦେଖାଇଛନ୍ତି ପ୍ରଧାନମନ୍ତ୍ରୀ। ତାଙ୍କରି ଉଦ୍ୟମରେ ବିକାଶର ରଥ ଏବେ ପୂରୁବ-ମୁହାଁ ହୋଇଛି। ଓଡ଼ିଶାର ବିକାଶ ପାଇଁ ଅର୍ଥ ଯେପରି ବାଧକ ନ ସାଜେ, ସେଥି ପାଇଁ ମୁକ୍ତ ହସ୍ତ ହୋଇଛନ୍ତି ମୋଦୀ-ସରକାର। ଓଡ଼ିଶାରେ ଶିକ୍ଷା ଠାରୁ ସ୍ୱାସ୍ଥ୍ୟ, ଜଳ ଠାରୁ ପରିମଳ, ଯୋଗାଯୋଗ ଠାରୁ ଗମନାଗମନ, ସବୁ କ୍ଷେତ୍ର ପାଇଁ କେନ୍ଦ୍ରୀୟ ବଜେଟରେ ଓଡ଼ିଶାକୁ ଅର୍ଥ ବରାଦ ବଢ଼ି ବଢ଼ି ଚାଲିଛି, ବର୍ଷକୁ ବର୍ଷ। ଓଡ଼ିଶାକୁ ଆଉ କେନ୍ଦ୍ରୀୟ ସହାୟତାର ଅଭାବ ନାହିଁ, ଘରୋଇ ଓ ବିଦେଶୀ ପୁଞ୍ଜି ବିନିଯୋଗର ଅଭାବ ମଧ୍ୟ ନାହିଁ। ପ୍ରଧାନମନ୍ତ୍ରୀଙ୍କ ମତରେ ପୂର୍ବ ଏସିଆ ଓ ଦକ୍ଷିଣ-ପୂର୍ବ ଏସିଆ ସହ ଆମର ବାଣିଜ୍ୟିକ ସମ୍ପର୍କ ବୃଦ୍ଧି ନିମନ୍ତେ ଓଡ଼ିଶାର ଭୌଗୋଳିକ ଅବସ୍ଥିତି ଏକ ବରଦାନ ସଦୃଶ। ଏଣୁ ବନ୍ଦରଭିତ୍ତିକ ଶିଳ୍ପ, ଖଣି-ଭିତ୍ତିକ ଶିଳ୍ପ, ପାରମ୍ପରିକ ଓ ଅକ୍ଷୟ ଶକ୍ତି ଉତ୍ପାଦନ ଆଦିରେ ଅଭିବୃଦ୍ଧି ସାଙ୍ଗକୁ କୃଷିଭିତ୍ତିକ ଶିଳ୍ପ, ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଆଦିର ସଂପ୍ରସାରଣ ମାଧ୍ୟମରେ ଓଡ଼ିଶାକୁ ଏକ ରପ୍ତାନିଭିତ୍ତିକ ଅର୍ଥନୀତି ଭାବେ ଗଢ଼ି ତୋଳିବାର ଉଦ୍ୟମ ଜାରି ରଖିଛନ୍ତି ତାଙ୍କ ସରକାର। ଏହା ସାଙ୍ଗକୁ ଓଡ଼ିଶାକୁ ଏକ ସହରୀ ଭିତ୍ତିଭୂମି ସଂପନ୍ନ ରାଜ୍ୟ ଭାବେ ବିକଶିତ କରିବାର ସ୍ୱପ୍ନ ମଧ୍ୟ ତାଙ୍କର ରହିଛି। ରାଜ୍ୟରେ ଅଧିକରୁ ଅଧିକ ଗୁଣାତ୍ମକ ଉଚ୍ଚ-ଶିକ୍ଷାନୁଷ୍ଠାନମାନ ପ୍ରତିଷ୍ଠା ସଙ୍ଗେ ସଙ୍ଗେ ଷ୍ଟାର୍ଟ-ଅପ୍ 'ଇକୋସିଷ୍ଟମ୍ ?' ବା ବାତାବରଣକୁ ଆହୁରି ସଶକ୍ତ କରିବାକୁ ପଦକ୍ଷେପ ମଧ୍ୟ ନିଆଯାଉଛି। ଏଣୁ ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସବୁ ପ୍ରକାରର ପଦକ୍ଷେପ ଗ୍ରହଣ କରାଯାଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ।ଓଡ଼ିଶାର ଆଦିବାସୀ ଚିତ୍ରକଳା, ଉତ୍କୃଷ୍ଟ ବାନ୍ଧ କଳା, ମନ୍ଦିର ଓ ବିହାର ଆଦିର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ, ଏ ସବୁରେ ସାଇତା ହୋଇ ରହିଛି କାହିଁ କେତେ ପିଢ଼ିର ଓଡ଼ିଆ କାରିଗର କୁଳର ଅଲିଭା ସ୍ୱାକ୍ଷର। ଓଡ଼ିଆ କଳାକାରିଗରି ଆଜି ବି ଅସୀମ ସମ୍ଭାବନାରେ ପୂର୍ଣ୍ଣ। ଏ ସମ୍ଭାବନା ଆମକୁ ପାଦେ ପାଦେ ଆଗକୁ ବଢ଼ିବାରେ ପ୍ରେରଣା ଯୋଗାଉଛି। ଏଥିରୁ ହିଁ ପରବର୍ତ୍ତୀ କାଳରେ ଓଡ଼ିଶାର 'ସଫ୍ ?ଟ ପାୱାର' ବିକଶିତ ହୋଇପାରିବ। ଓଡ଼ିଶା ପର୍ବ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଆମକୁ ଆଗାମୀ ଦିନରେ 'ବାଲିଯାତ୍ରା ଦିବସ', 'ଓଡ଼ିଶୀ ଦିବସ' ଆଦି ଭଳି ପର୍ବ ପାଳନ କରିବା ନିମନ୍ତେ ଯେଉଁ ପରାମର୍ଶ ଦେଇଛନ୍ତି, ତହିଁରେ ଓଡ଼ିଶାର ଏହି 'ସଫ୍ ?ଟ ପାୱାର' ପ୍ରତି ତାଙ୍କର ଇଙ୍ଗିତ ଯେ ସ୍ପଷ୍ଟ, ଏକଥା କହିବା ବାହୁଲ୍ୟ ମାତ୍ର।ଚଳିତ ବର୍ଷ ଆମେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ମହାପ୍ରୟାଣର ଶତବାର୍ଷିକୀ ପାଳୁଛେ। ମାତୃଭୂମି ଓଡ଼ିଶା ଓ ମାତୃଭାଷା ଓଡ଼ିଆ ପ୍ରତି ତାଙ୍କର ଅନାବିଳ ମମତା ତଥା ସମର୍ପଣ ଭାବରୁ ଜାତ ଦମ୍ଭୋକ୍ତିମାନ ଆଜି ବି ଆମ ଭାବାବେଗକୁ ଜାବୁଡ଼ି ଧରିଛନ୍ତି। ମେହେର-ଚେତନା ଆଧାରିତ ଏହି ଓଡ଼ିଆ ଭାବାବେଗ ହିଁ ଓଡ଼ିଶା ପର୍ବର ମୂଳ ପୁଞ୍ଜି।

# ଛୁଆଚୋର

**ସର୍ବେଶ୍ୱର ବେହେରା**

କିଛି ଦିନ ତଳର କଥା। ଆମ ଘରର ଜଣେ ସହଯୋଗୀ କର୍ମଚାରୀଙ୍କୁ ଫୋନ୍ ? କଲ୍ ?ଟେ ଆସିଲା। ତାଙ୍କ ଦଶ ବର୍ଷର ପୁଅକୁ ସ୍କୁଲ୍ ? ନେବାଆଣିବା କରୁଥିବା ଅଟୋଚାଳକ ଫୋନ୍ କରିଥିଲେ। ଟିକିଏ ବ୍ୟସ୍ତ ହୋଇ ସେ କହିଲେ...କିଛି ଦିନ ତଳର କଥା। ଆମ ଘରର ଜଣେ ସହଯୋଗୀ କର୍ମଚାରୀଙ୍କୁ ଫୋନ୍ ? କଲ୍ ?ଟେ ଆସିଲା। ତାଙ୍କ ଦଶ ବର୍ଷର ପୁଅକୁ ସ୍କୁଲ୍ ? ନେବାଆଣିବା କରୁଥିବା ଅଟୋଚାଳକ ଫୋନ୍ କରିଥିଲେ। ଟିକିଏ ବ୍ୟସ୍ତ ହୋଇ ସେ କହିଲେ, ''ଅଧଘଣ୍ଟାରୁ ଅଧିକ ହେଲାଣି ସ୍କୁଲ୍ ? ବାହାରେ ଅପେକ୍ଷା କରିଛି। ହେଲେ ପୁଅର ଦେଖାଦର୍ଶନ ନାହିଁ।'' ଏକଥା ଶୁଣି ତାଙ୍କ ମନ ଭିତରେ ଏକ ଅଜଣା ଆତଙ୍କ ଖେଳିଗଲା। ପୁଅ ସକାଳେ ସ୍କୁଲ୍ ? ଯାଇଥିଲା। କ'ଣ ହୋଇ ଥାଇପାରେ ? କିଛି ଅସୁବିଧା ହୋଇନି ତ ? ସେ ତତ୍ ?କ୍ଷଣାତ୍ ? ତାଙ୍କ ସ୍ତ୍ରୀଙ୍କୁ ଫୋନ୍ ? କଲେ। ହୁଏତ ପୁଅ କେମିତି କ'ଣ କରି କାହା ସାଙ୍ଗରେ ଘରକୁ ପଳେଇଥିବ ଆଉ ଅଟୋବାଲାକୁ ଜଣେଇ ନଥିବ ! କିନ୍ତୁ ସ୍ତ୍ରୀ କହିଲେ ପୁଅ ଘରେ ନାହିଁ ! ସେ ଧଡ଼ପଡ଼ ହୋଇ ସ୍କୁଲ୍ ଆଡ଼େ ମାଡ଼ିଗଲେ। ଅଧା ବାଟରେ ଦେଖିଲେ ପୁଅ ଚାଲି ଚାଲି ତାଙ୍କ ଘର ଆଡ଼କୁ ଯାଉଛି। ପାଖକୁ ଯାଇ ଦେଖନ୍ତି, ସେ ଖୁବ୍ ଜୋ ?ରେ କାନ୍ଦୁଛି। ତାକୁ ଘରକୁ ନେଲେ। ଟିକିଏ ଶାନ୍ତ ହେଲା ପରେ କ'ଣ ହେଲା ବୋଲି ପଚାରିଲେ। ସେ କହିଲା, ''ସ୍କୁଲ ସରିବା ପରେ ଗେଟ୍ ବାହାରକୁ ଆସି ଅଟୋ ଆଡ଼କୁ ଯାଉଥିଲି। ସେତିକିବେଳେ ଜଣେ ଲୋକ ମୋ ପାଖକୁ ଆସି ବାପା ଘରକୁ ନେବାକୁ ପଠେଇଛନ୍ତି ବୋଲି କହିଲେ। ପୁଣି କହିଲେ, ବାପା କହିଛନ୍ତି ସଙ୍ଗେ ସଙ୍ଗେ ଯିବାକୁ ପଡ଼ିବ। ସେ ତୁମକୁ ଅପେକ୍ଷା କରିଛନ୍ତି। ସେ ଲୋକ ଜଣକ ମୁଣ୍ଡରେ ହେଲ୍ ?ମେଟ୍ ପିନ୍ଧିଥିଲେ। ମୁଁ ତାଙ୍କ କଥାକୁ ସତ ଭାବି ତାଙ୍କ ସହିତ ଗଲି। ବାଇକ୍ ?ରେ ତାଙ୍କ ପଛରେ ବସିଲି। ସ୍କୁଲ୍ ?ରୁ ଆମ ଘର ତ ବେଶୀ ଦୂର ନୁହେଁ। କିଛି ସମୟ ପରେ ମୋତେ ଟିକେ ଡର ଡର ଲାଗିଲା। ମୁଁ ସବୁଦିନ ଯୋଉ ରାସ୍ତାରେ ଘରକୁ ଫେରେ, ସେ ସେଇ ରାସ୍ତାରେ ନନେଇ ଆଉ ଗୋଟେ ରାସ୍ତାରେ ଗଲେ। ମତେ ଲାଗିଲା, କିଛି ଗଡ଼ବଡ଼ ଅଛି। ମୁଁ ଏତେ ଡରିଯାଇଥିଲି ଯେ କାହିଁକି ସେ ଆଉ ଗୋଟେ ରାସ୍ତାରେ ନେଉଛନ୍ତି ସେକଥା ପଚାରିଲିନି। କିଛି ସମୟ ପରେ ତାଙ୍କର ଗୋଟେ ଫୋନ୍ ? କଲ୍ ? ଆସିଲା। ସେ ବାଇକ୍ ଅଟକେଇଲେ। ମତେ ଅପେକ୍ଷା କରିବାକୁ କହି ଟିକେ ଦୂରକୁ ଯାଇ ଆଉ କାହା ସହ କଥା ହେଲେ। ମତେ ଲାଗିଲା ମୁଁ ଏଇ ମଉକାରେ ଖସିଯିବା ଉଚିତ। ମୁଁ ଦୌଡ଼ିବାକୁ ଆରମ୍ଭ କଲି। ରାସ୍ତା ଜାଣିଥିଲି, ତେଣୁ ଘର ଆଡ଼େ ଜୋ ?ରେ ଦୌଡ଼ିଲି। ରାସ୍ତାରେ ତମେ ଦେଖା ହୋଇଗଲ।'' ଏକଥା କହିଲା ବେଳକୁ ତାଙ୍କ ପୁଅ ଭୟରେ ଥରୁଥିଲା।ଏଭଳି ଘଟଣା ପ୍ରତ୍ୟେକ ବାପା, ମା'ଙ୍କ ପାଇଁ ଏକ ଦୁଃସ୍ୱପ୍ନ। ଆମେ ଛୋଟ ଥିଲାବେଳେ ଆମକୁ ସବୁବେଳେ ଏହି ଛୁଆଚୋରଙ୍କ କଥା କହି ସତର୍କ କରି ଦିଆଯାଉଥିଲା। ଆଜି ଏତେ ବର୍ଷ ପରେ ବି ଏପରି ଘଟଣା ଘଟୁଛି, ବରଂ ଏହାର ସଂଖ୍ୟା ବଢୁଛି। ଯଦିଓ ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଓ ଗ୍ରାମାଞ୍ଚଳରେ ଶିଶୁ ଚୋରି ଅଧିକ ମାତ୍ରାରେ ହୋଇଥାଏ, ତେବେ ଭୁବନେଶ୍ୱର, କଟକ ପରି ଭାରତର ଅନ୍ୟ ସହରଗୁଡ଼ିକରେ ଏହାର ମାତ୍ରା କିଛି କମ୍ ନୁହେଁ। ଶିଶୁ ଅପହରଣରେ ସୁସଙ୍ଗଠିତ ଅପରାଧୀ ରାକେଟ୍ ? ଜଡ଼ିତ। ସେମାନେ ପିଲାଙ୍କୁ ଅପହରଣ କରି ଅନ୍ୟ ସହରକୁ ଚାଲାଣ କରିଦିଅନ୍ତି। ଘରୋଇ ସହାୟକ, ଭିକ୍ଷାବୃତ୍ତି, ବେଶ୍ୟାବୃତ୍ତି, ପୋଷ୍ୟସନ୍ତାନ ଓ ଶିଶୁ ଶ୍ରମିକ ପରି ବେଆଇନ ବା ଆପରାଧିକ କାର୍ଯ୍ୟରେ ସେମାନଙ୍କୁ ବଳପୂର୍ବକ ନିୟୋଜିତ କରନ୍ତି।ଶିଶୁ ଅପହରଣକୁ ନେଇ ପୁଲିସ୍ ?ରେ ରିପୋର୍ଟ ନହେବା ବା ଅଭିଯୋଗ ସଂଖ୍ୟା କମିବା ଚିନ୍ତାର ବିଷୟ। ଆମର ସେଇ ସହଯୋଗୀ କର୍ମଚାରୀଙ୍କଠାରୁ ସବୁ ଶୁଣିସାରିବା ପରେ ପ୍ରଥମେ ତାଙ୍କୁ ପଚାରିଲି, ''ତମେ ପୁଲିସକୁ ଜଣାଇଲ ନା ନାହିଁ ?'' ସେ କହିଲେ, ''ନା। ଆମ ପୁଅ ତ ମିଳିଗଲା। ଆଉ ପୁଲିସକୁ କାହିଁକି ଯା' ଭିତରେ ଭର୍ତ୍ତି କରିବା ! ସ୍କୁଲ୍ ?ବାଲା ଜବାବ ଦେଇଛନ୍ତି, ସିକ୍ୟୁରିଟି ଟାଇଟ୍ ? କରିବେ, ପିଲାଙ୍କ ଆଡ଼େ ଭଲରେ ନିଘା ରଖିବେ ଆଉ ଭବିଷ୍ୟତରେ ଯେମିତି ଏପରି ନଘଟେ, ସେଥିପ୍ରତି ଧ୍ୟାନ ଦେବେ। ପୁଲିସକୁ ଜଣେଇଲେ ଅଯଥା ଟେନ୍ ?ସନ୍ ?। ତା'ଛଡ଼ା ସ୍କୁଲ୍ ? ବି ବଦନାମ ହେବ।''ଏଡ୍ ?ସ, କ୍ୟାନ୍ ?ସ ?, ପୋଲିଓ ନିରାକରଣ ପାଇଁ ଯେଭଳି ସଚେତନତା ଅଭିଯାନ ଚାଲିଛି ଏବଂ ଚିକିତ୍ସା କ୍ଷେତ୍ରରେ ଆମେ ଯେପରି ତତ୍ପରତା ଦେଖାଉଛେ, ଠିକ୍ ? ସେହିପରି ଭାରତ କିପରି ଶିଶୁ ଅପହରଣ ଭଳି ଜଘନ୍ୟ ଅପରାଧରୁ ମୁକ୍ତ ହେବ, ସେ ଦିଗରେ ଗଭୀର ଭାବେ ଚିନ୍ତା କରିବାର ଆବଶ୍ୟକତା ରହିଛି। ଏଭଳି ଭୟଙ୍କର ତଥା ଗମ୍ଭୀର ସମସ୍ୟାର ମୁକାବିଲା ପାଇଁ କଠୋର ଆଭିମୁଖ୍ୟ ମଧ୍ୟ ଜରୁରି। ସରକାର, ଆଇନ କାର୍ଯ୍ୟକାରୀ କରୁଥିବା ବିଭାଗ ବା ସଂସ୍ଥା, ବିଦ୍ୟାଳୟ, ବିଭିନ୍ନ ସମ୍ପ୍ରଦାୟ, ସାମାଜିକ ଅନୁଷ୍ଠାନ, ନାଗରିକ ସମାଜ ଓ ପରିବାର; ସମସ୍ତେ ଏହି କାର୍ଯ୍ୟରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ଉଚିତ।

# ଜଗିଙ୍ଗ ଏବଂ ଜିନ୍ସ ମନା

**କଥାରେ ରହିଛି ନଈ କେ ଫାଙ୍କ ଦେଶ କେ ବାଙ୍କ। ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଆଇନ ରହିଛି। ବେଳେବେଳେ ସରକାର ଲୋକଙ୍କ ମଧ୍ୟରେ ସଚେତନା ସୃଷ୍ଟି କରିବା ପାଇଁ ନୂଆ ନିୟମ ଲାଗୁ କରୁଥିବା ବେଳେ ଏହା ହିଁ ପରବର୍ତ୍ତୀ ସମୟରେ ସେଠାରେ ଆଇନରେ ପରିଣତ କରାଯାଇଥାଏ। ଯେମିତି ବର୍ତ୍ତମାନ ଆମ ଦେଶରେ ଟ୍ରାଫିକ୍ ନିୟମ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ହେଲେ ଏମିତି ବି ଦେଶ ରହିଛି ଯେଉଁଠି ଜିନ୍ସ ପିନ୍ଧିବା ସମ୍ପୂର୍ଣ୍ଣ ମନା।**



## ଜଗିଙ୍ଗ ମନା

ପୂର୍ବ ଆଫ୍ରିକା ଏପରି ଏକ ଦେଶ ଅଛି ଯେଉଁଠି ଜଗିଙ୍ଗ କରିବା ମନା। ଏହି ଦେଶର ନାମ ବୁରିଣ୍ଡି। ସାଧାରଣତଃ ଜଗିଙ୍ଗ କରିବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକର, ଏକଥା ସରକାରଙ୍କୁ ଜଣା ଥିଲେ ହେଁ ଜଗିଙ୍ଗ ଓ ମର୍ଣ୍ଣିଂ ୱାକକୁ ଏଠାରେ ସମ୍ପୂର୍ଣ୍ଣ ବ୍ୟନ କରାଯାଇଛି। ୨୦୧୪ ରେ ବୁରିଣ୍ଡିରେ ଜଗିଙ୍ଗ କରିବା ନେଇ ଏଠାକାର ରାଷ୍ଟ୍ରପତି ମନା କରିଥିଲେ। ସେ କହିଥିଲେ ଏହା ଦ୍ୱାରା ଅସାମାଜିକ କାର୍ଯ୍ୟକୁ ପ୍ରୋତ୍ସାହନ ଦିଆଯାଇଛି, ଫଳରେ ଦିନକୁ ଦିନ ଅପରାଧ ବଢି ଚାଲିଛି। ରାଷ୍ଟ୍ରପତିଙ୍କର ଏଭଳି କଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ ହେଁ ଦେଶରୁ ଅପରାଧ ରୋକିବା ଲାଗି ସିଧା ମନା କରିଛନ୍ତି। ଏହା ପରଠାରୁ ସେଠାରେ ଜଗିଙ୍ଗ ବ୍ୟାନ୍ ନେଇ ଏକ ଆଇନ ମଧ୍ୟ ପ୍ରଣୟନ କରାଯିବାକୁ ଯୋଜନା ହେଉଛି।

## ଚୁଇଙ୍ଗ ଗମ୍ ମନା

ସିଙ୍ଗାପୋରରେ ୨୦୦୪ ରୁ ଚୁଇଙଗ ଗମ୍ ଖାଇବା ବ୍ୟାନ କରି ଦିଆଯାଇଥିଲା। ଏହା ପଛରେ ପ୍ରମୁଖ କାରଣ ରହିଥିଲା, ରାସ୍ତାଘାଟରେ ଚୁଇଙ୍ଗ ଗମ୍ ପଡି ପରିବେଶକୁ ନଷ୍ଟ କରୁଥିବା ବେଳେ ଲୋକମାନେ ମଧ୍ୟ ଏହାକୁ ଖାଇ ବିଭିନ୍ନ ଶ୍ୱାସ ସମ୍ବନ୍ଧୀୟ ରୋଗରେ ପଡୁଥିଲେ। ଏଥିପାଇଁ ଏଠାରେ ଚୁଇଙ୍ଗ ଗମ ସମ୍ପୂର୍ଣ୍ଣ ବ୍ୟାନ୍।

## ଜିନ୍ସ ପିନ୍ଧିବା ମନା

ଉତ୍ତରକୋରିଆକୁ ପଶିବା ମାତ୍ରେ ରାସ୍ତାଘାଟ ଚାରିଆଡେ ଏକଛତ୍ରବାଦୀ ଶାସକ କିମ୍ ଜଙ୍ଗ ଉନ୍‌ଙ୍କ ଫଟୋ ଦେଖିବାକୁ ପାଇବେ। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ସେ ତାଙ୍କ ଦେଶରେ ନୀଳ ରଙ୍ଗର ଜିନ୍ସକୁ ସମ୍ପୂର୍ଣ୍ଣ ବ୍ୟାନ୍ କରିଦେଇଛନ୍ତି। ଏହା ପଛରେ ରହିଥିବା କାରଣ ହେଉଛି ବିଦେଶୀ ସଂସ୍କୃତିକୁ ବର୍ଜନ କରିବା। ବିଶେଷକରି ଏହି ଜିନ୍ସ ପସ୍ତୁତ କରୁଥିବାରୁ ସେ ଏହା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି।

## ବାହାରେ ଛେପ ପକାଇବା ମନା

ଭାରତରେ ପାନ ଖାଇ ଯେଉଁଠି ପାଇ ସେଇଠି ଛେପ ପକାଇବା ଅତି ସାଧାରଣ କଥା। କିନ୍ତୁ ଏମିତି କିଛି ସ୍ଥାନ ରହିଛି ଯେଉଁଠି ପାନ ଛେପ ପକାଇବା ସମ୍ପୂର୍ଣ୍ଣ ମନା। ଏହି ସ୍ଥାନଟି ହେଉଛି ବ୍ୟାଙ୍ଗକକ। ସଫା ସୁତୁରା ପାଇଁ ପ୍ରସିଦ୍ଧି ଅର୍ଜନ କରିଥିବାଏହି ସହରରେ ରାସ୍ତାରେ ପାନ ଖାଇ ଛେପ ପକାଇବା ସମ୍ପୂର୍ଣ୍ଣ ମନା। ଯଦି ଭୁଲରେ ଛେପ ପକାଇ ଦେଇଛନ୍ତି ଏଥିପାଇଁ ଫାଇନ ବ୍ୟବସ୍ଥା ମଧ୍ୟ ରହିଛି।

## ନକଲି ଦାନ୍ତରେ କାମୁଡିବା ଅପରାଧ

ସାଧାରଣତଃ ଦାନ୍ତରେ କାମୁଡିଲେ ବିଭିନ୍ନ ରୋଗ ହେଉଥିବା ଯୋଗୁ ଡାକ୍ତରମାନେ ଏପରି କରିବାକୁ ବାରଣ କରିଥାନ୍ତି। ହେଲେ ଲୁଇସିଆନାରେ ଏକ ଅଜବ ଆଇନ ରହିଛି। ଏଠାରେ କାମୁଡିବା ତ ଏକ ଛୋଟ ଅପରାଧ। ଯଦି ସତ ଦାନ୍ତରେ ଜଣେ ଅନ୍ୟ ଜଣକୁ କାମୁଡିଦିଅନ୍ତି ତ ଯେତିକି ଅପରାଧ ନୁହେଁ ତା'ଠାରୁ ବେଶୀ ବଡ ଅପରାଧ ନକଲି ଦାନ୍ତରେ କାମୁଡିବା।








**ଆପଣ ସୁସ୍ଥ ରହିବାକୁ ଚାହୁଁଥିଲେ ଆପଣାନ୍ତୁ କିଛି ଟିପ୍ସ। ଅତି ସାଧାରଣ ଏହି ଟିପ୍ସ ପାଇଁ ଆପଣଙ୍କ ଘରେ ହିଁ ରହିଛି ସବୁକିଛି ଜିନିଷ...**



## କିଛି ହେଲ୍‌ଥ ଟିପ୍ସ

ପ୍ରତିଦିନ ବିଛଣାକୁ ଯିବା ପୂର୍ବରୁ ଗୋଟିଏ ଗ୍ଲାସ୍ ନଖ ଉଷୁମ ପାଣି ପିଅନ୍ତୁ। ଏହାଦ୍ୱାରା ନିଶ୍ୱାସ ପ୍ରଶ୍ୱାସ ସମ୍ବନ୍ଧୀୟ ବହୁ ରୋଗରୁ ମୁକ୍ତି ମିଳିବ। ବିଶେଷ କରି ଶ୍ୱାସ ନଳି ସଫା ରହେ, କାଶ ହୁଏନାହିଁ।

-ରାତିରେ ୬ରୁ୮ଟି ବାଦାମକୁ ପାଣିରେ ଭିଜାଇ ଦିଅନ୍ତୁ। ସକାଳୁ ଉଠି ଏହାକୁ ଚୋପା ଛଡାଇ ଖାଇଲେ ଫ୍ୟାଟ୍ କମିଯିବ।

-ରାତିରେ ମେଥିକୁ ପାଣିରେ ଭିଜାଇ ଦିଅନ୍ତୁ ଏବଂ ସକାଳୁ ଉଠି ଏହାକୁ ବାଟି ପିଇଲେ ଡାଇବେଟିସରୁ ମୁକ୍ତି ମିଳିବ।

-ଆମ୍ବ ଖାଇସାରିବା ପରେ କ୍ଷୀର ପିଇଲେକ ଚଳିବ, କିନ୍ତୁ ପାଣି ଜମାରୁ ପିଅନ୍ତୁ ନାହିଁ। ତା'ଛଡା କିଡନୀ ରୋଗୀ ଏବଂ ଜଳଉଦରୀ ହୋଇଥିବା ରୋଗୀ ଆମ୍ବ ଖାଇବା ଅନୁଚିତ।

-ପ୍ରତିଦିନ ଗୋଟିଏ ଚାମଚ ମହୁ ଯେମିତି ହେଲେ ଖାଆନ୍ତୁ ନିଶ୍ଚିତ ଭାବେ ନିରୋଗ ରହିବେ।

-ଯଦି ବାନ୍ତି ଲାଗୁଛି ତ ଲେମ୍ବୁରେ ଅଳ୍ପ ଟିକେ ଲୁଣ ଲଗାଇ ଚୁଚୁମିଲେ ନିଶ୍ଚିତ ଉପକାର ମିଳିବ।

-ଯଦି ପେଟ କାଟୁଛି ଜୁଆଣି ଭାଜି ଗୁଣ୍ଡ କରି ସେଥିରେ ସୈନ୍ଧବ ଲବଣ ମିଶାଇ ଦିଅନ୍ତୁ। ଏହାକୁ ରେଗୁଲାର ଉଷୁମ ପାଣି ସହିତ ଖାଇଲେ ଆରାମ ମିଳିବ।

-ଯଦି ଶୀଘ୍ର ଓଜନ କମ୍ କରିବାକୁ ଚାହାନ୍ତି ତ ନିୟମିତ ଭାବେ ଖାଲି ପେଟରେ ଅମୃତଭଣ୍ଡା ଖାଇବା ଉଚିତ।

-ପେଗେନନ୍ସୀ ସମୟରେ ଅମୃତଭଣ୍ଡା ଜମାରୁ ବି ଖାଆନ୍ତୁନି। କାରଣ ଆବୋର୍ସନ ହୋଇଯିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ।

-୧୦ଗ୍ରାମ ଅଦାକୁ ବାଟି ୨୦୦ ମିଲିଲିଟର ପାଣିରେ ଫୁଟାନ୍ତୁ। ପାଣି ସିଝିସିଝି ଚାରିଭାଗରୁ ଭାବେ ରହିଲେ ତାକୁ ଛାଟି ଗୋଟିଏ କପ୍ ଉଷୁମ କ୍ଷୀର ସହିତ ମିଶାଇ ପିଅନ୍ତୁ, ଥଣ୍ଡା କାଶ ଆଦିରୁ ଉପଶମ ମିଳିବ।



ସୋନାକ୍ଷୀ

## ସତର୍କ ରୁହନ୍ତୁ

**ବର୍ଷା ରତୁ ଆସିଲେ ନିଜକୁ ଟିକେ ତାଜା ଅନୁଭବ କରିବା ଲାଗି ଚା' ଓ କଫି ପିଇବାକୁ ଲୋକେ ଖୁବ୍ ପସନ୍ଦ କରନ୍ତି। ଆପଣ କ'ଣ ଅଧିକ ଗରମ ଚା' ପିଉଛନ୍ତି କି ଏମିତି କରନ୍ତୁ ନାହିଁ, ଏହା ସ୍ୱାସ୍ଥ୍ୟ ଲାଗି ଖୁବ୍ କ୍ଷତିକାରକ...**



ଇଣ୍ଟରନ୍ୟାସନାଲ ଜର୍ଣ୍ଣାଲ ଅଫ କ୍ୟାନସର ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନ ଅନୁସାରେ ଗରମ ଚା' ବା କଫି ପିଇବା ଯୋଗୁଁ କ୍ୟାନସର ବା ଖାଦ୍ୟ ନଳୀରେ କ୍ୟାନସର ହେବାର ଆଶଙ୍କା ରହିଛି।

-ଏସୋଫେଗଲ କ୍ୟାନସର କ'ଣ?

ଗଳାରେ କ୍ୟାନସର ବା ଏସୋଫେଗଲ କ୍ୟାନସର ସେତେବେଳେ ହୋଇଥାଏ ଯେତେବେଳେ ଭୋଜନ ନଳୀରେ ଅସାମାନ୍ୟ କୋଷିକା ଅନିୟନ୍ତ୍ରିତ ଉପାୟରେ ବଢିଥାଏ। ଏହାକୁ ଖାଦ୍ୟ ନଳୀ ମଧ୍ୟ କୁହାଯାଇଥାଏ। ଏହି ଟ୍ୟୁବ ଦ୍ୱାରା ପାଟିରେ ଖାଉଥିବା ଖାଦ୍ୟ ପେଟ ଭିତରେ ପହଞ୍ଚିଥାଏ। ଏହା ସେତେବେଳେ ଜଣା ପଡିଥାଏ, ଯେତେବେଳେ ଲୋକେ ୬୦ ବର୍ଷରେ ପହଞ୍ଚି ଯାଇଥାନ୍ତି।

-ପେଟ ସମସ୍ୟା

ଗରମ ଚା' ଯୋଗୁଁ ଲୋକଙ୍କୁ ବହୁ ପ୍ରକାରର ପେଟ ରୋଗର ସାମ୍ନା କରିବାକୁ ପଡିଥାଏ। ପେଟ ଯନ୍ତ୍ରଣା, କୋଷ୍ଠକାଠିନ୍ୟ, ବାନ୍ତି, ରକ୍ତ ସହିତ କଳା ଝାଡା ମଧ୍ୟ ହେବାର ସମ୍ଭାବନା ରହିଥାଏ। ଏହା ଅଲସର ସମସ୍ୟା ବି ସୃଷ୍ଟି କରିଥାଏ।

-ରକ୍ତ ହୀନତା

ଅଧିକ ଗରମ ଚା' ବା କଫି ପିଇବା ରକ୍ତ ଲାଗି କ୍ଷତିକାରକ। ଏହା ପ୍ରଭାବରେ ଶରୀରରେ ରକ୍ତହନୀତା ଦେଖାଦିଏ। ଓଜନ କମ୍ ହୋଇଥାଏ। ଖାଦ୍ୟ ଗିଳିବା ଲାଗି କଷ୍ଟ, କାଶ ବା ଗଳା ବସିବା ଭଳି ସମସ୍ୟା ଦେଖାଦେଇଥାଏ।

-ମେଟାବଲିଜିମ

ଚା' ଶରୀରରେ ମେଟାବଲିଜିମ୍ କମ କରି ରକ୍ତକୁ କମ କରିଦେଇଥାଏ। ଏହା ଦ୍ୱାରା ଶରୀରର ଭିତର ନଳୀରେ ଘା' ଓ ଛାଲ ମଧ୍ୟ ସୃଷ୍ଟି ହୋଇଥାଏ।

-ଗୁପ୍ତାଙ୍ଗ ସମସ୍ୟା

ଏହା ଶରୀରରେ ଗୁପ୍ତାଙ୍ଗ ସମସ୍ୟା ଉତ୍ପନ୍ନ କରିଥାଏ। ଗୁପ୍ତାଙ୍ଗ ଦୁର୍ବଳ ହେବା ସହିତ ସେକ୍ସ ପାୱାର କମ କରିଦିଏ।

-ଦାନ୍ତ ସମସ୍ୟା

ଅଧିକ ଗରମ ଓ ବହୁଥର ଚା' କଫି ପିଇବା ଦ୍ୱାରା ଆମର ଦାନ୍ତ ସମସ୍ୟା ଦେଖା ଦେଇଥାଏ। ଏଥିରେ ଦାନ୍ତ ହଳଦି ରଙ୍ଗର ହୋଇଯାଏ।

# ସୋନାକ୍ଷୀଙ୍କ ଅକଳ ଗୁଡୁମ

'କୌନ ବନେଗା କେରାଡ ପତି'ର ଗତ ଶୁକ୍ରବାର ପ୍ରସାରିତ 'କେବିସି କର୍ମବୀର' ଏପିସୋଡରେ ବଲିଉଡ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ରାଜସ୍ଥାନର ବାଡମେରର ରୁମା ଦେବୀଙ୍କ ସହିତ ଦେଖିବାକୁ ମିଳିଥିଲେ। ସୋନାକ୍ଷୀ ନାରୀ ଶକ୍ତି ପୁରସ୍କାରରେ ସମ୍ମାନିତ ରୁମା ଦେବୀଙ୍କୁ ସର୍ପୋଟ କରିବାକୁ କେବିସି ମଞ୍ଚକୁ ନିମନ୍ତ୍ରିତ ହୋଇ ଆସିଥିଲେ। ବିଗ୍ ବି 'ଅମିତାଭ ବଚ୍ଚନ ଯେତେବେଳେ ତାଙ୍କୁ 'ରାମାୟଣ' ସହିତ ଜଡିତ ଏକ ଖୁବ୍ ସହଜ ପ୍ରଶ୍ନ ପଚାରିଥିଲେ ହେଁ ସୋନାକ୍ଷୀ କିନ୍ତୁ ଏହାର ଉତ୍ତର ଦେଇପାରିନଥିଲେ। ରୁମା ଦେବୀ ଓ ସୋନାକ୍ଷୀକଙ୍କୁ ପଚରା ଯାଇଥିଲା, ରାମାୟଣ ଅନୁସାରେ ହନୁମାନ କାହାପାଇଁ ସଞ୍ଜୀବନୀ ବୁଟି ନେଇ ଆସିଥିଲେ। ଏହି ପ୍ରଶ୍ନର ଅପଶନରେ ଥିଲା ଏ)ସୁଗ୍ରିବ, ବି)ଲକ୍ଷ୍ମଣ, ସି)ସୀତା, ଡି) ରାମ। ତେବେ ଉଭୟ ସୋନାକ୍ଷୀ ଓ ରୁମା ଏହି ସହଜ ପ୍ରଶ୍ନଟିର ଉତ୍ତର ସି) ସୀତା ହିଁ ଦେଇଥିଲେ। ତେବେ ଏତେ ସହଜର ପ୍ରଶ୍ନରୁ ଉର ଗୋଟେ ଛୋଟ ପିଲା ଦେଇପାରିବ। ପ୍ରଶ୍ନଟି ପାଇଁ ରୁମାଙ୍କୁ ଲାଇଫ ଲାଇନ ଗ୍ରହଣ କରିବାକୁ ପଡିଥିଲା। ଆର୍ଡିଭାଇଜର ଲକ୍ଷ୍ମଣ ବୋଲି କହି ସଠି୍ ଉତ୍ତର ଦେଇଥିଲେ। ତେବେ ସବୁଠାରୁ ବଡ କଥା ହେଲା ସୋନାକ୍ଷୀଙ୍କ ପିତାଙ୍କ ନାମ ଶତ୍ରୁଘ୍ନ ସିହ୍ନା ଯିଏକି ରାମଙ୍କ ସାନ ଭାଇର ନାମ। ସୋନାକ୍ଷୀ ଯେଉଁ ଆପାର୍ଟମେଣ୍ଟରେ ରହୁଛନ୍ତି ତା'ର ନାମ ରାମାୟଣ ଓ ତାଙ୍କ ଭାଇଙ୍କ ନାମ ଲବ ଓ କୁଶ ହୋଇଥିବା ବେଳେ ଲକ୍ଷ୍ମଣ ତାଙ୍କର ଜଣେ ଦାଦାଙ୍କ ନାମ ହୋଇଥିବା ବେଳେ ସେ ଏଭଳି ପ୍ରଶ୍ନର ଉତ୍ତର ଦେଇ ନପାରିବାରୁ ଖାଲି ଦର୍ଶକ ନୁହନ୍ତି ବରଂ ବହୁ ପ୍ରଶଂସକ ତାଙ୍କୁ ଅଡୁଆ ତଡୁଆ ପ୍ରଶ୍ନ ମଧ୍ୟ କରିଛନ୍ତି।

## ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ' ପ୍ରେରଣା '' ଉଦଯାପିତ




ବାଣପୁର ୨୧/୨(ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଶା ନିର୍ଦ୍ଦେଶକ୍ରମେ ତଥା ଖୋର୍ଦ୍ଧା ଜିଲ୍ଲା ସମଗ୍ର ଶିକ୍ଷା ସହାୟତାରେ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଆନୁକୂଲ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟ -୧ ବାଣପୁର ଠାରେ ପାଞ୍ଚ ଦିନିଆ ନବ ନିଯୁକ୍ତ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା ପର୍ଯ୍ୟାୟ- ୨ ' ପ୍ରେରଣା '' ଉଦଯାପିତ ହୋଇଯାଇଛି । ଏହି କର୍ମଶାଳାରେ ନବ ନିଯୁକ୍ତ ଶିକ୍ଷକ ମାନଙ୍କ ମଧ୍ୟରୁ ଅବଶିଷ୍ଟ ୩୯ ଜଣ କନିଷ୍ଠ ଶିକ୍ଷକଙ୍କୁ ସମ୍ବଳ ଶିକ୍ଷକ ତଥା ସାଧନ କର୍ମୀ ସନ୍ତୋଷ କୁମାର ଷଡଙ୍ଗୀ, ବିଭୂତି ଭୂଷଣ ଦାଶ, ଦିଲ୍ଲୀପ କୁମାର ନିଶଙ୍କ, ସୁମତି ଘଡ଼େଇ ପ୍ରମୁଖ ବରିଷ୍ଠ ଶିକ୍ଷକଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଥିଲା । ଜାତୀୟ ଶିକ୍ଷାନୀତି ଅନୁସାରେ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ର ଛାତ୍ରୀ ଙ୍କ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି,ଆମ ବିଭାଗର କାର୍ଯ୍ୟଧାରା ,ଅନ୍ତର୍ନିବେଶୀ ଶିକ୍ଷାର ସଫଳ ରୂପାୟନ, କ୍ରିୟାତ୍ମକ ଗବେଷଣା, ଶିକ୍ଷଣ ପ୍ରକ୍ରିୟା ଓ ଶିକ୍ଷାଶାସ୍ତ୍ର ସହିତ ଶ୍ରେଣୀ ପରିଚାଳନା ପାଇଁ ' ପ୍ରେରଣା '' କର୍ମଶାଳାରେ ପରାମର୍ଶ ଦିଆଯାଇଥିଲା । ଉଦଯାପନୀ ଦିବସରେ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସିଏଚ୍. ବିଜୟା ଲକ୍ଷ୍ମୀ , ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଝରଣା ଓଝା, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ପ୍ରଭାତ କୁମାର ସେଠୀ, ଗୋଷ୍ଠୀ ସାଧନ ଶିକ୍ଷୟିତ୍ରୀ ବିଶ୍ୱଜିତା ଜେନା ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଆମର ଶିଶୁଙ୍କର ଓ ରାଷ୍ଟ୍ରର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିକ୍ଷକ ମାନଙ୍କୁ ପ୍ରେରଣା ଦେବା ଓ ସଶକ୍ତ କରିବା ଅତ୍ୟନ୍ତ ଆବଶ୍ୟକ ।

## ଭଟଲି ବରିଷ୍ଠ ନାଗରିକ ମଞ୍ଚ ର ତାଲିମ ଶିବିର

ବରଗଡ଼ ୨୧/୨(ନି.ପ୍ର): ବରଗଡ଼ ଜିଲ୍ଲା ଭଟଲି ପଞ୍ଚାୟତ ସମିତି ସଭା ଗୃହ ଠାରେ ଭଟଲି ବରିଷ୍ଠ ନାଗରିକ ମଞ୍ଚ ର ସ୍ୱେଚ୍ଛା ସେବୀ ମାନଙ୍କୁ ବରିଷ୍ଠ ନାଗରିକଙ୍କ ସମସ୍ୟା ଓ ସରକାରୀ ସୁବିଧା ସମ୍ପର୍କରେ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା ।ଏହାକୁ ବରଗଡ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ର ସମ୍ପାଦକ ତଥା ସମାଜସେବୀ ରୋଟରିଏନ ଗୋବିନ୍ଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ ।ସେ ତାଙ୍କ ଅଭିଭାଷଣ ରେ ସଂଗଠନ ଜରିଆରେ କିପରି ସାମୁହିକ କିମ୍ୱା ସଦସ୍ୟ ମାନଂକ ବ୍ୟକ୍ତିଗତ ସମସ୍ୟାକୁ ସହଜରେ ସମାଧାନ କରିହେବ ତାହା ଉଦାହରଣ ସହ ବୁଝାଇଥିଲେ ।କାର୍ଯକ୍ରମ ପ୍ରାରମ୍ଭ ରେ ଭଟଲି ବରିଷ୍ଠ ନାଗରିକ ମଞ୍ଚ ର ନବ ନିର୍ବାଚିତ କର୍ମକର୍ତ୍ତା ମାନେ ସଙ୍ଗଠନ ର ସମ୍ବିଧାନ ପ୍ରତି ଆନୁଗତ୍ୟ ପ୍ରଦର୍ଶନ ପୂର୍ବକ ନିଷ୍ଠାର ସହ ସମାଜ ସେବା କାର୍ଯ୍ୟ ତୁଲାଇବେ ବୋଲି ଶପଥ ନେଇଥିଲେ । ଏଥିରେ ସଭାପତିତ୍ୱ କରି ଥିଲେ ବିଦାୟୀ ସଭାପତି ବାଙ୍କ ବିହାରୀ ମିଶ୍ର ।ତାଲିମ କାର୍ଯକ୍ରମ ରେ ଅଂଶଗ୍ରହଣ କରି ନବ ନିଯୁକ୍ତ ସଭାପତି ଜଗଦୀଶ ସାହୁ ହର୍ଲିପାଲି,ସାଧାରଣ ସମ୍ପାଦକ ମୋତିଲାଲ ବନଛୋର,ସଂଗଠନ ସମ୍ପାଦକ ଭୀମସେନ ବାରିକ , ଉପ ସଭାପତି ନରେନ୍ଦ୍ର ପଣ୍ଡା,କାର୍ଯ୍ୟାଳୟ ସମ୍ପାଦକ ହିମାଂଶୁ ସେଖର ପଣ୍ଡା,ସହ ସମ୍ପାଦକ ଦିଲୀପ ପଣ୍ଡା ସମେତ ସମସ୍ତ ସକ୍ରିୟ ସଦସ୍ୟ ମାନେ ଯୋଗଦାନ କରି ଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ସନ୍ତୋଷ ବନଛୋର,ଜାନକୀ ପଣ୍ଡା,କୃଷ୍ଣ ଚନ୍ଦ୍ର ସାହୁ, ସତ୍ୟବାଦୀ ପ୍ରଧାନ,ବିଶ୍ୱନାଥ ସାହୁ,ଲେକ୍ଟୁ ପଟେଲ ଆଦି ଯୋଗଦେଇ ସହଯୋଗ କରିଥିଲେ ।ସତ୍ୟାନନ୍ଦ ପ୍ରଧାନ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରି ଥିବା ବେଳେ ପୂର୍ବତନ ସମ୍ପାଦକ ଜଗଦୀଶ ସାହୁ ସିନିୟର ଧନ୍ୟବାଦ ଅର୍ପଣ କରିଥିଲେ ।

# ସାରଦା ହିଲ୍ ମର୍ଡନ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ

ପୋଲସରା ୨୧/୨(ନି.ପ୍ର): ପୋଲସରା ବ୍ଲକ ଅନ୍ତର୍ଗତ ସୋଡକ ପଞ୍ଚାୟତର ବଣରଘୁନାଥପୁର ଗ୍ରାମର ସାରଦା ହିଲ୍ ମର୍ଡନ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ପ୍ରତିଷ୍ଠାତା ତଥା ଅଧକ୍ଷ ସାରଦା ପ୍ରସାଦ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବକୁ ମୁଖ୍ୟ ଅତିଥି ଭାବେ ବେଦାନ୍ତ ଇନଷ୍ଟିଟ୍ୟୁଟ ଅଫ୍ ଟେକ୍ନୋଲୋଜି ଅଧକ୍ଷ ପ୍ରଭାତ କୁମାର ଶତପଥି, ଏକାଡେମୀ ଡାଇରେକ୍ଟର ଶୁଭେନ୍ଦୁ କୁମାର ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ପ୍ରିନ୍ସିପାଲ୍ ପ୍ରଦ୍ୟୁମ୍ନ କୁମାର ମହାପାତ୍ର, ସ୍କୁଲର ସମ୍ପାଦକ ଗୋକୁଳ ଚନ୍ଦ୍ର ରଥ,ଏ ୱାନ ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ଅଜୟ କୁମାର ନାୟକ, ସ୍କୁଲର ସଦସ୍ୟ ବିଜୟଲକ୍ଷ୍ମୀ ରଥ, ଶାନ୍ତିଲତା ମହାନ୍ତି, ପୋଲସରା ଚିତ୍ର କଳାକାର ସଂଘର ଉପସଭାପତି ବସନ୍ତ କୁମାର ସାହୁ ଯୋଗଦାନ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଟିଭି ଓ ମୋବାଇଲ ଠାରୁ ପିଲାମାନଙ୍କୁ ଦୂରରେ ରଖିବା ଓ କିଛି କାହାଣୀ ମାଧ୍ୟମରେ ସେମାନଙ୍କୁ ଶିକ୍ଷା ଦେବାପାଇଁ ପରାମର୍ଶ ଦେବା ସହିତ ଗ୍ରାମାଞ୍ଚଳରେ ଏହି ପରି ମର୍ଡନ ସ୍କୁଲ କରି କୁନି କୁନି ପିଲାମାନଙ୍କ ଭବିଷ୍ୟତ ନିଆରା ଢଙ୍ଗରେ ତୋଳିଥିବା ପ୍ରୟାସ ଜାରି ରଖିଥିବା ଶିକ୍ଷା ଅନୁଷ୍ଠାନ ସଦସ୍ୟ ମାନଙ୍କୁ ଅତିଥି ବୃନ୍ଦ ଧନ୍ୟବାଦ ଦେଇଥିଲେ । କଳାକାର ସଂଘର ଉପସଭାପତି ଶ୍ରୀ ସାହୁ ୟୁଟ୍ୟୁବ ଚ୍ୟାନେଲ ନଟିଆ, ଗାଣ୍ଡୁ ଓ ନେଉଳ ଭୂମିକାରେ କଣ୍ଠଦାନ କରିଥିବା କଳାକାର ସ୍ମୃତିରଞ୍ଜନ ମହାନ୍ତି ଓ ଗୌରଭ ସେଠୀ ଦୁଇ କଳାକାରଙ୍କୁ ପଟ୍ଟଚିତ୍ର ଦେବା ସହିତ ଅଭିଭାଷଣରେ ଶ୍ରୀକୃଷ୍ଣଙ୍କ ବାଲ୍ୟାବସ୍ଥା ସମୟର ସୁନ୍ଦର କାହାଣୀ ମାଧ୍ୟମରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଉଚିତ ଶିକ୍ଷା ଗ୍ରହଣ ଓ ପିଲାଙ୍କ ଭବିଷ୍ୟତକୁ ଗଠନ କରିବା ଦିଗରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ । ସ୍କୁଲରେ ଉତ୍ତମ ଶିକ୍ଷା, ସହିତ ନାଚଗୀତ, ଆଧାତ୍ମିକ ଶିକ୍ଷା ଓ ଆସନ୍ତା ବର୍ଷ ଠାରୁ କରାଟେ, ଜୁଡୋ ସହ ବିଭିନ୍ନ ଖେଳ କୁଦର ଆୟୋଜନ କରାଯିବ ବୋଲି ପ୍ରିନ୍ସପାଲ୍ ରବିନ୍ଦ୍ର ନାଥ ସାହୁ ପ୍ରକାଶ କରିଥିଲେ । ରୁନା ଗୌଡ଼, ରଞ୍ଜନ ଡାକୁଆ, ପ୍ରଦୀପ ପାତ୍ର, ପଦ୍ମଲୋଚନ ଦାସ, ଶ୍ରୀଧର ମିଶ୍ର, ରଘୁନାଥ ସାହୁ, କାଶିନାଥ ପ୍ରଧାନ, ବିକ୍ରମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଓ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ମାନୀତ କରାଯାଇଥିଲା । ପରିଶେଷରେ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ହାସ୍ୟ ଅଭିନେତା ସ୍ମୃତି ରଞ୍ଜନ ମହାନ୍ତି ଓ ଗୌରଭ ସେଠୀଙ୍କ ଦ୍ୱାରା ନଟିଆ, ଗାଣ୍ଡୁ ଓ ନେଉଳ ଙ୍କ କୌତିକିଆ କଥାରେ ସମସ୍ତିଙ୍କୁ ହସାଇଥିଲେ ।



# ବଳାତ୍କାରୀକୁ ୨୦ ବର୍ଷ ଜେଲ

ବ୍ରହ୍ମପୁର ୨୧/୨(ନି.ପ୍ର): ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି ।ସେ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ଜଣଙ୍କ ହେଲେ ଛତୟପୁର ଅଞ୍ଚଳର ଜିତେନ୍ଦ୍ର ସେଠୀ(୩୪) ।ଜେଲ ଦଣ୍ଡ ସହ ୧୦ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅତିରିକ୍ତ ୧୦ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଜଜ୍ ନିଜ ରାୟରେ ଉଲ୍ଲେଖ କରିଛନ୍ତି । ସେହିପରି ପିଡିତା ନାବାଳିକାଙ୍କୁ ୪ ଲକ୍ଷ ଟଙ୍କା ସହାୟତା ଦେବାକୁ ଜଜ୍ ଡିଏଲଏସଏକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିଚାରଣୀରୁ ପ୍ରକାଶଯେ, କବିସୂର୍ଯ୍ୟନଗର ଥାନା ଅଞ୍ଚଳର ୯ମ ଶ୍ରେଣୀରେ ପଢୁଥିବା ଜଣେ ୧୪ ବର୍ଷୀୟ ନାବାଳିକା ୨୦୨୦ ଡିସେମ୍ବର ୨ ତାରିଖରେ ନିଜ ଘରୁ କେଉଁଆଡେ ନିଖୋଜ ହୋଇଯାଇଥିଲେ । ଏ ନେଇ ପରିବାର ଲୋକେ ବିଭିନ୍ନ ଆଡେ ଖୋଜାଖୋଜି ପରେ ମଧ ତାଙ୍କର ପତ୍ତା ମିଳିନଥିଲା ।ଏହାପରେ ପରିବାର ଲୋକେ ୫ ତାରିଖରେ କବିସୂର୍ଯ୍ୟନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏପରିକି ଅଭିଯୁକ୍ତ ଜିତେନ୍ଦ୍ର ନିଜେ ନିଜ ପତ୍ନୀଙ୍କୁ ଫୋନ କରି ସେ ନାବାଳିକାଙ୍କୁ ଅପହରଣ କରି ଅଞ୍ଚଳ ବାହାରକୁ ଚାଲିଯାଇଥିବା କହିଥିଲା ।ଏହାପରେ ପୁଲିସର ଏକ ଟିମ ମୋବାଇଲ ନଂ ଟ୍ରାକିଂ କରି ସେଠାକୁ ଯାଇ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଜିତେନ୍ଦ୍ରଙ୍କୁ କାବୁ କରିଥିଲା ।ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା । ପିଡିତାଙ୍କ ବୟାନ ଆଧାରରେ ପୁଲିସ ଜିତେନ୍ଦ୍ରଙ୍କୁ ଅପହରଣ ଓ ବଳାତ୍କାର ମାମଲା ସହ ମାରପିଟ କରିଥିବା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଥିଲା ।ଗିରଫ ପରଠାରୁ ଜିତେନ୍ଦ୍ର ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହୁଥିଲେ ମାମଲାର ତଦନ୍ତ ଅଧିକାରୀ ଏସଆଇ ପ୍ରଭାତ ସାହୁ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ ବିଚାରଣ ବେଳେ ମୋଟ ୧୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଜଜ୍ ଆଜି ଉପରୋକ୍ତ ରାୟ ଶୁଣାଇଥିଲେ । ରାୟ ପ୍ରକାଶ ବେଳେ ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ କୋର୍ଟରେ ହାଜର କରାଯାଇଥିଲା । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ ।

## ବରଗଡ଼ ସାଂସଦଙ୍କୁ ଦୁଇ ଦଫା ଦାବୀ ପତ୍ର ଦେଲେ ମିଳିତ ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି



ପାଇକମାଳ ୨୧/୨(ନି.ପ୍ର): ବରଗଡ ସାଂସଦଙ୍କ ପାଇକମାଳ ସ୍ଥିତ ବାସ ଭବନରେ ମିଳିତ ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି ସଦସ୍ୟ ତଥା ଅଲ ଓଡିଶା ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି ଦୁଇ ତିନି ଦଫା ଦାବୀ ସମ୍ବଳିତ ଦାବୀ ପ୍ରାଥମିକ ଶିକ୍ଷାରୁ ଚୁକ୍ତି ଭିତିକ ପ୍ରଥା ସ୍କିମାଟିକ ପ୍ରଥା ଉଚ୍ଛେଦ, କଣ୍ଟ୍ରାକଚ୍ୟୁଏଲ ସମୟ ୬ ବର୍ଷ ଓ ୮ ବର୍ଷ ସମୟ ଅବଧିକୁ ମୁଲ ଚାକିରୀରେ ଗଣନା କରିବା ସହ ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ,ମାଟ୍ରିକ ସି. ଟି ପୋଷ୍ଟରୁ +୨ ସି. ଟି. ପୋଷ୍ଟକୁ ଉନ୍ନୀତକରି ୩୫୪୦୦/- ସ୍କେଲରେ ଦରମା ପ୍ରଦାନ, ଆଦି ଦାବୀକୁ ପୂରଣ କରିବା ଦିଗରେ ସରକାରଙ୍କ ସହ ଆଲୋଚନା କରି ପୂର୍ଣ୍ଣ ମାତ୍ରାରେ ସହଯୋଗ କରିବାକୁ ସାଂସଦ ପ୍ରତଶ୍ରୁତି ପ୍ରଦାନ କରିଛନ୍ତି କ୍ଷ ଦାବିପତ୍ର ପ୍ରଦାନ ସମୟରେ ରାଜବୋଡାସମ୍ବର ବ୍ଲକର ସାଙ୍ଗଠନିକ ସମ୍ପାଦକ ନେତ୍ରାନନ୍ଦ ସାହୁ କ୍ଷ ଝାରବନ୍ଧ ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ବିଷ୍ଣୁ ଚରଣ ସାହୁ, ପଦ୍ମପୁର ବ୍ଲକରୁ ପ୍ରେମସାଗର ପ୍ରଧାନ, ସୁରେଶ ସିଂ ଚୌହାନ ପ୍ରମୁଖ ଦାବୀ ପତ୍ର ପ୍ରଦାନ କରିଥିଲେ କ୍ଷଉପସ୍ଥିତ ଅଭିଭାବକ ଜନ ସାଧାରଣ ଶିକ୍ଷକଙ୍କ ଦାବୀ ଯଥାର୍ଥ ଓ ତୁରନ୍ତ ପୂରଣ ହେବା ଉଚିତ,ଏ ମାନଙ୍କୁ ଦୀର୍ଘ ଦିନରୁ ପ୍ରତାରଣା କରା ଯାଇଛି ବୋଲି ସାଂସଦଙ୍କୁ କହୁଥିବାର ଦେଖା ଯାଉଥିଲା ।

# ଦେଉଳି ମଠରେ ରାତ୍ରୀଯାପନ କଲେ ପ୍ରାଚୀ ପରିକ୍ରମା ପଦଯାତ୍ରୀ

ନିମାପଡ଼ା ୨୧/୨(ନି.ପ୍ର): ପ୍ରାଚୀ ପରିକ୍ରମା ଚାରିଟେବୁଲ ଟ୍ରଷ୍ଟ ଓ ପ୍ରାଚୀ ଗୁରୁ ଧର୍ମକ୍ଷେତ୍ର ( ନୂଆ ମଠ) ର ମିଳିତ ପ୍ରୟାସ ରେ ଆରମ୍ଭ ହୋଇଥିବା ୧୪ ତମ ବାର୍ଷିକ ପ୍ରାଚୀ ପରିକ୍ରମା ପଦଯାତ୍ରା ର ଆଜି ଥିଲା ତୃତୀୟ ଦିନ । ପଦଯାତ୍ରୀ ସାଧୁସନ୍ଥ ମାନେ ଆଜି ପ୍ରାତଃ ରେ ମାଧବ ଗ୍ରାମ ର ଦୁର୍ଗାମାଧବ ମନ୍ଦିର ଠାରୁ ବାହାରି ବେତେଣ୍ଡା, କାକଟପୁର ବ୍ଲକ ଛକ, ବିଶ୍ୱାମିତ୍ର ଆଶ୍ରମ,ମଙ୍ଗଳା ମନ୍ଦିର ଦେଇ ପ୍ରାଚୀ କୂଳସ୍ଥ ଶ୍ରୀ ଜଗନ୍ନାଥ ଙ୍କ ଏନ୍ତୁଡ଼ିଶାଳ ଭାବେ ପରିଚିତ ଦେଉଳି ମଠ ଠାରେ ପହଞ୍ଚିଥିଲେ । ପ୍ରାଚୀ ନଦୀ ର ସୁରକ୍ଷା ଓ ଏହାର ମାହାତ୍ମ୍ୟ ସମ୍ପର୍କ ରେ ସଚେତନତା ସୃଷ୍ଟି କରିବା ପାଇଁ ସାଧୁ ସନ୍ଥ ମାନଙ୍କ ପକ୍ଷରୁ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଙ୍କ ନେତୃତ୍ୱ ରେ ୧୪ ବର୍ଷ ହେବ ପ୍ରତିବର୍ଷ ଏହି ଯାତ୍ରା ଅନୁଷ୍ଠିତ ହୋଇ ଆସୁଛି । ପଦଯାତ୍ରୀ ସାଧୁ ସନ୍ଥ, ବିଦେଶୀ ଶ୍ରଦ୍ଧାଳୁ, ପ୍ରାଚୀ ପ୍ରେମୀ ମାନେ କାକଟପୁର ଠାରେ ପହଞ୍ଚିବାପରେ ସମସ୍ତ ଙ୍କୁ ମା ମଙ୍ଗଳା ମନ୍ଦିର ପ୍ରଶାସନ,ସେବକ ସମାଜ ଓ ପ୍ରାଚୀ ସୁରକ୍ଷା ସମିତି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ପଦ ଯାତ୍ରୀ ମାନେ ମା ମଙ୍ଗଳା ଙ୍କୁ ଦର୍ଶନ କରିବା ସହିତ ସଂକୀର୍ତ୍ତନ କରି ମନ୍ଦିର ବେଢ଼ା ପ୍ରଦକ୍ଷଣ କରିଥିଲେ ।ସନ୍ଧ୍ୟାରେ ପ୍ରାଚୀ ନଦୀ ର ଦେଉଳି ମଠ ଘାଟ ଠାରେ ସଂଧ୍ୟା ଆଳତୀ ଅନୁଷ୍ଠିତ ହୋଇଥିବା ବେଳେ ମଠ ପରିସର ରେ ସତସଙ୍ଗ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପଦଯାତ୍ରା ୨୪ ତାରିଖ ଦିନ ଉଦଯାପନ ହେବାର କାର୍ଯ୍ୟକ୍ରମ ରହିଛି । ଏହି ପଦଯାତ୍ରା ରେ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ,ସ୍ୱାମୀ ସୁଧାନନ୍ଦ ଗିରି, ମହନ୍ତ ଚିନ୍ତାମଣି ପର୍ବତ ମହାରାଜ, ବାବା ଦାମୋଦର ଦାସ, ମହନ୍ତ ରାମକୃଷ୍ଣ ଦାସ, ବାବା ରାମ ଦାସ, ମହନ୍ତ ଦିବ୍ୟକୃଷ୍ଣ ଦାସ, ବାବା ସତ୍ୟାନନ୍ଦ ଦାସ, ରାଜ କିଶୋର ଦାସ ଓରଫ ନନ୍ଦ ବାବା, ଯୋଗେନ୍ଦ୍ର ନାଥ ଦାସ,କର୍ମକାଣ୍ଡ ବିଶାରଦ ପଣ୍ଡିତ ଚିତ୍ତରଞ୍ଜନ ମିଶ୍ର ଙ୍କ ସହିତ ଶତାଧିକ ସାଧୁ ସନ୍ଥ,ପ୍ରାଚୀ ପ୍ରେମୀ ଓ ବିଦେଶୀ ଶ୍ରଦ୍ଧାଳୁ ଯୋଗ ଦେଇଛନ୍ତି ।

# ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସାହାଯ୍ୟ ହାତ ବଢ଼ାଇଛି ୟୁଏଆଇଏଲ ପ୍ରକଳ୍ପ
## ଦିବ୍ୟାଙ୍ଗଙ୍କୁ ଜୀବନ ରକ୍ଷାକାରୀ କିଟ୍ ପ୍ରଦାନ

କଳାହାଣ୍ଡ ୨୧/୨(ନି.ପ୍ର): ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲାର ଏକ ସହଯୋଗୀ କମ୍ପାନୀ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସାହାଯ୍ୟ ହାତ ବଢାଇବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହି କ୍ରମରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚିହ୍ନଟ ସହ ସେମାନଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଛି । ରାୟଗଡା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା ଖଣି ପ୍ରକଳ୍ପ ତରଫରୁ ସାମାଜିକ ଦାୟିତ୍ୱବୋଧ ଅଭିଯାନ ଅଧୀନରେ ଦୁଇଦିନିଆ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ରାୟଗଡା ଓ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ସ୍ଥିତ ବ୍ଲକ କାର୍ଯ୍ୟାଳୟ ଏବଂ କାଶିପୁର ବ୍ଲକ୍ ଟିକିରି ଡୋରଗୁଡା ସ୍ଥିତ କ୍ଲବ ହାଉସ ଠାରେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ



ନେଇ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ମୋଟ ୮୦ ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ପୂର୍ବରୁ ଆୟୋଜିତ ସ୍ୱାସ୍ଥ୍ୟ କ୍ୟାମ୍ପରେ ଚିହ୍ନଟ କରାଯିବା ପରେ ସେମାନଙ୍କୁ ବିଭିନ୍ନ ଜୀବନ ରକ୍ଷାକାରୀ ଉପକରଣ ପ୍ରଦାନ କରାଯାଇଛି । ଉକ୍ତ ଉପକରଣ ଯଥା , ଆଶାବାଡୀ, ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଗମନାଗମନ ସୁଗମ ସକାଶେ ଭୀଲ ଚେୟାର ଓ ଅନ୍ୟାନ୍ୟ ଶଯ୍ୟକାରୀ ସାଧନ ଇତ୍ୟାଦି ପ୍ରଦାନ ହୋଇଛି । ଏହି କାର୍ଯ୍ୟକ୍ରମ କମ୍ପାନୀ ଖଣି ପ୍ରକଳ୍ପ ଅଧୀନରେ ସ୍ୱାବଲମ୍ବନ ଯୋଜନା ଅନ୍ତର୍ଗତ କାର୍ଯ୍ୟକାରୀ ହୋଇଥିବା ସ୍ଥଳେ ଓପନ ଲର୍ଣ୍ଣିଙ୍ଗ ସିଷ୍ଟମ ସହଭାଗିତାରେ ସଫଳ ରୂପାୟନ ହୋଇଛି । ଏହା କମ୍ପାନୀର ସାମାଜିକ ମଙ୍ଗଳ କାର୍ଯ୍ୟକ୍ରମ ପ୍ରତି ପ୍ରତିବଦ୍ଧତା ଦର୍ଶାଇଥିବା ବେଳେ ଆଗାମୀ ଦିନରେ ଅନୁରୂପ କମ୍ପାନୀ ଓ ଏହାର ଆଖପାଖ ଅଞ୍ଚଳରେ ସମ୍ପ୍ରତି ଉନ୍ନତିମୂଳକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଖଣି ସିଏସଆର ମୁଖ୍ୟ ନିହାରିକା ସାହୁ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମ ଖଣି ସିଏସଆର ମୁଖ୍ୟ ନିହାରିକା ସାହୁଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲା ଖଣିଜ ପାଣ୍ଠି ସମନ୍ୱୟ ଅଧିକାରୀ ପ୍ରଶାନ୍ତ ମିଶ୍ର, ଥୁଆମୂଳ ରାମପୁର ବ୍ଲକ ଉନ୍ନୟନ ଅଧିକାରୀ ଧ୍ରୁବ ଚରଣ ମୁଦୁଲିଙ୍କ ସମେତ ଶିଶୁ ବିକାଶ ଓ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଦ୍ୟୁତକାଟ ପ୍ରତିବାଦରେ ଟିପିସିଓଡିଏଲ ଅଫିସ ଘେରାଉ କଲେ ଏକାଧିକ ଗ୍ରାମବାସୀ

ବାଣପୁର ୨୧/୨(ନି.ପ୍ର): ବିଦ୍ୟୁତକାଟ ପ୍ରତିବାଦରେ ଖୋର୍ଦ୍ଧା ଜିଲ୍ଲା ବାଣପୁରସ୍ଥିତ ଟିପିସିଓଡିଏଲ ଅଫିସ ଘେରାଉ କଲେ ଏକାଧିକ ଗ୍ରାମବାସୀ । ବାଣପୁର ବ୍ଲକ ଭେଟେଶ୍ୱର ପଞ୍ଚାୟତ ଅନ୍ତର୍ଗତ ସାନସିରେଇପୁର ଓ ତ୍ରିଲୋଚନପୁର ଗ୍ରାମବାସୀ ମାନେ ଆଜି ଆଙ୍କୁଲା ସ୍ଥିତ ବିଦ୍ୟୁତ ଅଫିସ ଘେରାଉ କରିଥିଲେ ।ଉକ୍ତ ଦୁଇ ଗ୍ରାମରେ ପ୍ରାୟତଃ ରାତି ୯ ରୁ ସକାଳ ୬ ଘଟିକା ଯାଏଁ ବିଦ୍ୟୁତ କାଟ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ଏ ନେଇ ଟିପିସିଓଡିଏଲ ବାଲୁଗାଁ ଉପଖଣ୍ଡ ଅଧିକାରୀ ଟୁକୁନା ଦଳେଇଙ୍କୁ ପଚାରିବାରୁ ବାଣପୁର ବ୍ଲକର ଏକାଧିକ ଗ୍ରାମରେ ରାତିରେ ହାତୀ ମାନେ ଆସୁଥିବାର ଦେଖିବାକୁ ମିଳୁଛି । ତେଣୁ ହାତୀଙ୍କ ସୁରକ୍ଷା ନିମନ୍ତେ ଯେଉଁ ଅଞ୍ଚଳରେ ହାତୀ ଆସୁଛନ୍ତି ଉକ୍ତ ଗ୍ରାମରେ ରାତିରେ ବିଦ୍ୟୁତ କାଟ କରିବା ପାଇଁ ଖୋର୍ଦ୍ଧା ଡିଏଫଓ ନିର୍ଦ୍ଦେଶ ଦେଇଛନ୍ତି । ଡିଏଫଓ ଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଦ୍ୟୁତକାଟ ହେଉଥିବା କହିଛନ୍ତି ଉପଖଣ୍ଡ ବିଦ୍ୟୁତ ଅଧିକାରୀ ଶ୍ରୀ ଦଳେଇ ।ତେବେ ଏ ନେଇ ଖୋର୍ଦ୍ଧା ଡିଏଫଓ ଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇପାରିନାହିଁ । ସମ୍ପ୍ରତି ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ଦୁଇ ଦୁଇ ଗ୍ରାମରେ ରାତିରେ ବିଦ୍ୟୁତ କାଟ କରିବା ଅତ୍ୟନ୍ତ ପରିତାପର ବିଷୟ ଏବଂ ହାତୀଙ୍କ ସୁରକ୍ଷା ପାଇଁ ସରକାର ଅନ୍ୟ ବିକଳ୍ପ ପନ୍ଥା ଗ୍ରହଣ କରିବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

# ଦୁଇ ଭାଇଙ୍କୁ ହତ୍ୟା ଉଦ୍ୟମ ଘଟଣା
## ଡିପ୍ଲୋମା ଛାତ୍ର ସମେତ ତିନି ଜଣଙ୍କୁ ବାନ୍ଧିଲା ପୋଲିସ, ତିନୋଟି ମୋବାଇଲ, ଲୁହାଛଡ଼ ଜବତ

ବ୍ରହ୍ମପୁର ୨୧/୨(ନି.ପ୍ର): ଜରଡ଼ା ଥାନା ଅନ୍ତର୍ଗତ ପାତ୍ରପୁର ଅଗ୍ନିଶମ ବିଭାଗ ନିକଟରେ ବୁଧବାର ବିଳମ୍ବିତ ରାତ୍ର ଦୁଇ ଭାଇଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା । ଜରଡ଼ା ଥାନା ପୋଲିସ ଏଥିରେ ସମ୍ପୃକ୍ତ ଥିବା ତିନିଜଣ ଯୁବକଙ୍କୁ ବାନ୍ଧିଛି । ମାଷ୍ଟେରମାଇଣ୍ଡ କୁହାଯାଉଥିବ ଉକ୍ତ ଥାନା ଅନ୍ତର୍ଗତ ପାତ୍ରପୁର ଡିପ୍ଲୋମା ଛାତ୍ର ରାଜୀବ ପଟ୍ଟନାୟକ (୨୧), ଶିବ ଶଙ୍କର ମହାନ୍ତି(୨୬) ଓ ଯତୀନ ସାହୁ(୨୫)ଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି । କୌଣସି ଏକ ଶତ୍ରୁତାକୁ କେନ୍ଦ୍ରକରି ଏହି କାଣ୍ଡ ଘଟିଥିଲା ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଅଭିଯୁକ୍ତ ମାନଙ୍କ ନିକଟରୁ ତିନୋଟି ମୋବାଇଲ , ଘଟଣା ବେଳେ ବ୍ୟବହୃତ ଲୁହାଛଡ଼ ଜବତ କରାଯାଇଥିବା ନେଇ ଥାନାଧିକାରୀ ଟୁନା ଶାସମଲ ସୂଚନା ଦେଇଛନ୍ତି । ଘଟଣାର ତଦନ୍ତ ଜାରି ରହିଛି । ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପ୍ରୟାସ କରୁଛି ।ଅସାମାଜିକ କାର୍ଯ୍ୟକଳାପ କୁ ଆଦୌ ବରଦାସ୍ତ କରାଯିବ ନାହିଁ । ଏଥିରେ ସଂପର୍କ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି । ଘଟଣାରୁ ପ୍ରକାଶ ଯେ, ବୁଧବାର ରାତ୍ର ସାଢ଼େ ୧୧ ଟା 'ରେ ସୁଶାନ୍ତ ପଣ୍ଡା ଏକ ଭୋଜି କାର୍ଯ୍ୟକ୍ରମର ଭିଡିଓ ଶୁଟିଂ କାମ ସାରି ଘରକୁ ଫେରୁଥିଲେ । ପାତ୍ରପୁର ଅଗ୍ନିଶମ ଅଫିସ ନିକଟରେ ରାଜୀବ ପଟ୍ଟନାୟକ ଓ ତାଙ୍କର ସହଯୋଗୀ ମନେ ତାଙ୍କୁ ଅଟକାଇ ମାରପିଟ କରିବା ସହ ଜୀବନରେ ମାରିଦେବାକୁ ଧମକଚମକ ଦେଇଥିଲେ । ସେ ଭୟଭୀତ ହୋଇ ତାଙ୍କର ବଡ଼ ଭାଇ ସନ୍ତୋଷଙ୍କୁ ଫୋନ କରି ଘଟଣା ସମ୍ପର୍କରେ ଜଣାଇଥିଲେ । ସୁଶାନ୍ତ ସେଠାରେ ପହଞ୍ଚିଥିଲେ । ଅପରାଧୀ ଗୋଷ୍ଠି ସନ୍ତୋଷଙ୍କୁ ଆକ୍ରମଣ କରିଥିଲେ । ସେ ଜଣେ ୱେବ ସାମ୍ବାଦିକ ବୋଲି କହିଥିଲେ ମଧ ରାଜୀବ ତାଙ୍କର ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ । ସେଠାରେ ସନ୍ତୋଷ ଅଚେତ ହୋଇପଡିବାରୁ ସେ ମରିଯାଇଥିବା ଭାବି ଅପରାଧୀ ଗୋଷ୍ଠି ଚମ୍ପଟ ମାରିଥିଲେ । ପରେ ସ୍ଥାନୀୟ ଲୋକ ଦୁଇ ଭାଇଙ୍କୁ ଉଦ୍ଧାର କରି ପାତ୍ରପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ । ପରେ ଆହତ ଙ୍କ ମା' କନକ ପଣ୍ଡା ଅଭିଯୋଗ କରିଥିଲେ ।

# ପାତ୍ର ତନ୍ତୀ ସମାଜର ବାର୍ଷିକ ମହୋତ୍ସବ ' ମାଘ ମିଳନ ୨୦୨୫' ଉତ୍ସବ ପାଳିତ

ମୟୂରଭଞ୍ଜ ୨୧/୨(ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଜାମଦା ବ୍ଲକ ଅନ୍ତର୍ଗତ କଇଁପୁର ଗ୍ରାମ ନିକଟସ୍ଥ ପାକଣାପାଟ ଠାରେ ପାତ୍ରତନ୍ତୀ ସମାଜର ବାର୍ଷିକ ମହୋତ୍ସବ 'ମାଘ ମିଳନ ୨୦୨୫ ' ଉତ୍ସବ ବେଶ୍ ଜାକଜମକରେ ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ଜାମଦା ବ୍ଲକ ର ପ୍ରତ୍ୟେକ ଗ୍ରାମରୁ ପାତ୍ର ତନ୍ତୀ ସମାଜର ପରିବାର ଉପସ୍ଥିତ ହେବା ସଙ୍ଗେ ସଙ୍ଗେ କୁସୁମୀ,ବିଜାତଳା,ବିଶୋଇ, ରାଇରଙ୍ଗପୁର,ବହଳଦା,ତିରିଙ୍ଗ, ବାଙ୍ଗିରିପୋଷି,କୁଳିଅଣା, ବାରିପଦା, ବେତନଟୀ ବ୍ଲକ ର ଜାତି ବନ୍ଧୁ ପରିବାର ଉପସ୍ଥିତ ହୋଇଥିଲେ । ଅଧିକନ୍ତୁ କେଉଁଝର ଜିଲ୍ଲାର ଯୋଡ଼ା, ଚମ୍ପୁଆ, କେଉଁଝର ସହର ଓ ଓଡ଼ିଶାର ବାହାର ରାଜ୍ୟ ଝାଡ଼ଖଣ୍ଡ ର ମଞ୍ଝାରୀ ବ୍ଲକ ଓ ଚାଇଁବସା, ରାଜନଗର,ଟାଟା,ବହଳାଗୁଡା ସହିତ




ପଶ୍ଚିମବଙ୍ଗ ରାଜ୍ୟର ଜାତି ବନ୍ଧୁ ଉପସ୍ଥିତ ଥିଲେ । ଉତ୍ସବ ର କାର୍ଯ୍ୟକ୍ରମ ଗୁଡ଼ିକ ସକାଳ ୯ ଘଟିକା ସମୟରେ ଆରମ୍ଭ ହୋଇ ଅପରାହ୍ନ ୨ ଘଟିକା ରେ ପରିସମାପ୍ତି ହୋଇ ଥିଲା ।ଏହି କାର୍ଯ୍ୟକ୍ରମ ରେ ପରିବାର ରେ ରହୁଥିବା ଛୋଟ ଶିଶୁ ଠାରୁ ଆରମ୍ଭ କରି ବୃଦ୍ଧ ବୃଦ୍ଧା ପର୍ଯ୍ୟନ୍ତ ବୟସର ବିଭିନ୍ନ ସ୍ତର ର ସଦସ୍ୟ ମାନଙ୍କ ପାଇଁ ଆନନ୍ଦ ମୟ ପ୍ରତିଯୋଗିତା କରାଯାଇ ସେମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।ଏତତ୍ ବ୍ୟତୀତ ଏହି ମହୋତ୍ସବ ର ବିଶେଷ କାର୍ଯ୍ୟକ୍ରମରେ ବନ୍ଧୁ ମାନଙ୍କୁ ଫୁଲ ଚନ୍ଦନ ରେ ସ୍ୱାଗତ କରି ତାଂକ ସହିତ ବାର୍ତ୍ତାଳାପ କରିବା ସହ ନୃତ୍ୟ ଗୀତ ମାଧମରେ କିଛି ସମୟ ପରସ୍ପର ମଧ୍ୟରେ ସେନେହ ଶ୍ରଦ୍ଧା ଭକ୍ତି ବାଣ୍ଟିଥିଲେ । ଏହାପରେ ସଭାକାର୍ଯ୍ୟ ହୋଇଥିଲା ଏବଂ ସଭା ରେ ନିମନ୍ତ୍ରିତ ଅତିଥି ମାନେ ମହୋତ୍ସବ ପାଳନର ମତବ୍ୟକ୍ତ ପ୍ରଦାନ କରିଥୁଲେ । ଏହି ମହୋତ୍ସବ ଟି ଜାମଦା ପାତ୍ର ତନ୍ତୀ କଲ୍ୟାଣ ସମିତି ର କର୍ମକର୍ତ୍ତା ବିଶ୍ୱନାଥ ଦାସ, ଆକାଶ ଦାସ, ଜୟପ୍ରକାଶ ଦାସ, ଜଗଦୀଶ ପାତ୍ର, ନିତ୍ୟାନନ୍ଦ ଦାସ, ବିଘ୍ନେଶ୍ୱର ପାତ୍ର ବିଦ୍ୟାଧର କେଶରୀ, ମାଲୁ ପାତ୍ର, ସିଦ ପାତ୍ର, କୃଷ୍ଣ ପାତ୍ର, , ହରେକୃଷ୍ଣ ପାତ୍ର, ସୁରେଶ ପାତ୍ର, ସପନ ପାତ୍ର, ଗୋପିନାଥ ପାତ୍ର, ପିତାମ୍ବର ପାତ୍ର, ବେଣୁଧର ପାତ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର, ଆନନ୍ଦ ପାତ୍ର , ରାଜେନ୍ଦ୍ର ପାତ୍ର ,ନନ୍ଦନ ପାତ୍ର,ଦୁବରାଜ ପାତ୍ର, ସୁନିଲ ପାତ୍ର, ଭାରତୀ ପାତ, ଦୟନ୍ତୀ କେଶରୀ ,ଦୁର୍ଗାବତୀ ପାତ୍ର, ନୟନୀ ଦାସ, ରାଧାରାଣୀ ପାତ୍ର ଙ୍କ ସହିତ ଆଉ ଅନେକ ସହଯୋଗୀ ବ୍ୟକ୍ତି ମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା ହୋଇ ବେଶ୍ ସଂପୂର୍ଣ୍ଣ ସାଧିତ ହୋଇଛି । ଜାମଦା ପାତ୍ର ତନ୍ତୀ କଲ୍ୟାଣ ସମିତି ର ପ୍ରମୁଖ ପରିଚାଳକ ବିଜୟ କୁମାର ପାତ୍ର (ସଭାପତି) ଓ ଗୋପବନ୍ଧୁ ଦାସ (କାର୍ଯ୍ୟକର୍ତ୍ତା ସମ୍ପାଦକ)ଙ୍କ ଉଦ୍ ଯୋଗ ତଥା ଜାମଦା ବ୍ଲକ ର ଦୁଇ ଉଜ୍ଜ୍ୱଳ ତାରକା ବିଶିଷ୍ଟ ସମାଜସେବୀ ଇଂ ପରମେଶ୍ୱର ପାତ୍ର ଓ ଇଂ ଜୟକୃଷ୍ଣ ପାତ୍ର ଦ୍ୱୟଙ୍କ ପୂର୍ଣ୍ଣ ସହଯୋଗ ରେ ମହୋତ୍ସବ ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଞ୍ଚାସୀନ ଅତିଥୀ ଜାମଦା ବ୍ଲକର ପାତ୍ର ତନ୍ତୀ କଲ୍ୟାଣ ସମିତି ର ସଭାପତି ବିଜୟ କୁମାର ପାତ୍ର, ବରିଷ୍ଠ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଅନବରତ ସମାଜ କର୍ମ ରେ ଲିପ୍ତ ବିଶିଷ୍ଟ ସମାଜସେବୀ ବିଖନ ଚନ୍ଦ୍ର ଦାସ, ମୁଖ୍ୟ ଅତିଥି ସମ୍ମାନୀୟ ବନମାଳୀ ଦାସ (ଟା ଟା), ମୁଖ୍ୟ ବ୍ୟକ୍ତା ମୟୂରଭଞ୍ଜ ଜିଲ୍ଲାର ପାତ୍ର ତନ୍ତୀ କଲ୍ୟାଣ ସମିତି ସଙ୍ଗଠନ ର ମୂଖ୍ୟ ପୁରଧା ସମ୍ମାନୀୟ ନରେନ୍ଦ୍ର ପାତ୍ର, ଅରୂପ ପାତ୍ର, ସମ୍ମାନୀତ ଅତିଥି ଶରତ ପାତ୍ର, ମାଗୁଣି ଚରଣ ପାତ୍ର, ସୂରୋଜ୍ ତନ୍ତୀ, ଜଗଦୀଶ ଦାସ, ପ୍ରମୋଦ ଭଞ୍ଜ,ତଥା ଅନ୍ୟାନ୍ୟ କେତେକ ବିଶିଷ୍ଟ ସମାଜସେବୀ ସମୂହ ଉପସ୍ଥିତ ଥିଲେ ।

## ୮୫ ବର୍ଷର ବୃଦ୍ଧାଙ୍କୁ ମାଡ ମାରି କ୍ଷ୍ୟତାକ୍ତ କଲେ ପୁଅ, ନିର୍ଯାତନା ସହିନପାରି ଥାନାର ଦ୍ୱାରସ୍ତ ହେଲେ ବୃଦ୍ଧା ମା '

କଳାହାଣ୍ଡି, ୨୧/୨(ନି.ପ୍ର): ସମାଜ ଆଜି କଳୁଷିତ ହେବାକୁ ଲାଗିଲାଣି ଧୀରେ ଧୀରେ ମଣିଷ ପଣିଆ ଲୋପ ପାଇଗଲାଣି ହୃଦୟରେ ମାନବିକତା ମଧ୍ୟ ମରିଗଲାଣି ପ୍ରତେକ ଦିନ ବୃଦ୍ଧ ପିତାମାତା ପୁଅ ବୋହୁଙ୍କ ଦ୍ୱାରା ନିର୍ଯାତନାର ଶିକାର ହେବା ଆଜି ପ୍ରମୁଖ ଗଣ ମଧ୍ୟମର ଶିରୋନାମା ପାଲଟୁଛି । ଗତ କାଲି ଭଦ୍ରକ ବାସୁଦେବ ପୁରରେ ସେଇଭଳି ଏକ ସ୍ୱର୍ଶକାତର ହୃଦୟବିଦାରକ ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ଆଜି ପୁଣି ଏକ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ଟାଉନ ଥାନା ଅଧୀନ ମହାବୀର ପଡ଼ାରେ ରହୁଥିବା ୮୫ ବର୍ଷୀୟ ବୃଦ୍ଧା ଲାବନ୍ୟ ନାୟକ । ବୃଦ୍ଧା ନିଜ ପୁଅ ବୋହୁ ଏବଂ ନାତୁଣୀଙ୍କ ଅତ୍ୟାଚାରେ ଅତିଷ୍ଠ ହୋଇ ଥାନାର ଦ୍ୱାରସ୍ତ ହୋଇଛନ୍ତି । ବୃଦ୍ଧା ଜଣକ ନିଜ ପୁଅ ଦୁଷ୍ମନ୍ତ କୁମାର ନାୟକ ବୋହୁ ଗୀତାଞ୍ଜଳି ନାୟକ ଏବଂ ନାତୁଣୀଙ୍କ ନାମରେ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହା ଆଜି କୁଆଡେ ପ୍ରଥମ ଘଟଣା ନୁହେଁ ପୂର୍ବରୁ ମଧ ମା ପୁଅ ବିରୋଧରେ ଅନେକ ବାର ଅଭିଯୋଗ ଆଣିଛନ୍ତି । ଘଟଣାରୁ ପ୍ରକାଶଯେ ମା'ଙ୍କ ପେନସନ ଟଙ୍କା ଏବଂ ଜମିବାଡ଼ିକୁ ହାତେଇବା ପାଇଁ ମନ୍ଦ ଉଦେଶ୍ୟ ରଖି ମା କୁ ବାଧ୍ୟ କରିଥିଲେ ପୁଅ ଏଥିରେ ମା ରାଜି ନହେବାରୁ ଉତକ୍ଷିପ୍ତ ହୋଇ ପୁଅ, ବୋହୁ ଏବଂ ନାତୁଣୀ ସଂଘବଧ ଭାବେ ମା 'କୁ ଅକ୍ରମଣ କରି ଘରୁ ତଡ଼ିଦେବାଭଳି ସାଙ୍ଘାତିକ ଅଭିଯୋଗ ଆଣି ଛନ୍ତି ଖୋଦ ମା । ଉକ୍ତ ଘଟଣାଟି ଅତ୍ୟନ୍ତ ସ୍ୱର୍ଶକାତର ଏବଂ ସମ୍ବେଦନଶିଳ ହୋଇଥିବାରୁ ପୋଲିସ ମାମଲା ରୁଜୁକରି ଘଟଣାଟିକୁ ଗୁରୁତ୍ୱର ସହନେଇ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବିହେଉଛି ।

# ସୀମା ଟପୁଛି ଅନ୍ଧବିଶ୍ୱାସ, କୁସଂସ୍କାର ବଞ୍ଚି ଥାଉଥାଉ ମା'ର ଶୁଦ୍ଧିକ୍ରିୟା





ଭାପୁର,୨୧/୨(ନି.ପ୍ର): ସୀମା ଟପିଛି କୁସଂସ୍କାର ଓ ଅନ୍ଧବିଶ୍ୱାସ। ଗାଁ ମୁଖିଆଙ୍କ ଚାପରେ ୮୧ ବର୍ଷର ବୃଦ୍ଧା ମା' ବଞ୍ଚି ଥାଉଥାଉ ପୁଅ-ବୋହୂ ଶୁଦ୍ଧି ହୋଇଛନ୍ତି। ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ଗାଁରେ ଭୋଜିଭାତ ମଧ ଦେଇଛନ୍ତି। ମାତ୍ର ମା'ଙ୍କର ରୋଗ ଭଲ ହେଉନଥିବା ଖବର ପାଇବା ପରେ ଗ୍ରାମବାସୀ ଅଜବ ନିୟମ କରିଛନ୍ତି। ପୁଣି ଥରେ ମା'ର ଶୁଦ୍ଧିକ୍ରିୟା ପାଇଁ ସେମାନେ ପରିବାର ଲୋକଙ୍କୁ ବାଧ କରୁଛନ୍ତି। ମାତ୍ର ଏଥର ରାଜି ନ ହେବାରୁ ଭାପୁର ବ୍ଲକ୍ ପଦ୍ମାବତୀ ଗାଁର ମଙ୍ଗୁଳି ଦଳେଇଙ୍କ ପରିବାରକୁ ଏବେ ନିଆଁପାଣି ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ପରିସ୍ଥିତି ଏପରି ହୋଇଛି ଯେ, ମଙ୍ଗୁଳିଙ୍କ ପୁଅମାନେ ଆଉ ମଜୁରି ଲାଗିବା ପାଇଁ ଯାଉ ନଥିବା ବେଳେ ପିଲାମାନଙ୍କୁ ସ୍କୁଲ ଓ କଲେଜ ବାରଣ କରାଯାଇଛି। ଅଭିଯୋଗ ମୁତାବକ, ଦୁଇ ମାସ ତଳେ ହଠାତ୍ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ନାକରେ ଏକ ଘା ହୋଇଥିଲା। ଧୀରେ ଧୀରେ ଏଥିରେ ସଂକ୍ରମଣ ହେବାରୁ ଘା'ଟି ବଢ଼ିଥିଲା। ଏହାଦେଖି ପରିବାର ଲୋକ ଭୟଭୀତ ହୋଇପଡ଼ିଥିଲେ ଓ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ ନାକ ଟେକିବା ସହ ସଂକ୍ରମଣ ଭୟରେ ମଙ୍ଗୁଳିଙ୍କ ପରିବାର ଲୋକଙ୍କୁ କାହା ସହ ମିଶିବା ପାଇଁ ବାରଣ କରାଯାଇଥିଲା। ଏମିତିକି ଦୋକାନରୁ ସଉଦା କିଣିବା, କୂଅ, ପୋଖରୀ ଓ ନଦୀରେ ଗାଧୋଇବା ଉପରେ କଟକଣା ଜାରି କରାଯାଇଥିଲା। ମଙ୍ଗୁଳି ସୁସ୍ଥ ହେବା ପରେ ତାଙ୍କର ଶୁଦ୍ଧିକ୍ରିୟା କରିବା ପାଇଁ ନିର୍ଦ୍ଦେଶ ଦିଆଗଲା। ଏହାର କିଛି ଦିନ ପରେ ବୃଦ୍ଧା ମା' ବଞ୍ଚି ଥାଉ ଥାଉ ପରିବାରର ୧୬ ଜଣ ସଦସ୍ୟ ଶୁଦ୍ଧିକ୍ରିୟା କରିବା ସହ ଗାଁରେ ଭୋଜିଭାତ, ବ୍ରାହ୍ମଣ ଭୋଜନ ଓ ରୀତିନୀତି ଅନୁଯାୟୀ ପୂଜାପାଠ କରାଯାଇଥିଲା। ଏଥିରେ ୭୦ ହଜାରରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିଲେ। ଏହି ଘଟଣାର କିଛି ଦିନ ପରେ ପୁଣି ଥରେ ମଙ୍ଗୁଳିଙ୍କ ନାକ ସଂକ୍ରମିତ ହୋଇ ପୋକ ବାହାରିଥିଲା। ଏହାକୁ ନେଇ ପୁଣି ଗାଁରେ ମଙ୍ଗୁଳିଙ୍କ ପରିବାରକୁ ବାସନ୍ଦ କରାଯାଇଛି। ଦୁଇ ଝିଅ ଯୁକ୍ତ ୩ରେ ପାଠ ପଢୁଥିବା ବେଳେ ଜଣେ ମାଟ୍ରିକ୍ ପରୀକ୍ଷା ଦେବ। ଆଉ ଜଣେ ନବମ ଶ୍ରେଣୀରେ ପାଠ ପଢୁଛି। ମାତ୍ର ସମସ୍ତଙ୍କର ବିଦ୍ୟାଳୟ ଓ କଲେଜ ଯିବା ଉପରେ କଟକଣା ଜାରି କରାଯାଇଛି। ପୁଣି ଥରେ ମା'ଙ୍କ ଶୁଦ୍ଧିକ୍ରିୟା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଅର୍ଥ ଅଭାବରୁ ଏହି କାର୍ଯ୍ୟ କରିବା ପାଇଁ ମଙ୍ଗୁଳିଙ୍କ ପୁଅମାନେ ରାଜି ନାହାନ୍ତି। ଫଳରେ ସମସ୍ତଙ୍କୁ ଏବେ ଗାଁରୁ ବାସନ୍ଦ କରାଯାଇଛି। ଏଣୁ ଏ ନେଇ ତୁରନ୍ତ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ବୁଗୁଡା ବ୍ଲକ ସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ



ବୁଗୁଡା ୨୧/୨(ନି.ପ୍ର): ଗଞ୍ଜାମ ଜିଲ୍ଲାର ବୁଗୁଡା ବ୍ଲକ ଅନ୍ତର୍ଗତ ବି.କରଡ଼ାବାଡ଼ି ଗ୍ରାମର ସର୍ଦ୍ଦାର ଅନ୍ତର୍ଯ୍ୟାମୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଫେବୃୟାରୀ ୧୮ ତାରିଖ ଦିନ ବ୍ଲକ ସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଇଓ ଚିନ୍ମୟ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଏବିଇଓ ତଥା ବି.ଆର.ସି.ସି. ଅମିତା କୁମାରୀ ପାଢ଼ୀ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ବୁଗୁଡା ବିଡ଼ିଓ ଦୁତିକୃଷ୍ଣ ପାତ୍ର, ମୁଖ୍ୟ ବକ୍ତା ଭାବେ ବୁଗୁଡା ତହସିଲଦାର ତାପସ ରାଉତ ଏବଂ ସମ୍ମାନିତ ଅତିଥି ଭାବେ ଏବିଇଓ ତପସ୍ୱିନୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟା ଚାନ୍ଦିନୀ ନାୟକ, ସ୍ଥାନୀୟ ସରପଞ୍ଚ ଚାନ୍ଦିନୀ ଆଚାରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ, ଶିକ୍ଷାବିତ ବଂଶୀଧର ନାୟକ ଓ ଶିକ୍ଷକ ସଙ୍ଘ ସଭାପତି ମନୋରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ବିଦୟାଳରୁ ୧୫୦ ଜଣ ଛାତ୍ରଛାତ୍ରୀ ବୃନ୍ଦ ନିଜର ଶିକ୍ଷଣ ସାମଗ୍ରୀ ନିର୍ମାଣ କରି ବ୍ଲକ ସ୍ତରୀୟ ମେଳାରେ ଯୋଗଦେଇଥିବା ବେଳେ ୨୨ ଜଣ ଗାଇଡ଼ ଟିଚର ଯୋଗଦେଇଥିଲେ। ଅତିଥିମାନନ୍କ ଦ୍ୱାରା ଛାତ୍ରଛାତ୍ରୀ ବୃନ୍ଦଙ୍କ ଶିକ୍ଷଣ ସାମଗ୍ରୀ ଉଚ୍ଚ ପ୍ରଶଂସିତ ହୋଇଥିଲା। ଉତ୍ତମ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଗୋଷ୍ଠୀ ଚାଷୀ ଉପଦେଷ୍ଟା କମିଟି ର ନୂତନ ସଭ୍ୟ ସଭ୍ୟା ମନୋନୀତ

ବରଗଡ଼ ୨୧/୨(ନି.ପ୍ର): ବରଗଡ଼ ଜିଲ୍ଲା ଅତାବିରା ଗୋଷ୍ଠୀ ଚାଷୀ ଉପଦେଷ୍ଟା କମିଟି ର ବ୍ଲକ୍ କୃଷି ଅଧିକାରୀ ପିଙ୍କୁସେନ୍ କର ଙ୍କ ସଭାପତିତ୍ୱ ରେ ନୂତନ ସଭ୍ୟ ସଭ୍ୟା ମନୋନୀତ ହୋଇଛନ୍ତି।କାର୍ଯ୍ୟକ୍ରମ ରେ ବ୍ଲକ ଅଧକ୍ଷା ଗୀତାଞ୍ଜଳୀ ନାଏକ ଯୋଗଦେଇଥିବା ବେଳେ ସମସ୍ତ ଜୋନ୍ ର ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ତଥା ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।ମିଳନ ସେଠ୍ ଙ୍କୁ ଗୋଷ୍ଠୀ ଚାଷୀ ଉପଦେଷ୍ଟା କମିଟିର ଅଧକ୍ଷ ଭାବେ ସର୍ବ ସମ୍ମତି କ୍ରମେ ମନୋନୟନ କରାଯାଇଥିଲା। ସେହିପରି ଡି ପି ଜୟ କୁମାର ଙ୍କୁ ଜିଲ୍ଲା ଗୋଷ୍ଠୀ ଚାଷୀ ଉପଦେଷ୍ଟା କମିଟିର ସଦସ୍ୟ ଭାବେ ଚୟନ କରାଯାଇଥିଲା।ଉଦ୍ୟାନ ବିଭାଗ ଅଧିକାରୀ ରାଜବାଲା ମହାପାତ୍ର,ମତ୍ସ ବିଭାଗ ବାନିନିମାଲ୍ୟ ରାଉତ,ପଶୁ ସଂପଦ ବିଭାଗ ଅଧିକାରୀ ପ୍ରତାପ ରୁଦ୍ର ସାହୁ,ମିଶନ ଶକ୍ତି ର ଶର୍ମିଷ୍ଠା ସ୍ୱାଇଁ ବିଭାଗୀୟ ଯୋଜନା ଉପରେ ଆଲୋଚନା କରିଥିଲେ।କେନାଲ ଏସ ଡିଓ,ବି ପି ଏମ ପ୍ରମୁଖ ଉପସ୍ଥିତ ଥିଲେ। ଏଟି ଏମ ମିନତୀ ପ୍ରଧାନ ଓ ପ୍ରଶାନ୍ତ ଭୋଇ ସକ୍ରିୟ ସହଯୋଗ କରିଥିଲେ।

## ମୁଖୀଗୁଡା ରେ ନକଲି ବିଦେଶୀ ମଦ ପ୍ରସ୍ତୁତି କାରଖାନା ଠାବ, ବିପୁଳ ପରିମାଣରେ ମଦ ଜବତ

ଜୟପାଟଣା ୨୧/୨(ନି.ପ୍ର): ମୁଖୀଗୁଡା ରେ ନକଲି ବିଦେଶୀ ମଦ ପ୍ରସ୍ତୁତି କାରଖାନା ଠାବ କରିଛି ଅବକାରୀ ବିଭାଗ।ଜୟପାଟଣା ଓ ଧର୍ମଗଡ ଅବକାରୀ ବିଭାଗର ମିଳିତରେ ଚଢାଉ ବିପୁଳ ପରିମାଣର ମଦ ଜବତ କରାଯାଇଛି।ମୁଖିଗୁଡ଼ା ଗାଁ ର କ୍ଷମା ସାହୁ ନିଜ ଘରେ ମେସିନ ବସାଇ ନକଲି ବିଦେଶୀ ମଦ ତିଆରି କରୁଥିବା ସୁରାଗ ପାଇ ମାଡି ବସିଲା ଅବକାରି ବିଭାଗ। ବିପୁଳ ପରିମାଣର ବିଭିନ୍ନ ବ୍ରାଣ୍ଡ ର ନକଲି ମଦ,ଲେବଲ, ମଦ ତିଆରି ସାମଗ୍ରୀ ଜବତ କରିଛି ଅବକାରୀ ବିଭାଗ। ଦୀର୍ଘଦିନ ହେଲା ଏଠି ମଦ ପ୍ରସ୍ତୁତ ହୋଇ ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଥିବା ବେଳେ ଏହାର ଟେର ପାଉନଥିଲା ଅବକାରୀ ବିଭାଗ।ନକଲି ମଦ ପ୍ରସ୍ତୁତ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ବେଳେ ଏହି ମଦ ପିଇ ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା କଣ ହେଉଥିବା ତାହା ସହଜେ ବାରି ହେଉଛି।

# ଧନୀ ଜିଲ୍ଲାର ବିକଳ ଚିତ୍ର: ୭୮୧ ଗାଁକୁ ରାସ୍ତା ନାହିଁ

କେନ୍ଦୁଝର,୨୧/୨(ନି.ପ୍ର): ରାଜ୍ୟର ସବୁଠୁ ଧନୀ ଜିଲ୍ଲା କେନ୍ଦୁଝରର ବିକଳ ଚିତ୍ର ଏବେ ସାମନାକୁ ଆସିଛି। ଜିଲ୍ଲାର ୭୮୧ଟି ଗାଁ (ଜନବସତିକୁ) ରାସ୍ତା ନାହିଁ। କେଉଁଠି ଲୋକେ ପାଦଚଲା ଜଙ୍ଗଲିଆ ରାସ୍ତାରେ ଯାତାୟାତ କରୁଛନ୍ତି ତ ଆଉ? କେଉଁଠି ପାହାଡ଼ ଚଢ଼ି ଗାଁକୁ ଯାଉଛନ୍ତି। ଗମନାଗମନ ବ୍ୟବସ୍ଥା ନଥିବାରୁ ଏସବୁ ଅଞ୍ଚଳରେ ଯେଭଳି ବିକାଶ ହେବା କଥା ହୋଇପାରିନି। ଲୋକେ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେବା ସହ ସରକାରଙ୍କ ଜନକଲ୍ୟାଣ ଯୋଜନା ସେମାନଙ୍କ ପାଖରେ ପହଞ୍ଚି ପାରୁନାହିଁ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବର୍ତ୍ତମାନ ଜିଲ୍ଲାର ସମସ୍ତ ଅପହଞ୍ଚ ଜନବସତିକୁ ରାସ୍ତା ନିର୍ମାଣ ଲାଗି ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।କିଛିବର୍ଷ ତଳେ ରାଜ୍ୟ ସରକାର 'ଉପାନ୍ତ' ନାମ?କ ଏକ ଯୋଜନା କରିଥିଲେ। ଏହାର ଲକ୍ଷ୍ୟ ଥିଲା ଯୋଗାଯୋଗ ନ ଥିବା ଗାଁକୁ ରାସ୍ତା ନିର୍ମାଣ। ଯୋଜନା ଆରମ୍ଭ ବେଳେ କେନ୍ଦୁଝର ଜିଲ୍ଲାର ଅନେକ ଗାଁ ଏଥିରେ ସାମିଲ ହେବ ବୋଲି ଆଶା କରାଯାଉଥିଲା। ହେଲେ ପରବର୍ତ୍ତୀ ସମୟରେ ଯୋଜନାଟି ବନ୍ଦ ହୋଇଯିବାରୁ ଲକ୍ଷ୍ୟ ସାଧନ ହୋଇପାରିଲା ନାହିଁ। ସରକାରୀ ତଥ୍ୟ ଅନୁସାରେ, ୧୦୦ରୁ ଅଧିକ ଲୋକ ରହୁଥିବା ଜନବସତିକୁ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା-୪ରେ ସାମିଲ ପାଇଁ ନିଷ୍ପତ୍ତି ହୋଇଥିଲା। ସର୍ଭେ ସମୟରେ କେନ୍ଦୁଝର ଜିଲ୍ଲାର ୪୦୭ଟି ଜନବସତିକୁ ସବୁଦିନିଆ ରାସ୍ତା ନଥିବା ଜଣାପଡ଼ିଥିଲା। ତେବେ ୨୦୧୧ ଜନଗଣନାକୁ ଆଧାର କରି ଏହି ତାଲିକା ପ୍ରସ୍ତୁତ ହୋଇଥିବାରୁ ଜିଲ୍ଲା ପ୍ରଶାସନ ପୁଣି ବିଡିଓଙ୍କ ଦ୍ୱାରା ଆଉ ଏକ ସର୍ଭେ କରାଇଥିଲା। ଏହି ସର୍ଭେ ଅନୁସାରେ, ଜିଲ୍ଲାର ୭୮୧ଟି ଜନବସତିକୁ ସବୁଦିନିଆ ରାସ୍ତା ନାହିଁ। ବାଂଶପାଳ ବ୍ଲକ୍‌ର ସର୍ବାଧିକ ୧୦୧ଟି ଜନବସତିକୁ ସବୁଦିନିଆ ରାସ୍ତା ନଥିବା ବେଳେ ଘସିପୁରା ବ୍ଲକ୍‌ରେ ସର୍ବନିମ୍ନ ୧୫ଟି ଜନବସତିକୁ ରାସ୍ତା ନାହିଁ। ୭୮୧ଟି ଜନବସତି ମଧ୍ୟରୁ ୪୦୭ଟିକୁ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଏବଂ ଅବଶିଷ୍ଟ ୩୭୪ଟି ଜନବସତିକୁ ଓମ୍‌ବାଡ୍‌ସି, ଡିଏମ୍‌ଏଫ୍ ଅନୁଦାନରେ ସବୁଦିନିଆ ରାସ୍ତା ନିର୍ମାଣ କରିବାକୁ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି ବୋଲି ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ପ୍ରକାଶ କରିଛନ୍ତି। ନିକଟରେ ବାଂଶପାଳ ବ୍ଲକ୍ ଶାଗଡୁଳା ଗାଁକୁ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ଯାଇଥିଲେ। ଗାଁକୁ ରାସ୍ତା ନଥିବାରୁ ବିଧାୟକ ପ୍ରାୟ ୪ କିମି ଚାଲିଚାଲି ଗାଁରେ ପହଞ୍ଚିବା ସହ ଗ୍ରାମବାସୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରାମବାସୀ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ଜଣାଇଥିଲେ। ସେହିପରି ବାଂଶପାଳ ବ୍ଲକ୍‌ର ବଣପାହାଡ଼ ଘେରା ଉପରପଣସନସା ଗ୍ରାମରେ ୫୦ରୁ ଊର୍ଦ୍ଧ୍ୱ ପରିବାର ବାସ କରୁଛନ୍ତି। ଲୋକସଂଖ୍ୟା ପ୍ରାୟ ୩୦୦। ସମସ୍ତେ ଆଦିବାସୀ ଜୁଆଙ୍ଗ ଜନଜାତି। ଏହି ଗାଁକୁ ମଧ ସବୁଦିନିଆ ରାସ୍ତା ନଥିବାରୁ ଗ୍ରାମବାସୀ ହଟହଟା ହେବା ସହ ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଛନ୍ତି।



## ପୂର୍ବତନ ସମିତିସଭ୍ୟ ଅଶୋକ ସାହୁ ଆତ୍ମା ସଭାପତି



ନିଶ୍ଚିନ୍ତକୋଇଲି, ୨୧/୨(ନି.ପ୍ର): କୃଷି ଓ ବୈଷୟିକ ପରିଚାଳନା ସଂସ୍ଥା ଦ୍ୱାରା ଗଠିତ ଆତ୍ମା ସଂଗଠନର ନିଶ୍ଚିନ୍ତକୋଇଲି ବ୍ଲକ ସଭାପତି ଭାବେ ପୂର୍ବତନ ସମିତିସଭ୍ୟ ଅଶୋକ କୁମାର ସାହୁଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଛି। ଏହି ସଂଗଠନରେ ମୋଟ୍ ୨୫ଜଣ ସଭ୍ୟ ସଭ୍ୟା ରହିଥିବା ବେଳେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୭ଟି ପ□ାୟତରୁ ୧୫ଜଣ ଓ କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୪ଗୋଟି ପଂଚାୟତରୁ ୧୦ଜଣ ସଭ୍ୟ ସଭ୍ୟାଙ୍କୁ ମନୋନୀତ କରାଯାଇଛି। ଏହି ସଂଗଠନର ୧୦ଜଣ ମହିଳା ସଭ୍ୟାଙ୍କୁ ନିଆଯାଇଛି। ଆତ୍ମାର ବ୍ଲକ ବୈଷୟିକ ପରିଚାଳକ ଅରବିନ୍ଦ ସାହୁଙ୍କ ପୌରହିତ୍ୟରେ ଉକ୍ତ ସଂଗଠନର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବ୍ଲକ ସହକାରୀ କୃଷି ଅଧିକାରୀ ସତ୍ୟବ୍ରତ ସର୍ଦ୍ଦାର ସିଂ, ବ୍ଲକ ଉଦ୍ୟାନ କୃଷି ଅଧିକାରୀ ସ୍ୱାଗତିକା ସାହୁ, ମତ୍ସ୍ୟ ଅଧିକାରୀ ଶରତ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇ କୃଷିର ବିକାଶ କ୍ଷେତ୍ରରେ ଆତ୍ମା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା କିଭଳି ଶୃଙ୍ଖଳିତ ଭାବେ କାର୍ଯ୍ୟକାରୀ ହେବ ସେ ସଂକ୍ରାନ୍ତରେ ଉପସ୍ଥିତ ସଭ୍ୟ ସଭ୍ୟାମାନଙ୍କୁ ସଚେତନ କରାଇଥିଲେ। ବିଶେଷ କରି କୃଷକ ଓଡ଼ିଶା ପୋର୍ଟାଲରେ ଚାଷୀ ପଞ୍ଜୀକୃତ କରାଯିବା, ଶତକଡ଼ା ୫୦ ଭାଗ ରିହାତିରେ ବିଭିନ୍ନ କୃଷି ଉପକରଣ ଓ ବୋରିଂ ଆଦି ଖୋଳିବା ପାଇଁ ପଞ୍ଜିକୃତ ଚାଷୀମାନେ ଅନଲାଇନ ମାଧ୍ୟମରେ ଆବେଦନ କରିବା, ବର୍ଷକୁ ହେଉଥିବା ୨ଥର ଡ଼ିଜିଟାଲ ସର୍ଭେରେ ଚାଷ କ୍ଷେତକୁ ଅନ୍ତର୍ଭୁକ୍ତ କରାଇବା ଏବଂ ପିଏମ୍ କିଶାନ ଯୋଜନାରେ ଚାଷୀମାନେ କିଭଳି ଉପକୃତ ହୋଇପାରିବେ ସେ ସଂକ୍ରାନ୍ତରେ ବିଷଦ ଭାବେ ଆଲୋଚନା କରାଯାଇଥିଲା। ଏହାଛଡ଼ା ମାଛ ଚାଷ ପାଇଁ ବିଭିନ୍ନ ସରକାରୀ ଯୋଜନା ସଂକ୍ରାନ୍ତରେ ଆଲୋଚନା କରାଯାଇଥିବା ବେଳେ ପନିପରିବା ଓ ଫଳଚାଷ ଆଦି କ୍ଷେତ୍ରରେ ସରକାରଙ୍କ ଉଦ୍ୟାନ ବିଭାଗ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏଟିଏମ୍ ନରୋ□ମ ଦାସ, ଗ୍ରାମ୍ୟ କୃଷି କର୍ମଚାରୀ ସ୍ମୃତିରଂଜନ ନାୟକ, ରଶ୍ମୀରଂଜନ ବରିହା, ସୁଧାଂଶୁ ବେହେରା, ସୁଶାନ୍ତ କୁମାର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ମାଟ୍ରିକ ପରୀକ୍ଷା ସୁପରିଚାଳନା ପାଇଁ ମଣ୍ଡଳ ଶିକ୍ଷାଧିକାରିଣୀଙ୍କ ସ୍ୱତନ୍ତ୍ର ବୈଠକ



ନିଶ୍ଚିନ୍ତକୋଇଲି,୨୧/୨(ନି.ପ୍ର): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହେବ। ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ମାଟ୍ରିକ ପରୀକ୍ଷାର ସ୍ୱଚ୍ଛତା ଓ ସୁପରିଚାଳନା ପାଇଁ ମଣ୍ଡଳ ଶିକ୍ଷାଧିକାରୀଣୀ ଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ଏହି ବ୍ଲକ ଅଧିନରେ ମୋଟ୍ ୧୪ଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ଜଣାପଡ଼ିଛି। ମଣ୍ଡଳ ଶିକ୍ଷାଧିକାରୀଣୀ ସଂଯୁକ୍ତା ମହାପାତ୍ରଙ୍କ ପୌରହିତ୍ୟରେ ସମସ୍ତ ପରୀକ୍ଷା କେନ୍ଦ୍ରର ଅଧକ୍ଷ ତଥା ପରିଚାଳକ ,ଉପନିୟନ୍ତ୍ରକ, ପର୍ଯ୍ୟବେକ୍ଷକ ଓ ପ୍ରଶ୍ନପତ୍ର ବିତରକ ମାନେ ଉପସ୍ଥିତ ହୋଇଥିଲେ। ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀ ମାନଙ୍କର ଯେଭଳି କୌଣସି ସମସ୍ୟା ନହୁଏ ସେଥିପ୍ରତି ଗୁରୁତ୍ୱ ଦେବା ସହିତ ପରୀକ୍ଷାରେ ସ୍ୱଚ୍ଛତା ରଖିବା ,ସମ୍ପୂର୍ଣ୍ଣ ସରକାରୀ ନୀତି ନିୟମରେ ପରୀକ୍ଷା ପରିଚାଳନା କରିବା ,ପ୍ରତ୍ୟେକ କେନ୍ଦ୍ରରେ ସଠିକ୍ ସମୟରେ ପ୍ରଶ୍ନ ପତ୍ର ପହ□ାଇବା ଏବଂ ଉତ୍ତର ପତ୍ର ସଂଗ୍ରହ କରିବା ଆଦି କାର୍ଯ୍ୟକ୍ରମକୁ କିଭଳି ସୂଚାରୁ ରୂପେ କରାଯାଇପାରିବ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି। ୧୪ଟି କେନ୍ଦ୍ରରେ ପ୍ରଶ୍ନପତ୍ର ବିତରଣ ପାଇଁ ୪ଗୋଟି ଦଳ କରାଯାଇଥିବା ବେଳେ ଗୋଟିଏ ଦଳରେ ଦୁଇଜଣଙ୍କୁ ନିୟୋଜିତ କରାଯାଇଛି।

## ନିଷ୍ଠା ପରିବାର ର ୫୧ଦିନିଆ ରେଡ ଡ୍ରପ ଅଲଟ୍ରା ମାରାଥନ ଜାରୀ, ଖଣ୍ଡହଥା, ନୂଆଁଗଡ ରେ ରକ୍ତଦାନ ଶିବିର ୫୧ୟୁନିଟ ରକ୍ତ ସଂଗୃହୀତ

ବରଗଡ଼ ୨୧/୨(ନି.ପ୍ର): ବରଗଡ଼ ବ୍ଲକ ଖଣ୍ଡହଥା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନୂଆଁଗଡ଼ ଗ୍ରାମ ରେ ଥିବା ସାହୁ ବ୍ରିକ୍ସ ଠାରେ ସାହୁ ବ୍ରିକ୍ସ ଓ ନିଷ୍ଠା ପରିବାର ର ମିଳିତ ଆନୁକୁଲ୍ୟରେ ନିଷ୍ଠା ପରିବାର ର ୫୧ଦିନ ଧରି ଚାଲି ଥିବା ରେଡ ଡ୍ରପ ଅଲଟ୍ରା ମାରାଥନ ର ପଚାଶ ଦିନ (୫୦) ରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିର କୁ ପୂର୍ବତନ ସରପଞ୍ଚ ତଥା ନିଷ୍ଠା ପରିବାର ର ଉପ ସଭାପତି କ୍ଷୀରୋଦ୍ର ସାହୁ ଙ୍କ ମାଁ ତପସ୍ୱିନୀ ସାହୁ ଯୋଗଦେଇ ଫିତା କାଟି ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରିଥିଲେ।ଏହି ଶିବିର ରୁ ସର୍ବମୋଟ ୫୧ୟୁନିଟ ରକ୍ତ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା।ସାହୁ ବ୍ରିକ୍ସ ରେ କାମ କରୁଥିବା କର୍ମଚାରୀ ଓ ବନ୍ଧୁ ପରିଜନ ମାନେ ଅତ୍ୟନ୍ତ ଉତ୍ସାହ ର ସହ ରକ୍ତ ଦାନ କରିଥିଲେ।ଏହି ଶିବିର କୁ ନିଷ୍ଠା ପରିବାର ର ସମସ୍ତ ସଦସ୍ୟ ସଦସ୍ୟା ସୁପରିଚାଳନା କରିଥିଲେ।

## ଆଠ ମାସ ହେଲା ବିଏସଏନଏଲ ନେଟୱାର୍କ ଅଚଳ

### *ଅଧିକାରୀ ମାନଙ୍କୁ ତାଲା ପକାଇଲେ ଉତ୍ୟକ୍ତ ଗ୍ରାମବାସୀ*



ବାଲିଗୁଡ଼ା ୨୧/୨(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ ବ୍ଲକର ସୁବର୍ଣ୍ଣଗିରି ପଞ୍ଚାୟତରେ ଆଜକୁ ଆଠ ମାସ ହେଲା କାମ କରୁନି ବିଏସଏନଏଲ ନେଟୱାର୍କ। ଯାହା ଫଳରେ ଗ୍ରାମବାସୀ ମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ସମସ୍ୟାର ସମାଧାନ କରାଯାଉ ନାହିଁ। ଉତ୍ୟକ୍ତ ଗ୍ରାମବାସୀ ବିଏସଏନଏଲ ଅଧିକାରୀଙ୍କୁ ଘେରାଉ କରି ତୁରନ୍ତ ସମସ୍ୟା ସମାଧାନ ପାଇଁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ୨୦୧୬ ମସିହାରୁ ସୁବର୍ଣ୍ଣଗିରି ଠାରେ ବିଏସଏନଏଲ ଟାୱାର ବସିଛି। କିନ୍ତୁ ଏହା ଠିକ ଭାବେ କାମ କରୁନାହିଁ। ଏବେ ପ୍ରାୟ ୮ ମାସରୁ ଉର୍ଦ୍ଧ ହେବ ବିଏସଏନଏଲ ନେଟୱାର୍କ ରହୁ ନଥିବାରୁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁବର୍ଣ୍ଣଗିରି, ପାଜିକେରି, ଜାକେଶୀ, ବାଣ୍ଡିଗୁଡା, ରାମନିଗୁଡା, ଭୀଷ୍ମଗିରି, କାମ୍ବରପଙ୍ଗା, ଲୁଦୁ, କୁଟିଗୁଡା, ଗାଜିନାଜୁ, ମୁଚଡ଼ି, ବୁଡୁକି, କାହମଗୁଡା ଭଳି ଆଖପାଖ ଗ୍ରାମରେ ପ୍ରାୟ ୭ ହଜାର ଲୋକ ରହୁଛନ୍ତି। ନେଟୱାର୍କ ନ ଥିବାରୁ ବିଭିନ୍ନ ପ୍ରକାର ଅନଲାଇନ କାମରେ ବାଧା ଉପୁଜିବା ସହ ଆମ୍ବୁଲାନ୍ସ ସହିତ ମଧ ଯୋଗାଯୋଗ କରି ହେଉନାହିଁ। ଫଳରେ ଗର୍ଭବତୀ ମହିଳା ଓ ରୋଗୀକୁ ଡାକ୍ତରଖାନାକୁ ନେବାକୁ ଅସୁବିଧା ହେଉଛି। ଗ୍ରାମବାସୀ ଦୀର୍ଘ ଦିନ ଧରି ଅଭିଯୋଗ କରୁଥିଲେ ମଧ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନାହାନ୍ତି। ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ବିଏସଏନଏଲ ର ଡିଟିଏମ ଏବଂ ଅନ୍ୟ ଅଧିକାରୀ ସୁବର୍ଣ୍ଣଗିରି ଯାଇଥିବା ବେଳେ ଉତ୍ୟକ୍ତ ଲୋକେ ତାଙ୍କୁ ଅଟକ ରଖିଥିଲେ। କାର୍ଯ୍ୟାଳୟ ଭିତରେ ଅଧିକାରୀ ମାନଙ୍କୁ ତାଲା ପକାଇ ଦେଇଥିଲେ ଗ୍ରାମବାସୀ। ଏ ନେଇ କୋଟଗଡ ଥାନାକୁ ଖବର ଯିବା ପରେ ନିକଟସ୍ଥ ସିଆରପିଏଫ କ୍ୟାମ୍ପରୁ ଜବାନ ମାନେ ଆସି ସେମାନଙ୍କୁ ଉଦ୍ଧାର କରିଥିଲେ। ତେବେ ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ ସଦେଶ୍ୱର ପାଟମାଝି, ସୁବଳ ବାଗା ନାୟକ, ପଞ୍ଚଦେବ ପାଟଗୁରୁ, ବସନ୍ତ ପାଣିଗ୍ରାହୀ, ହରିହର ବଡ଼ଟିଆ, ସରୋଜ ପାଟମାଝୀ, ମାନସ ବଡ଼ଟିଆ, ଅରବିନ୍ଦ କୁମାର ନାୟକ ପ୍ରମୁଖ ପ୍ରକାଶ କରିଛନ୍ତି।

## ରଘୁନାଥପୁର ବ୍ଲକ ବିଏଲଏଫ ସଦସ୍ୟ ମାନଙ୍କ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ଜଗତସିଂହପୁର ତା ୨୧/୨(ନିପ୍ର ) ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ମଣ୍ଡଳ ସ୍ତରୀୟ ମହିଳା ଗ୍ରୁପର ବିକ୍ରୟ କେନ୍ଦ୍ରକୁ ଜନୈକା ମହିଳା ଜବରଦଖଲ କରି ରଖିବାକୁ ନେଇ ରଘନାଥପୁର ଥାନାରେ ପୃଥକ ପୃଥକ ମାମଲା ରୁଜୁ ହୋଇ ଥିଲା ଏ ସମ୍ପର୍କରେ ବିଏଲଏଫର ସଦସ୍ୟମାନେ ଶୁକ୍ରବାର ଦିନ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ବ୍ଲକ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିପ୍ରତି ଜିଲ୍ଲା,ବ୍ଲକ ଓ ପୋଲିସ ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ପରବର୍ତ୍ତୀ ପର୍ଯ୍ୟାୟରେ ଏକ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏହି ସମ୍ମିଳନୀରେ ଉପସ୍ଥିତ ସଦସ୍ୟା ମାନେ ଚେତାବନୀ ଦେଇଛନ୍ତି। ରଘୁନାଥପୁର ବ୍ଲକ ସ୍ତରୀୟ ମହିଳା ଗ୍ରୁପଟି ଆଜକୁ ୧୫ବର୍ଷ ହେବ ନିଜର କାର୍ଯ୍ୟ ସମ୍ପାଦନ କରି ଆସୁଛି। ମହିଳା ଗ୍ରୁପର ସଦସ୍ୟା ମାନେ ତିଆରି କରୁଥିବା ସାମଗ୍ରୀ ଗୁଡ଼ିକୁ ବିକ୍ରୟ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କୁ ରଘୁନାଥପୁର ବଜାର ଉପରେ ଏକ ସରକାରୀ ବିକ୍ରୟ କେନ୍ଦ୍ର ଯୋଗାଇ ଦିଆଯାଇଛି। ପ୍ରାରମ୍ଭରେ ଏହି ବିକ୍ରୟ କେନ୍ଦ୍ରର ଦାୟିତ୍ୱ ସେତେବେଳର ବିଏଲଏଫର ଇସି ମେମ୍ବର ଥିବା ପ୍ରିୟଙ୍କା ମହାପାତ୍ରଙ୍କୁ ଦିଆ ଯାଇଥିଲା। ବିଭିନ୍ନ କାରଣରୁ ଶ୍ରୀମତୀ ମହାପାତ୍ର ବିଏଲଏଫ(ବ୍ଲକ ସ୍ତରୀୟ ମହିଳା ଗ୍ରୁପ)ରୁ ବାହାରିଗଲା ପରେ ଦୀର୍ଘ ଦିନ ହେବ ଏହି ବିକ୍ରୟ କେନ୍ଦ୍ରଟିକୁ ଜବର ଦଖଲ କରି ରଖିଥିବାରୁ ଘରଟିକୁ ଛାଡ଼ିବା ଲାଗି ବିଏଲଏଫ କର୍ମକର୍ତ୍ତା ଏବଂ ସଦସ୍ୟମାନେ ତାଙ୍କୁ ବହୁବାର ଜଣାଇଛନ୍ତି। କିନ୍ତୁ ଶ୍ରୀମତୀ ମହାପାତ୍ର ଘର ନଛାଡି ବହୁବାର କର୍ମକର୍ତ୍ତା ଓ ଇସି ମେମ୍ବର ମାନଙ୍କୁ ଆଶାଳିନ ବ୍ୟବହାର କରିବା, ବିଭିନ୍ନ ପ୍ରକାରର ଧମକ ଦେବା ସହିତ ଗତ ୧୮ତାରିଖରେ ସଭାନେତ୍ରୀ ବିଷ୍ଣୁପ୍ରିୟା ଆଚାର୍ଯ୍ୟଙ୍କୁ ଆକ୍ରମଣ କରିବା ନେଇ ଥାନାରେ ଅଭିଯୋଗ ପରେ ମଧ ପୋଲିସ ପ୍ରଶାସନର ସେଭଳି କିଛି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ କରାଯାଇ ନଥିବା ବିଏଲଏଫର କର୍ମକର୍ତ୍ତା ମାନେ ସାମ୍ବାଦିକ ସମ୍ମିଳନୀରେ ଜଣାଇଛନ୍ତି।ଏବଂ ଉକ୍ତ ବିକ୍ରୟ କେନ୍ଦ୍ରଟିକୁ ବ୍ଲକ ପ୍ରଶାସନ ବିହିତ ପଦକ୍ଷେପ ନେଇ ଜବରଦଖଲ ଉଚ୍ଛେଦ କରି ବ୍ଲକ ସ୍ତରୀୟ ମହିଳା ଗ୍ରୁପକୁ ହସ୍ତାନ୍ତର କରିବା ପାଇଁ ଏହି ସମ୍ମିଳନୀରେ ଉପସ୍ଥିତ ସଭାନେତ୍ରୀ ବିଷ୍ଣୁପ୍ରିୟା ଆଚାର୍ଯ୍ୟ, ସମ୍ପାଦିକା ମୃଣ୍ମୟୀ ପଣ୍ଡା, କୋଷାଧକ୍ଷା ପ୍ରମୋଦିନୀ ସ୍ୱାଇଁ, ଶେଫାଳୀ ତା, କୃଷ୍ଣ ପ୍ରିୟା ବିଶ୍ୱାଳ,କ୍ରୀଷ୍ଣା ରାଣୀ ଦାସ,ଖୁଲଣାସୁନ୍ଦରୀ ରାଉତ, ସେବତୀ ବେହେରା ପ୍ରମୁଖ ସଦସ୍ୟମାନେ ପ୍ରଶାସନ ନିକଟରେ ଦାବୀ ରଖିଛନ୍ତି।

# କନ୍ଧମାଳରେ ହଳଦୀର ଅଭାବୀ ବିକ୍ରି



ଫୁଲବାଣୀ,୨୧/୨ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଏବେ ହଳଦୀ ଅମଳ ଋତୁ। ଚଳିତବର୍ଷ ଅନୁକୂଳ ପାଣିପାଗ କାରଣରୁ ଜିଲ୍ଲାରେ ହଳଦୀ ଫସଲ ବେଶ୍ ଭଲ ହୋଇଛି ଏବଂ ଅମଳ ମଧ୍ୟ ବମ୍ପର ହୋଇଛି। କେତେକ ସ୍ଥାନରେ ହଳଦୀ ଅମଳ ଶେଷ ହୋଇଯାଇଥିବା ବେଳେ ଆଉ କେତେକ ସ୍ଥାନରେ ଅମଳ ଜାରି ରହିଛି। ଜିଲ୍ଲା ପ୍ରଶାସନର ତଥ୍ୟ ଅନୁସାରେ, ଚଳିତ କୃଷିବର୍ଷ ୨୦୨୪-୨୫ରେ କନ୍ଧମାଳ ଜିଲ୍ଲାରେ ମୋଟ ୧୪ହଜାର ହେକ୍ଟର ଜମିରେ ହଳଦୀ ଚାଷ କରାଯାଇଛି। ଏହାବ୍ୟତୀତ ଆଉ କେତେକ ସ୍ଥାନରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଅଳ୍ପ ପରିମାଣ ଜମିରେ ହଳଦୀ ଚାଷ କରିଛନ୍ତି। କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି, କ.ନୂଆଗାଁ, ରାଇକିଆ, ଘୁ.ଉଦୟଗିରି ଏବଂ ଫିରିଙ୍ଗିଆ ଆଦି ୫ଟି ବ୍ଲକ୍‌ରେ ଜିଲ୍ଲାର ମୋଟ ହଳଦୀ ଚାଷର ୯୫ ପ୍ରତିଶତ ହେଉଥିବା ବେଳେ ବାକି ୭ଟି ବ୍ଲକ୍‌ରେ ମାତ୍ର ୫ ପ୍ରତିଶତ ହଳଦୀ ଚାଷ ହୋଇଥାଏ। ତେବେ ଚଳିତବର୍ଷ ଦାରିଙ୍ଗବାଡ଼ି, କ.ନୂଆଗାଁ, ରାଇକିଆ, ଘୁ.ଉଦୟଗିରି ଏବଂ ଫିରିଙ୍ଗିଆରେ ହଳଦୀର ବମ୍ପର ଉତ୍ପାଦନ ହୋଇଛି। ସାଧାରଣତଃ, ପ୍ରତିବର୍ଷ ଏପ୍ରିଲ-ମେ ମାସ ବେଳକୁ ହଳଦୀ ଲଗାଯାଇଥାଏ ଏବଂ ଜାନୁଆରିରୁ ଫେବ୍ରୁଆରି ମଧ୍ୟରେ ଅମଳ ହୋଇଥାଏ। କନ୍ଧମାଳ ଜିଲ୍ଲାର ହଳଦୀ ଚାଷୀମାନେ ପ୍ରତିବର୍ଷ ଅମଳ ସମୟରେ ହଳଦୀର 'ମା ମୁଣ୍ଡା' (ବିହନ) ସଂଗ୍ରହ କରି ରଖି ଫିଙ୍ଗର୍‌କୁ ବିକ୍ରି କରିଥାନ୍ତି। ଚଳିତବର୍ଷ ଅଧିକ ଉତ୍ପାଦନ ଯୋଗୁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଥିବା କହିଛନ୍ତି। ଚାଷୀଙ୍କଠାରୁ ହଳଦୀ କିଏ କିଣିବ, ତାହା ଏବେ ପ୍ରଶ୍ନବାଚୀ ପାଲଟିଛି। ଯଦିଓ 'କସମ' (କନ୍ଧମାଳ ଆପେକ୍ସ ସ୍ପାଇସ୍ ଆସୋସିଏସନ୍ ଫର ମାର୍କେଟିଂ) ଏହି ଚାଷୀଙ୍କଠାରୁ ଅଳ୍ପ କିଛି ମାତ୍ରାରେ ହଳଦୀ କିଣିଥାଏ, ତାହା ସମୁଦ୍ରକୁ ଶଙ୍ଖେ। କନ୍ଧମାଳରେ ହଳଦୀ ପ୍ରଚୁର ପରିମାଣରେ ଅମଳ ହୋଇଥିବାରୁ ବର୍ତ୍ତମାନ ଜିଲ୍ଲାର ଗ୍ରାମାଞ୍ଚଳରେ ମାଳମାଳ ଆନ୍ଧ୍ର ବେପାରୀ ଅଖା ବସ୍ତା ଧରି ବୁଲୁଛନ୍ତି ଏବଂ କମ୍ ଦରରେ ଚାଷୀଙ୍କଠାରୁ କିଣି ନେଉଛନ୍ତି ବୋଲି କହିଛନ୍ତି ହଳଦୀ ଚାଷୀ ସୁରେଶ୍ୱର ପ୍ରଧାନ। ଅନ୍ୟପଟେ, 'କସମ' ଚଳିତବର୍ଷ କନ୍ଧମାଳ ଜିଲ୍ଲାର ଚାଷୀଙ୍କଠାରୁ ଏକହଜାର ମେଟ୍ରିକ୍ ଟନ୍ ହଳଦୀ କିଣିବ ବୋଲି ଏହାର ସମ୍ପାଦକ ସଞ୍ଜିତ ପଟ୍ଟନାୟକ ସୂଚନା ଦେଇଛନ୍ତି। ଯଦିଓ ସରକାର ହଳଦୀର ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରିନାହାନ୍ତି, ତଥାପି କନ୍ଧମାଳ ଜିଲ୍ଲା ପ୍ରଶାସନ ଏକ ମୂଲ୍ୟ ଧାର୍ଯ୍ୟ କରିଛନ୍ତି। କନ୍ଧମାଳ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ କରିଥିବା ଏମ୍‌ଏସ୍‌ପି ଅନୁଯାୟୀ, କଞ୍ଚା ହଳଦୀ କିଲୋ ପିଛା ୩୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଶୁଖିଲା ହଳଦୀ କିଲୋ ପିଛା ୧୦୦ ଟଙ୍କାରେ ବିକ୍ରି ହେଉଛି। ହଳଦୀଗୁଣ୍ଡ କିଲୋ ପ୍ରତି ୧୫୦ ଟଙ୍କାରେ ବିକ୍ରି ହେଉଛି। କିନ୍ତୁ ଆନ୍ଧ୍ରର ବେପାରୀମାନେ କନ୍ଧମାଳ ଜିଲ୍ଲା ପ୍ରଶାସନ ସ୍ଥିର କରିଥିବା ଦରଠାରୁ ବହୁ କମ୍ ଦରରେ ଚାଷୀଙ୍କଠାରୁ ହଳଦୀ କିଣି ନେଇ ଯାଉଛନ୍ତି। ଏହା ଫଳରେ ପରିଶ୍ରମ ଓ ଅର୍ଥ ବିନିମୟରେ ଚାଷ କରି ଚାଷୀ ନିଜ ଉତ୍ପାଦିତ ହଳଦୀର ଉପଯୁକ୍ତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପଟେ, କେବଳ 'କସମ'କୁ ଛାଡ଼ିଦେଲେ କନ୍ଧମାଳ ଜିଲ୍ଲାରେ ଅନ୍ୟ କୌଣସି ହଳଦୀ ପ୍ରକ୍ରିୟାକରଣ ୟୁନିଟ୍ ନାହିଁ କିମ୍ବା ଏହାର ମୂଲ୍ୟଯୁକ୍ତ ନେଇ କୌଣସି କାର୍ଯ୍ୟକ୍ରମ ନାହିଁ। କନ୍ଧମାଳରେ ଏକ ମସଲା ପାର୍କ ପ୍ରତିଷ୍ଠା ହେବାକୁ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିଲା। ମାତ୍ର ପ୍ରସ୍ତାବିତ ମସଲା ପାର୍କର ରୂପରେଖ ଏଯାଏ ସ୍ଥିର ହୋଇପାରିନାହିଁ।

## ୮ ମାସରେ ୩, ୭୧୭ ମୃତ

ଭୁବନେଶ୍ୱର, ୨୧/୨ : ଓଡ଼ିଶାରେ ସଡ଼କ ଦୁର୍ଘଟଣା ସଂପର୍କରେ ଏକ ସାଂଘାତିକ ଚିତ୍ର ସାମାନାକୁ ଆସିଛି। ଓଡ଼ିଶାରେ ଦେଶର ୩% ଗାଡ଼ି ଥିବା ବେଳେ ଦୁର୍ଘଟଣାଜନିତ ମୃତ୍ୟୁ ହାର ୪୮% ରହିଛି। ଦେଶରେ ସଡ଼କ ଦୁର୍ଘଟଣା ମୃତ୍ୟୁ ହାର ୩୬% ଥିବା ବେଳେ ଓଡ଼ିଶାରେ ମୃତ୍ୟୁ ହାର ଜାତୀୟ ହାରଠାରୁ ଯଥେଷ୍ଟ ଅଧିକ। ବିଧାନସଭାରେ ଲିଖିତ ଉତ୍ତର ଦେଇ ଓଡ଼ିଶାରେ ସଡ଼କ ଦୁର୍ଘଟଣାର ଭୟାନକ ସ୍ଥିତି ସଂପର୍କରେ ସୂଚନା ଦେଇଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ବିଶ୍ୱରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ଭାରତରେ ସର୍ବାଧିକ। ଦେଶରେ ୩୮.୯୯ କୋଟି ଯାନ ପଞ୍ଜୀକୃତ ହୋଇଥିବା ବେଳେ ଓଡ଼ିଶାରେ ଏହି ସଂଖ୍ୟା ୧.୧୯ କୋଟି ରହିଛି। ଦେଶର ସମୁଦାୟ ଯାନ ସଂଖ୍ୟା ହେଉଛି ୩.୦୫%। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ଦ୍ୱାରା ୨୦୨୨ ମସିହାରେ ପ୍ରକାଶିତ ତଥ୍ୟ ଅନୁଯାୟୀ ସଡ଼କ ଦୁର୍ଘଟଣାରେ ଦେଶରେ ଓଡ଼ିଶା ୧୩ ନମ୍ବର ସ୍ଥାନରେ ରହିଛି। ସେହିପରି ଗତବର୍ଷଠାରୁ ୨୦୨୫ ଜାନୁଆରି ପର୍ଯ୍ୟନ୍ତ ଓଡ଼ିଶାରେ ୬୩୨୭ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୩୭୧୭ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୪୦୧ଜଣ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ମଧ୍ୟରେ ୯୧୮ଟି ମାମଲା ଦ୍ରୁତ ଗାଡ଼ି ଚାଳନା, ୧୦୫୨ଟି ବେପରୁଆ ଗାଡ଼ି ଚାଳନା ଓ ୪୬ଟି ମଦ୍ୟପାନ ଓ ୪୬୭୭ଟି ଅନ୍ୟାନ୍ୟ କାରଣ ପାଇଁ ଘଟିଛି। ପ୍ରତ୍ୟେକ ଦୁର୍ଘଟଣା ମୃତ୍ୟୁର ଏକ ଯୁଗ୍ମ ଯାଞ୍ଚ ପୁଲିସ, ପରିବହନ ବିଭାଗ ଓ ରାସ୍ତା ନିର୍ମାଣ ବିଭାଗ ଦ୍ୱାରା କରାଯାଉଛି। ଯଦି ଦୁର୍ଘଟଣାରେ ୩ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥାଏ ତାହେଲେ ଦୁର୍ଘଟଣାଗୁଡ଼ିକର ତଦନ୍ତ ଏକ ବିଶେଷଜ୍ଞ ଦଳ ଦ୍ୱାରା କରାଯାଇ ଏହାର ରିପୋର୍ଟ ଜିଲ୍ଲା ପ୍ରଶାସନ, ପୁଲିସ, ପରିବହନ ଓ ରାସ୍ତା ନିର୍ମାଣ କାର୍ଯ୍ୟାଳୟକୁ ପଠାଯାଉଛି। ଦୁର୍ଘଟଣାପ୍ରବଣ ରାସ୍ତାଗୁଡ଼ିକରେ ଆଇଇଏମ୍‌ଏସ୍ ପ୍ରଚଳନ କରାଯାଇଛି। ବ୍ଲାକ୍ ସ୍ପଟ୍ ଚିହ୍ନଟ କରାଯିବା ସହ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ରାଜ୍ୟର ୮ଶହ କିମି ରାସ୍ତାରେ ରୋଡ୍ ସାଇନେଜ୍ ଓ ମାର୍କିଂର ଅଡିଟ୍ କରାଯାଇ ଏହାର ସୁପାରିସଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି। ସଡ଼କ ସୁରକ୍ଷା ଉଲ୍ଲଂଘନକାରୀଙ୍କ ଡ୍ରାଇଭିଂ ଲାଇସେନ୍‌ସ ମୋଟର ଯାନ ଆଇନ ଅନୁଯାୟୀ ୩ମାସ ପାଇଁ ନିଲମ୍ବନ ମଧ୍ୟ କରାଯାଉଛି। ରାଜ୍ୟରେ ସଡ଼କ ଦୁର୍ଘଟଣା ରୋକିବା ପାଇଁ ସରକାର ଭାରୀଯାନ ଚାଳକମାନଙ୍କୁ 'ସୁବାହକ' ଯୋଜନାରେ ରିଫ୍ରେସର ତାଲିମ୍ ପ୍ରଦାନ କରୁଛନ୍ତି। ଦୁର୍ଘଟଣାର ପ୍ରଥମ ପ୍ରତିକ୍ରିୟାକାରୀ ବ୍ୟକ୍ତିମାନଙ୍କୁ ପ୍ରାଥମିକ ଚିକିତ୍ସାର ସ୍ୱତନ୍ତ୍ର ତାଲିମ ପ୍ରଦାନ କରିବା ପାଇଁ ରାଜ୍ୟରେ 'ରକ୍ଷକ' ଯୋଜନା କାର୍ଯ୍ୟକାରୀ ହୋଇଛି। ଏ ପର୍ଯ୍ୟନ୍ତ ୧୩ହଜାର ପ୍ରଥମ ପ୍ରତିକ୍ରିୟାକାରୀ ଏହି ଯୋଜନାରେ ତାଲିମ୍ ନେଇଛନ୍ତି। ଜୁନିୟର ରକ୍ଷକ କାର୍ଯ୍ୟକ୍ରମ ମାଧ୍ୟମରେ ଏନ୍‌ସିସି କ୍ୟାଡେଟ୍‌ମାନଙ୍କୁ ସଡ଼କ ସୁରକ୍ଷା ଓ ପ୍ରାଥମିକ ଚିକିତ୍ସା ତାଲିମ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ୧୧ହଜାର ଏନ୍‌ସିସି କ୍ୟାଡେଟ୍ ତାଲିମ ନେଇ ସାରିଲେଣି। ପିକ୍‌ନିକ୍ ସମୟରେ ସଡ଼କ ସୁରକ୍ଷାକୁ ନଜରରେ ରଖି ସ୍ୱତନ୍ତ୍ର ଏସ୍‌ଓପି ପ୍ରଣୟନ କରାଯାଇଛି। ବିଳମ୍ବିତ ରାତିରେ ଦୂରଗାମୀ ଭାରୀଯାନ ଚାଳକଙ୍କୁ ଅନିଦ୍ରାଜନିତ କ୍ଳାନ୍ତିକୁ ଏଡ଼ାଇବା ପାଇଁ ରାସ୍ତା ପାର୍ଶ୍ୱ ଢାବାମାନଙ୍କରେ ମାଗଣା ଚା' ପ୍ରଦାନ କରାଯାଉଛି। ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର ଏନ୍‌ଫୋର୍ସମେଣ୍ଟ ପାଇଁ ୩୭ଟି ଇଣ୍ଟରସେପ୍ଟର ଓ ୩୮ଟି ହାଇୱେ ପାଟ୍ରୋଲିଂ ଯାନ ମୁତୟନ କରାଯାଇଛି। ସବୁ ଜିଲ୍ଲାରେ ମାସକୁ ପ୍ରାୟ ୫ଟି ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଅଭିଯାନ କରାଯାଉଛି। ବିଧାୟକ ଅରୁଣ ସାହୁ ଓ ସୁବାସିନୀ ଜେନା ଏ ସଂପର୍କିତ ପ୍ରଶ୍ନ କରିଥିଲେ।

## ଗ୍ରୀଷ୍ମ ଆରମ୍ଭରୁ ଶୁଖିଲାଣି ସିର୍କି ଡ୍ୟାମ, କ୍ଷୁଦ୍ର ଜଳ ସେଚନ ବିଭାଗ ନିଷ୍କ୍ରିୟ

ଘୁ ଉଦୟଗିରି, ୨୧/୨ : ରାଜ୍ୟ ସରକାରଙ୍କ ଦ୍ୱାରା ଘୁ ଉଦୟଗିରି ବାସୀଙ୍କ ନିମନ୍ତେ ପାନୀୟ ଜଳ ଯୋଗାଣ ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ ବ୍ୟୟରେ ସିର୍କି ଘାଇ ଠାରୁ ପାଣି ଆଣି ବ୍ଲକ ନିକଟ ଚନ୍ଦନ ସାହିରେ ଓଭର ହେଡ ଟ୍ୟାଙ୍କ ସହିତ ଫିଲଟର ଓ ସଂରକ୍ଷଣ ପାଇଁ ବ୍ୟବସ୍ଥା କରାଯାଇଛି ।କିନ୍ତୁ ଦୁଃଖ ଓ ପରିତାପର ବିଷୟ ଫେବୃଆରୀ ମାସରୁ ଘୁ ଉଦୟଗିରି ବାସୀଙ୍କ ନିମନ୍ତେ ଜଳ କଷ୍ଟ ଆରମ୍ଭ ହେଲାଣି। ସହରାଞ୍ଚଳ ପାନୀୟ ଜଳ ଯୋଗାଣ ବିଭାଗ ଅଧୀନରେ ସିର୍କି ଘାଇରେ ଜଳ ଉଠାଣ ବ୍ୟବସ୍ଥା ହୋଇଛି। ଯେଉଁ ସ୍ଥାନରୁ ଜଳ ଉଠା ଯିବ ସେହି ସ୍ଥାନକୁ ଆଉ ପାଣି ଯାଉ ନାହି କାରଣ ଘାଇର ପାଣି ଶୁଖି ଗଲାଣି ।ସେପଟେ ଘାଇରେ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ କେନାଲରେ ଜଳ ନିଷ୍କାସନ କରିବା ନିମନ୍ତେ ଯେଉଁ ଗେଟ୍ ତିଆରି ହୋଇଛି ସେହି ଗେଟର ଚାବି ଭାଙ୍ଗି ଯାଇଛି । ଯାହାକି ସେହି ଗେଟ୍ ବର୍ତ୍ତମାନ ଅଚଳ ଅବସ୍ଥାରେ ରହିଛି । ସେହି ଗେଟ୍ ଦ୍ୱାରା ପ୍ରବଳ ମାତ୍ରାରେ ଜଳ ବାହାରକୁ ଯାଇ ନଷ୍ଟ ହେଉଛି ।ଦାୟୀତ୍ୱରେ ଥିବା ବିଭାଗୀୟ ଅଧିକାରୀ ଉକ୍ତ ବିଷୟ ପ୍ରତି ଧ୍ୟାନ ଦେଉନାହାନ୍ତି ମରାମତି ପାଇଁ, ଯନ୍ତ୍ରୀ,କିମ୍ବା ସହକାରି ଯନ୍ତ୍ରୀ ସେହି କାର୍ଯ୍ୟ ମରାମତି କରିବା ପାଇଁ ତତ୍ପରତା ଦେଖାଉ ନାହାନ୍ତି ଯାହା ଫଳରେ ଆଜି ଘାଇରେ ଅକାରଣରେ ପାଣି ଯାଉଛି ଓ ନଷ୍ଟ ହେଉଛି। ଆଗାମୀ ଦିନରେ ସହରବାସୀ କେଉଁ ସ୍ଥାନର ପାଣି ବ୍ୟବହାର କରିବେ ଓ କଣ କରିବେ ବୋଲି ପ୍ରଶ୍ନ ଉଠିଲାଣି। ଅନ୍ୟପକ୍ଷରେ ଘାଇର ତଳ ଅଂଶରେ କୌଣସି ସ୍ଥାନରେ ଚାଷ



କରାଯାଉନାହିଁ,ଯେଉଁ ସ୍ଥାନରେ ଚାଷ ହେଇଛି ସେହି ଜମିକୁ ଅନ୍ୟ ସ୍ଥାନରୁ ପାଣି ଆସୁଛି। ଏପଟେ ସିର୍କି ଡ୍ୟାମର ପାଣି ଅବସ୍ଥା ଦେଖି ସହରାଞ୍ଚଳ ପାନୀୟ ଜଳ ଯୋଗାଣ ବିଭାଗର ଅଧିକାରୀ ଅନେକ ଥର କ୍ଷୁଦ୍ର ଜଳସେଚନ ବିଭାଗୀୟ ଅଧିକାରୀଙ୍କୁ ଜଳ ନିଷ୍କାସନ ହେଉଥିବା ସ୍ଥାନର ଚାବି ମରାମତି କରିବା ସହିତ ସମସ୍ୟାର ସମାଧାନ କରିବା ପାଇଁ କହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ହୋଇ ପାରୁନାହିଁ ।ଏହି ସମସ୍ୟା ଆଜି କି କାଲିର ନୁହଁ ଏହା ଦୀର୍ଘ ଏକ ବର୍ଷର। ବାରମ୍ବାର ଏହି ସମସ୍ୟା ବିଷୟରେ ବିଭାଗୀୟ ଅଧିକରୀଙ୍କୁ ଅବଗତ କରେଇବା ସହ ଜିଲ୍ଲା ପ୍ରଶାସନ କୁ ଅବଗତ କରାଯିବା ପରେ ମଧ୍ୟ ସମସ୍ୟାର ଏକ ବର୍ଷ ପରେ ମଧ୍ୟ ଫଳ ଶୁନ ।ପୂର୍ବରୁ ଯେମିତି କେନାଲ ରେ ପାଣି ଅନବରତ ହୋହିଯାଉଥିଲା ବର୍ତମାନ ବି ସେମିତି ନଷ୍ଟ ହେବାରେ ଲାଗିଛି। ଗତବର୍ଷ ମାର୍ଚ୍ଚ ମାସରେ ଘାଇର ପାଣି ଶୁଖିଥିବା ବେଳେ ଚଳିତ ବର୍ଷ ଫେବ୍ରୁଆରୀ ମାସରୁ ଜଳସ୍ତର କମିବାରେ ଲାଗିଲାଣି। ଆଗକୁ ଜଳ ସଙ୍କଟ ଦେଖାଦେବା ନିଶ୍ଚିତ ।ସ୍ଥାନୀୟ ସହରର ୧୩ଗୋଟି ୱାର୍ଡ ର ପ୍ରାୟ ୧୨ହଜାର ଲୋକଙ୍କୁ ପିଇବା ପାଣି ଏହି ଡ୍ୟାମ ଯୋଗାଉଥିବା ବେଳେ ସିର୍କି ଡ୍ୟାମ ପାଣି ଶୁଖିଗଲେ ସହରବାସୀ ପାଣି ଯନ୍ତ୍ରଣା ଭୋଗିବା ସୁନିଶ୍ଚିତ ।ଏଣୁ ତୁରନ୍ତ ଏହାର ସମାଧାନ କରିବା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି ।

## ମରଣଯନ୍ତା ପାଲଟିଛି ବଣ୍ଡାଘାଟି ରାସ୍ତା

ମାଲକାନଗିରି, ୨୧/୨ : ମାଲକାନଗିରି ଜିଲ୍ଲା ଖଇରପୁଟ ଛକଠାରୁ ମୁଦୁଲିପଡ଼ା ଦେଇ ବଡ଼ବେଲ ଓ ଅଣ୍ଡ୍ରାହାଲ ଅଞ୍ଚଳକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତାର ଉଭୟ ପାର୍ଶ୍ୱର୍ରେ ଥିବା ମାଟି ଗତ ଦିନରେ ହୋଇଥିବା ପ୍ରବଳ ବର୍ଷା ଜଳ ପ୍ରବାହିତ ହୋଇଥିବା ଯୋଗୁଁ ଧୋଇ ଯିବା ସହ ବିଭିନ୍ନ ସ୍ଥାନେ ବିରାଟକାୟ ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତାରେ ଥିବା ଗୋଟିଏ ପୋଲ ତଳୁ ମାଟି ଓ ପଥର ବାହାରି ଯିବାରୁ ଉକ୍ତ ପୋଲ ଉପରେ ଥିବା ଛାତର କିଛି ଅଂଶ ଝୁଲି ରହିଛି। ଅଧିକାଂଶ ସ୍ଥାନରେ ପିଚୁ ଉଠି ଗର୍ତ୍ତ ସୃଷ୍ଟି ହୋଇଛି। ଆଉ କେତେକ ସ୍ଥାନରେ ରାସ୍ତା ପାର୍ଶ୍ୱରୁ ମାଟି ଓ ପଥର ଖସି ଅଣଓସରିଆ ହୋଇଯାଇଛି। ବିପଦସଂକୁଳ ଅବସ୍ଥାରେ ଥିବା ଏହି ମୁଖ୍ୟ ରାସ୍ତା ଦେଇ ଦୈନିକ ଖଇରପୁଟ ସହର ସମେତ କୁଡୁମୁଳୁଗୁମ୍ମା, ମାଥିଲି, ଗୋବିନ୍ଦପାଲ୍ଲୀ ଓ ଅନ୍ୟାନ୍ୟ ବହୁ ପଞ୍ଚାୟତର ଲୋକେ ମଧ୍ୟ ବିପଦଜନକ ଭାବେ ଯାତାୟାତ କରୁଛନ୍ତି। ଏହା ଏକ ଘାଟି ରାସ୍ତା ହୋଇଥିବା ବେଳେ ରାସ୍ତା ଓ ରାସ୍ତାର ଉଭୟ ପାର୍ଶ୍ୱରେ ଖାଲ ସୃଷ୍ଟି ହୋଇଛି। ବିଭାଗ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରେ ସୃଷ୍ଟି ହୋଇଥିବା ଜଙ୍ଗଲକୁ ସଫା କରାଯାଉନି। ରାସ୍ତାର ଉଭୟ ପାର୍ଶ୍ୱର୍ରେ ଥିବା ସୁରକ୍ଷା ପାଚେରୀରେ ଆଦୌ ରଙ୍ଗ ମଧ୍ୟ ଦିଆଯାଇନାହିଁ। ଯାହାକି ଦୁର୍ଘଟଣାର ଏକ ମୁଖ୍ୟ କାରଣ ପାଲଟିଛି। ମରାମତି ନିମନ୍ତେ ଅଞ୍ଚଳବାସୀ ବହୁବାର ଅଧିକାରୀଙ୍କୁ ଅନୁରୋଧ କରିଥିଲେ ବି କେହି ଶୁଣୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । କୌଣସି ଏକ ବଡ ଅଘଟଣ ଘଟିବା ପୂର୍ବରୁ ତୁରନ୍ତ ଏହି ରାସ୍ତାର ମରାମତି କରିବା ପାଇଁ ଦାବି ହୋଇଛି।

## କନ୍ଧମାଳ ଜିଲ୍ଲାରେ ନିର୍ମାଣ ଶ୍ରମିକ ସମାରୋହ ଅନୁଷ୍ଠିତ

ଫୁଲବାଣୀ ୨୧/୨ (ନି.ପ୍ର): କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଆଜି ଫୁଲବାଣୀ କୋର୍ଟ ଛକସ୍ଥିତ ଗାନ୍ଧୀ ସ୍ମୃତି ଭବନଠାରେ ଆୟୋଜି ଜିତ ହୋଇଯାଇଛି । ଏହି ସମାରୋହରେ କନ୍ଧମାଳର ମାନ୍ୟବରସାଂସଦ ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଶ୍ରମିକମାନେ ଦେଶବା ରାଷ୍ଟ୍ର ନିର୍ମାଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ହେଲେ ଦେଖାଯାଏ ଯେ ସେମାନେ ସମାଜ ରେ ଏବେବି ଅବହେଳିତ ଓ ଦାରିଦ୍ରର ସୀମା ରେଖା ତଳେ ରହିଥାନ୍ତି, ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରବହୁ ବ୍ୟବସ୍ଥା କରିଛନ୍ତି ଯେପରିକି,ଶ୍ରମିକମାନଙ୍କ ପିଲାଙ୍କ ପାଇଁ ଶିକ୍ଷା ସହାୟତା, ମୃତ୍ୟୁକାଳୀନ ସହାୟତା, ଅନ୍ତ୍ୟଷ୍ଟିକ୍ରିୟା ସହାୟତା, ଶ୍ରମିକମାନଙ୍କ ପିଲାଙ୍କ ପାଇଁ ବିବାହ



ସହାୟତା ଓ ପ୍ରସୁତିକାଳୀନ ସହାୟତା, ଏହି ଏହି ସବୁ ବିଷୟରେ ରେ ସମସ୍ତ ଶ୍ରମିକ ଭାଇ ଭଉଣୀ ମାନେ ସଚେତନ ହୋଇ ଏହାର ଲାଭ ଉଠାଇ ନେବାକୁ ଅନୁରୋଧ କରିବା ସହିତ ପିଲାମାନଙ୍କୁ କାମରେ ନ ଲଗେଇ ପାଠ ପଢେଇ ଭଲ ମଣିଷକରିବାକୁ ଅନୁରୋଧ କରିଥିଲେ । ସମ୍ମାନିତ ଅତିଥିଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ରମେଶ ଚନ୍ଦ୍ର ଜେନା କହିଥିଲେ ଯେ ଶ୍ରମିକମାନଙ୍କର କେବଳ ରାଜ୍ୟ ବା ଦେଶରେ ନୁହେଁ ବିଶ୍ୱରେ ବଡ଼ ଅବଦାନ ରହି ରହିଛି । ସରକାର ଶ୍ରମିକଙ୍କ ଉନ୍ନତି ପାଇଁ ପ୍ରତିଶୃତିବଦ୍ଧ ଅଛନ୍ତି । ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ବିଶ୍ୱ ରଞ୍ଜନ କହଁର ପ୍ରାରମ୍ଭିକ ଭାଷଣରେ ଜିଲ୍ଲାରେ ଚାଲିଥିବା ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ଅଣ ପଞ୍ଜିକୃତ ଶ୍ରମିକ ଯାହାରବୟସ ୧୮ ବର୍ଷରୁ ଉର୍ଦ୍ଧ୍ୱ ଓ ୬୦ ବର୍ଷରୁ କମ୍ , ସେମାନେ ଆବଶ୍ୟକୀୟ କାଗଜାତ ଦେଇ ପଞ୍ଜିକରଣ କରି ସରକାରଙ୍କଯୋଜନାର ଲାଭ ନେବାକୁ ଅନୁରୋଧ କରିଥିଲେ । ଜିଲ୍ଲାରେ ଆର୍ଥିକ ବର୍ଷ ବର୍ଷ ୨୦୨୪-୨୫ ୨୪-୨୫, ଫେବୃଆରୀ ୧୬ ତାରିଖ ରେ ୭୪୭ ଜଣ ହିତାଧୁକାରୀଙ୍କୁ ଭିନ୍ନ ଭିନ୍ନ ସହାୟତା ରାଶି ଆକାରରେ ପ୍ରାୟ ୧ କୋଟି ୯୪ ଲକ୍ଷ ୪୪ ହଜାର ୪ପ୍ରଦାନ କରାଯାଇଥିବାର ସୂଚନା ଦେଇଥିଲେ । ଆଜି ଅତିଥିମାନଙ୍କ ଦ୍ୱାରା ୨୧୯ ଜଣ ଭିନ୍ନ ଭିନ ଭିନ୍ନ ହିତାକାରୀଙ୍କୁ ପ୍ରାୟ ୧ କୋଟି ୨ ଲକ୍ଷ ୭୩ ହଜାର ୬୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା ଏବଂ ୨୦୦ ରେ ଗୋଟି ନିର୍ମାଣ ଶ୍ରମିକ ଆଇ.ଡି କାର୍ଡ ଓ ୫୦ ଗୋଟି ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ଆଇ.ଡି କାର୍ଡ ମଧ୍ୟ ପ୍ରଦାନ କରାଯାଇଥୁଲା । ଶେଷରେ ଡିଭିଜନାଲ୍ ଶ୍ରମ କମିଶନର୍ ଶ୍ରୀ ତେଜ୍ କୁମାର ବାଗେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ । ଏହି ସମାରୋହରେ କନ୍ଧମାଳ ସାଂସଦ ପ୍ରତିନିଧି ଶ୍ରୀ ଜଗନ୍ନାଥ ସାହୁ, ଫୁଲବାଣୀ ବିଧାୟକ ପ୍ରତିନିଧି ଶ୍ରୀ ରମେଶ ଚନ୍ଦ୍ର ମହାନ୍ତି, ଡେପୁଟି କଲେକ୍ଟର ଶ୍ରୀ ସୁମନ କୁମାର ଡୁଙ୍ଗ୍ ଡୁଙ୍ଗ୍, ସହକାରୀ କଲେକ୍ଟର ଶ୍ରୀ ବିବେକନନ୍ଦ ସାମଲ, ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା,ସଂଗଠିତ ଓ ଅଣ ସଂଗଠିତ ଶ୍ରମିକ, ସରକାରୀ କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧୁମାନେ ଯୋଗଦେଇଥିଲେ ।

## ଫୁଲବାଣୀରେ ଯକ୍ଷ୍ମା ରୋଗୀଙ୍କୁ ସୁସ୍ୱାଦୁ ଖାଦ୍ୟ ବଣ୍ଟନ ଓ ମହାପ୍ରୟାଣ ସେବା ଲୋକାର୍ପିତ

ଫୁଲବାଣୀ ୨୧/୨ (ନି.ପ୍ର): କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତାଲିମ କେନ୍ଦ୍ରଠାରେ ଆଜି ଜିଲ୍ଲାର ଯକ୍ଷ୍ମା ରୋଗୀଙ୍କୁ ଖାଦ୍ୟ୍‌ବିସ୍କେଟ ବଣ୍ଟନ କରିବା ସହିତ ରକ୍ତ ଶିକୁଳୀ ରୋଗ ଚିହ୍ନଟ ପାଇଁ ଉନ୍ନତ ଯାନ୍ତ୍ରୀକ ଉପକରଣର ଉଦ୍‌ଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବରେ କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶୀକା ଅନୁଶାରେ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଆନୁକୂଲ୍ୟରେ ସମ୍ପାଦନ କରାଯାଇଛି । ପୂର୍ବରୁ ଚୁହ୍ନଟ ହୋଇଥିବା ୧୨୦ ଜଣ ଯକ୍ଷ୍ମା ରୋଗୀଙ୍କୁ ଔଷଧ ସେବନ ସମୟରେ ମାସିକ ଖାଦ୍ୟ୍‌ବିସ୍କେଟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ୨୦୨୨ ମସିହାରୁ କାର୍ଯ୍ୟକରି ଆଶୁ ଅଛି । ଚଳିତ ବର୍ଷ ଜିଲ୍ଲା ରେଡ୍ କ୍ରସ ସୋସାଇଟ୍ ଏହି ଖାଦ୍ୟ୍‌ବିସ୍କେଟ ପ୍ରଦାନ କରିଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏହି କାର୍ଯ୍ୟକ୍ରମ କୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲା। ଜିଲ୍ଲାରେ ଉନ୍ନତ ଜ୍ଞାନ କୌଶଳରେ ରକ୍ତ ଶିକୁଳୀ ରୋଗ ଚିହ୍ନଟ ପାଇଁ ଦୁଇଟିଉଚ୍ଚ ପ୍ରଯୁକ୍ତି ଯୁକ୍ତ ଯାନ୍ତ୍ରିକ ଉପକରଣ (ଏଚ୍.ପି.ଏଲ୍.ସି.) ଏବଂ ଗୋଟିଏ ୬ଟି ଆସନ ବିଶିଷ୍ଟ ନୂତନ ମହାପ୍ରୟାଣ ଗାଡ଼ି ଭାରତୀୟ ବିରଳ ମୃର୍ତ୍ତିକା ପ୍ରତିଷ୍ଠାନ (ଆଇ.ଆର୍.ଇ.ଏଲ୍.) ଛତ୍ରପୁର, ଗଞ୍ଜାମ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ



ଡା.ସନ୍ତୋଷ କୁମାର ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାରତୀୟ ବିରଳ ମୃର୍ତ୍ତିକା ପ୍ରତିଷ୍ଠାନ(ଆଇ.ଆର୍.ଇ.ଏଲ୍.)କୁ ସାଧୁବାଦ ଜଣାଇବା ସହିତ ବିଭିନ୍ନ ସଂସ୍ଥା ସହିତ ସହବନ୍ଧନ କରି ଜିଲ୍ଲାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ସଦାସର୍ବଦା ଉଦ୍ୟମରତ କନ୍ଧମାଳ ଜିଲ୍ଲାପାଳ ଶ୍ରୀ ଅମୃତ୍ ଋତୁରାଜ୍‌ଙ୍କୁ ମଧ୍ୟ ସାଧୁବାଦ ଜଣାଇଥିଲେ। ଉକ୍ତ ବୈଠକରେ ଫୁଲବାଣୀ ଭେଷଜ ମହାବିଦ୍ୟାଳୟ ଅଧ୍ୱକ୍ଷକ ଡା. ନରେନ୍ଦ୍ର କୁମାର ବେହେରା, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରତିନିଧୂ ଡା. ଶ୍ୟାମବନ୍ଧୁ ରଥ ଓ ଡା. ରଞ୍ଜିତା, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କଲ୍ୟାଣୀ ମିଶ୍ର, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ମ୍ୟାଲେରିଆ) ଡା. ଅରବିନ୍ଦ ଦାଶ, ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡା. ଜୟଦୀପ ଘୋଷ, ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ପରିଚାଳକ ଶ୍ରୀ ମନୋରଞ୍ଜନ ସାହୁ, ଭାରତୀୟ ବିରଳ ମୃର୍ତ୍ତିକା ପ୍ରତିଷ୍ଠାନ ପ୍ରତିନିଧି ଶ୍ରୀ ଅମୁଲ୍ୟରତ୍ନ ପଣ୍ଡା, ଜିଲ୍ଲା ଯକ୍ଷ୍ମା ସଂଯୋଜକ ଶ୍ରୀ ସଞ୍ଜୟ କୁମାର ସାହୁ, ଜିଲ୍ଲା ଅଣ ସଂକ୍ରମକ ରୋଗ ପରିଚାଳକ ଶ୍ରୀ ଅଶୋକ କୁମାର ସାହୁ ଓ ବରିଷ୍ଠ ନାଗରିକ ସଂଘ, ଫୁଲବାଣୀର ପ୍ରତିନିଧିମାନେ ଏଭଳି ଏକ ମହତ୍ୱ ପୂର୍ଣ୍ଣ କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଡା. ପାଢ଼ୀ ରକ୍ତ ଶିକୁଳୀ ରୋଗ ଚିହ୍ନଟ ପାଇଁ ଆସିଥିବା ଯାନ୍ତ୍ରିକ ଉପକରଣକୁ ଅନାବରଣ ପୂର୍ବକ ଉଦ୍‌ଘାଟନ କରିବା ସହିତ ନୂତନ ମହାପ୍ରୟାଣ ଗାଡ଼ିର ଜନସାଧାରଣଙ୍କ ସେବାରେ ଲୋକାର୍ପିତ କରିଥିଲେ । ଏହାଦ୍ୱାରା ମୁଖ୍ୟ ଡାକ୍ତର ଖାନାରେ ଚିକିତ୍ସାରତ ଅବସ୍ଥାରେ ମୃତ୍ୟୁ ବରଣ କରୁଥିବା ଗରିବ ଶ୍ରେଣୀର ରୋଗୀଙ୍କ ପରିବାର ପାଇଁ ଏକ ମହାପ୍ରୟାଣ ଆମ୍ବୁଲାନ୍ସ ର ସହଜ ସୁବିଧା ଯୋଗାଇ ଦିଆ ଯାଇପାରିବ ବୋଲି ସାଧାରଣ ରେ ଆଶା ବ୍ୟକ୍ତ କରିଥିବା ଦେଖିବାକୁ ମିଳିଛି ।

## ଜିଲ୍ଲା ପ୍ରଶାସନ ର ବାଲ୍ୟ ବିବାହ ନିଷେଧ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ

### କଡାକଡି ଲାଗୁହେବ ବାଲ୍ୟବିବାହ ନିଷେଧ ଆଇନୀ ୨୦୦୬ ଓ ଥାନାରେ ଦରଜ/ପଞ୍ଜିକୃତ ହେବ ପ୍ରତ୍ୟକ ବାଲ୍ୟ ବିବାହ ଅଭିଯୋଗ...

ଯାଜପୁର , ୨୧/୨: ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଠ ଜେନା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ବାଲ୍ୟବିବାହ ନିଷେଧ ଆଇନ ସମ୍ପର୍କିତ ସମୀକ୍ଷା ବୈଠକ.. ।ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଅଂଶୀଦାର ସମୂହଙ୍କ ସ୍ୱାଗତ କରିବାସହ ସମୀକ୍ଷା ବୈଠକ ର ଉଦେଶ୍ୟ ଉପରେ ଆଲୋକପାତ କରିବାସହ ଆଗାମୀ ଦିନରେ ଜିଲ୍ଲା କୁ ବାଲ୍ୟବିବାହ ମୁକ୍ତ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାପାଇଁ ମତାମତ ଲୋଡ଼ିଥିଲେ. ।ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନିରୁଦ୍ଧ ରାଉତରାୟ, ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଶାନ୍ତ କୁମାର ମାଝି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ପ୍ରକାଶ ଚନ୍ଦ୍ର ବଳ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ, ସୁରକ୍ଷା ଅଧିକାରୀ ସୁନନ୍ଦା ଦାସ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁକିନ୍ଦା ସୁଜାତା ମହାପାତ୍ର ଓ ଦାନଗଦି ସିଡିପିଓ ନନ୍ଦିନୀ ଲେଙ୍କା ପ୍ରମୁଖ ଯୋଗଦେଇ କାର୍ଯ୍ୟସୂଚୀ ଉପରେ ନିଜ ମତାମତ ରଖିଥିଲେ। ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣା ଜେନା କହିଲେ କି ବାଲ୍ୟ ବିବାହ ଶିଶୁମାନଙ୍କ ପାଇଁ ହିଂସା ସଦୃଶ ଏହା ଦ୍ୱାରା ଶିଶୁଟି ତାର ଶିକ୍ଷା ଅଧିକାରରୁ ବଂଚିତ ହୋଇଥାଏ ଓ ଅନେକ ଅସୁବିଧା ଜନକ ପରିସ୍ଥିତି ଦେଇ ଗତିକରିଥାଏ ।ସ୍ୱାସ୍ଥ୍ୟଗତ ଓ ମାନସିକ ସ୍ତରରେ କ୍ଷତିଗ୍ରସ୍ତ ହୋଇଥାଏ ।..ତୃଣମୂଳ ସ୍ତରରୁ ଜିଲ୍ଲା ପର୍ଯ୍ୟନ୍ତ ସମସ୍ତ ଅଂଶୀଦାର ସମୂହ ଓ ବିଭିନ୍ନ କମିଟି ର ବୈଠକ ଓ ଅଂଶୀଦାର ମାନଙ୍କ ମଧ୍ୟରେ ସମ୍ୱନନ୍ୱୟ ରଖି ଆମେ ଆମ ଲକ୍ଷସ୍ଥଳରେ ପହଂଚିପାରିବା ।



ଅମପାଖରେ ମାନବ ସମ୍ୱଳ ର ଅଭାବ ନାହିଁ,କିନ୍ତୁ ମାନସିକତା ଅଭାବ ରହିଛି ।ଅଂଶୀଦାର ସମୂହ ନିଜ ଦାୟିତ୍ୱ ନିର୍ବାହ କଲେ ଆମର ଜିଲ୍ଲାକୁ ବାଲ୍ୟବିବାହ ମୁକ୍ତ କରିପାରିବା ।ଯେଉଁମାନେ ବାଲ୍ୟବିବାହ ହେଉଛି ବୋଲି ଅବଗତ ଥାଇ ଉପରିସ୍ଥ ବାଲ୍ୟିବାହରେ ସମ୍ପୃକ୍ତ ବ୍ୟକ୍ତି ବିଶେଷ ବିରୋଧରେ ନିକଟସ୍ଥ ପୋଲିସ ଥାନାରେ ଅଭିଯୋଗ ଦାଖଲ କରିବା ଆମର ଦାୟିତ୍ୱ ।ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ ମତ ଦେଇଥିଲେକି ପ୍ରତ୍ୟକ ବିଦ୍ୟାଳୟ ରେ କିଶୋରୀ ମାନଙ୍କ ପାଇଁ ଉଚିତ ପରାମର୍ଶ ଦିଆଯାଉଛି। ଆବଶ୍ୟକ ସ୍ଥଳେ ଅଦବିକା କାର୍ଯ୍ୟକ୍ରମ ବିଷୟରେ ପିଲାମାନଙ୍କୁ ଅବଗତ କରାଯିବ. ।.ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ପ୍ରକାଶ ଚନ୍ଦ୍ର ବଳ କହିଲେକି ଗାଁ କଲ୍ୟାଣ ସମିତିର ବୈଠକରେ ଶିଶୁ ସୁରକ୍ଷା ଓ ଅଧିକାର ଉପରେ ବିଶେଷ ଆଲୋଚନା ହେବ ଉକ୍ତ କାର୍ଯ୍ୟକ୍ରମରେ ପିଲା ପ୍ରତିନିଧି ଯୋଗଦାନ କରିବେ। ପ୍ରତ୍ୟକ ପଞ୍ଚାୟତ ହେବ ଶିଶୁଅନୁକୂଳ ପଂଚାୟତ, ଜିଲ୍ଲାରେ ବିଭିନ୍ନ ଧର୍ମସ୍ଥଳୀରେ ବାଲ୍ୟବିବାହ ନିଷେଧ ଆଇନ ସପର୍କିତ ପୋଷ୍ଟର ଲାଗିବ । କିଶୋର କିଶୋରୀ ମାନଙ୍କ ବ୍ଲକ ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେବ ।ସରକାର ପଂଚାୟତ ସ୍ତରରେ ପିଇଓ, ସ୍କୁଲ ପ୍ରଧାନ ଶିକ୍ଷକ ଓ ଆବାସିକ ବିଦ୍ୟାଳୟ ର ୱାର୍ଡେନ ମାନଙ୍କୁ ବାଲ୍ୟ ବିବାହ ନିଷେଧ ଅଧିକାରୀ ରୂପେ ବିଜ୍ଞାପ୍ତି ପ୍ରକାଶ କରିଛନ୍ତି ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda    Mananging Editor- Sarangdhar Senapati    ସଂପାଦକ- ବଳରାମ ପ୍ରସାଦ ନନ୍ଦ